R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୩୬
ତିଥି : ଷଷ୍ଠୀ
୧୩ ସେପ୍ଟେମ୍ବର ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 336
13 Sept 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ସୁଶିଳା କାର୍କୀ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୨।୯ : ନେପାଳର ପୂର୍ବତନ ମୁଖ୍ୟ ବିଚାରପତି ସୁଶିଳା କାର୍କୀ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୁକ୍ରବାର ରାତିରେ ସେ ଶପଥ ଗ୍ରହଣ କରିଛନ୍ତି। ନେପାଳର ସେ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ଭାରତୀୟ ସମୟ ୯.୩୦ରେ ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ତାଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ପରେ ପ୍ରଥମ କ୍ୟାବିନେଟ୍ ବୈଠକରେ ୨୦୨୬ ମାର୍ଚ୍ଚ ୪ରେ ସାଧାରଣ ନିର୍ବାଚନ ହେବ ବୋଲି ଘୋଷଣା କରିଛନ୍ତି। ଆସନ୍ତା ୬ ମାସ ମଧ୍ୟରେ ନିର୍ବାଚନ କରାଯିବ। ଏହାଛଡା ସେ ନେପାଳର ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜରୁରୀକାଳିନ ପରିସ୍ଥିତି ଜାରି କରିଛନ୍ତି। ଏହା ତୁରନ୍ତ ଲାଗୁ କରାଯିବ।

ନେପାଳର ପୂର୍ବ ସରକାର ବିରୋଧରେ ଚାଲିଥିବା ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ହୋଇଥିବା ହିଂସାରେ ବର୍ତ୍ତମାନସୁଦ୍ଧା ୫୧ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତା' ମଧ୍ୟରେ ଜଣେ ଭାରତୀୟ ମହିଳା ଅଛନ୍ତି। ମୃତ ମହିଳା ଜଣକ ଗାଜିଆବାଦର ବୋଲି ଜଣାପଡିଛି। ହିଂସାରେ ମଧ୍ୟ ଶତାଧିକ ଆହତ ହୋଇଥିଲେ। ନେପାଳରେ ଏକ ରାଜନୈତିକ ଶୂନ୍ୟତା ଦେଖାଦେଇଥିଲେ। (୯ ପୃଷ୍ଠାରେ)

## ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ରାଧାକ୍ରିଷ୍ଣନ୍

ନୂଆଦିଲ୍ଲୀ, ୧୨।୯ : ଦେଶର ପଞ୍ଚଦଶତମ ଉପରାଷ୍ଟ୍ରପତି ଭାବେ ସିପି ରଧାକ୍ରିଷ୍ଣନ୍ ଆଜି ଶପଥ ଗ୍ରହଣ କରିଛନ୍ତି। ଏହାଛଡା ରାଜ୍ୟସଭା ଅଧ୍ୟକ୍ଷ ଭାବେ ମଧ୍ୟ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।



ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ଉପରାଷ୍ଟ୍ରପତି ଜଗଦ୍ଦୀପ ଧନଖଡ, ଭେଙ୍କୟା ନାଇଡୁ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ପାଇଁ ଭୋଟ୍ ଗ୍ରହଣ କରାଯାଇଥିଲା। ଶ୍ରୀ ରାଧାକ୍ରିଷ୍ଣନ୍ ୪୫୨ ଭୋଟ୍ ପାଇ ବିଜୟୀ ହୋଇଥିଲେ। ବିରୋଧୀ ଦଳର ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ୍ ପାଇଥିଲେ। ଶପଥଗ୍ରହଣ (୯ ପୃଷ୍ଠାରେ)

## ଲଘୁଚାପ ଯୋଗୁଁ ଦକ୍ଷିଣରେ ବର୍ଷିବ

ଭୁବନେଶ୍ୱର, ୧୨।୯ (ସବ୍ୟୁ): ପଶ୍ଚିମ କେନ୍ଦ୍ରୀୟ ଏବଂ ପାଶ୍ୱର୍ବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ

**ମୌସୁମୀ ପ୍ରତ୍ୟାବର୍ତ୍ତନ ଲାଗି ପାଗ ଅନୁକୂଳ**

ବର୍ଷା ଜାରି ରହିଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସେପଟେ ଉତ୍ତର ପଶ୍ଚିମ ଭାରତର କିଛି ଅଂଶରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ପୂରା ଅନୁକୂଳ ରହିଛି । ସପ୍ତାହ ଭିତରେ ରାଜସ୍ଥାନରୁ ମୌସୁମୀ ଫେରିବ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ପଶ୍ଚିମ କେନ୍ଦ୍ରୀୟ ଏବଂ ପାଶ୍ୱର୍ବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଉତ୍ତର (୯ ପୃଷ୍ଠାରେ)

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୯ (ସବ୍ୟୁ) : ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପରିଯୋଜନା ଓ ଭବିଷ୍ୟତର ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ।



ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୩ ଦିନିଆ ଦିଲ୍ଲୀ ଗସ୍ତରେ ଅଛନ୍ତି। ଆଜି ସେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍‌ଙ୍କ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ସେ ଆଉକିଛି କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡା ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏକ୍ ପେଡ୍ ମା'କେ ନାମ୍ ୨.୦ ଅଭିଯାନରେ ସାମିଲ ହେବାପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ପରିବେଶ, ପ୍ରକୃତି ଓ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଏହା ଏକ ଦୃଢ଼ ସଙ୍କଳ୍ପ। ଓଡ଼ିଶାରେ ୨୫ ଲକ୍ଷ ଚାରା ରୋପଣର ମହତ୍ୱ ଲକ୍ଷ ନେଇ ସେପ୍ଟେମ୍ବର ୨୭ରେ ଆୟୋଜିତ ହେବାକୁ ଥିବା ଏହି ଅଭିଯାନରେ ସମସ୍ତେ ସାମିଲ ହୁଅନ୍ତୁ।

## ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧୨।୯ (ସବ୍ୟୁ) : ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦର ହିବ। ପରବର୍ତ୍ତୀଜନ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବଜ୍ରପାତ ନେଲା ୩ ମହିଳାଙ୍କ ଜୀବନ

ରାୟଗଡ଼ା, ୧୨।୯ (ସବ୍ୟୁ): କପା ଚାଷ ପାଇଁ କାମକରୁଥିବା ସମୟରେ ବଜ୍ରାଘାତ ନେଇଛି ୩ ମହିଳାଙ୍କ ଜୀବନ। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି । ସୂଚନା ଅନୁସାରେ ବିଷ୍ଣୁଗୁଡା ଗ୍ରାମର ସମ୍ବାରୀ ପିଡ଼ିକା (୪୫)ଙ୍କ ସମେତ ଅନ୍ୟମାନେ କପା ଚାଷ ପାଇଁ କାମ କରୁଥିଲେ । ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଆହତ ୪ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଭିଜିଲାନ୍ସ ଜାଲରେ ଓଏଏସ୍ ଟପ୍ପର



ସମ୍ବଲପୁର, ୧୨।୯ (ସବ୍ୟୁ): ବାମରା ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ତାଙ୍କ ଠାରୁ ରାସାୟନିକ ପ୍ରଲେପ ବୋଳା ୧୫ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ୧୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସଦର ମହକୁମା ସ୍ଥିତ ଗୋବିନ୍ଦପୁରର ଭିକି ନାଏକ ଏକ ଜମି ମ୍ୟୁଟେସନ ଓ କିସମ ପରିବର୍ତ୍ତନ ପାଇଁ ବାମରା ତହସିଲ ଅଫିସରେ ଆବେଦନ କରିଥିଲେ। ଉକ୍ତ କାର୍ଯ୍ୟ ପାଇଁ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଆବେଦନକାରୀ ଭିକିଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। (୯ ପୃଷ୍ଠାରେ)

## ଦିଲ୍ଲୀ, ବମ୍ବେ ହାଇକୋର୍ଟରେ ବୋମା ଧମକ

ନୂଆଦିଲ୍ଲୀ, ୧୨।୯ : ଦିଲ୍ଲୀ ହାଇକୋର୍ଟରେ ବୋମା ଥିବା ଧମକର ଗୁଜବ ପରେ ପୁଣି ବମ୍ବେ ହାଇକୋର୍ଟରେ ମଧ୍ୟ ଏକ ଅନୁରୂପ ଧମକ ଇ-ମେଲ୍ ଜରିଆରେ ମିଳିଥିଲା। ବମ୍ବେ ବାର୍ ଆସୋସିଏସନ୍ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ କୋର୍ଟ ପରିସର ଛାଡ଼ି ଯିବାକୁ କୁହାଯାଇଥିଲା। ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟକୁ ମଧ୍ୟ ବୋମା ଧମକ ଇ-ମେଲରେ ଆସିଥିଲା। କୋର୍ଟ ପରିସରରେ ଶୁଣାଣି ଚାଲୁଥିବା ସମୟରେ ଏହି ଧମକ ଆସିବା ପରେ ସମସ୍ତ ଶୁଣାଣିକୁ ବନ୍ଦ କରିଦିଆଯାଇ କୋର୍ଟ ପରିସରକୁ ଖାଲି କରାଯାଇଥିଲା।

ଏହାପରେ ବୋମା ନିରୀକ୍ଷଣକାରୀ ସେଠାରେ ତୁରନ୍ତ ମୁତୟନ ହୋଇଥିଲେ। ବହୁ ସ୍ଥାନରେ ଯାଞ୍ଚ ପରେ ଅଧିକାରୀମାନେ (୯ ପୃଷ୍ଠାରେ)

## ଯବାନଙ୍କ ଗୁଳିରେ ୨ ମାଓବାଦୀ ନିପାତ

ମାଲକାନଗିରି, ୧୨।୯ (ସବ୍ୟୁ) : ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଏନକାଉଣ୍ଟର । ଏହି ଏନକାଉଣ୍ଟରରେ ୨ ଜଣ ମାଓବାଦୀ ନିପାତ ହୋଇଛନ୍ତି । ଏଥିସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା ଯେ ବିଜାପୁର ଜିଲ୍ଲାର ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ମାଓବାଦୀ କ୍ୟାମ୍ପ କରି ରହିଛନ୍ତି । ତୁରନ୍ତ ଯବାନ ଅପରେସନ ଆରମ୍ଭ କରିଦେଇଥିଲେ। ଶୁକ୍ରବାର ସକାଳୁ ମାଓବାଦୀ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଅତର୍କିତ ଗୁଳି ଚଳାଇଥିଲେ । ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ । ପରେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ (୯ ପୃଷ୍ଠାରେ)

### ଆର୍ଥିକ ଅନିୟମିତତା ମାମଲା

## ଅର୍ଚ୍ଚନା ନାଗ ଘର ଆଟାଚ କଲା ଇଡି

ଭୁବନେଶ୍ୱର,୧୨।୯ (ସବ୍ୟୁ) : ଆର୍ଥିକ ଅନିୟମିତତା ମାମଲାରେ ଅର୍ଚ୍ଚନା ନାଗଙ୍କ ସତ୍ୟବିହାରସ୍ଥିତ ଘରକୁ ଶୁକ୍ରବାର ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଆଟାଚ୍ କରିଛି । ପୂର୍ବରୁ ତାଙ୍କୁ ଘର ଛାଡିବାକୁ ନୋଟିସ୍ ହୋଇଥିବା ବେଳେ ସେ ଇଡି ନୋଟିସ୍‌କୁ ଖାତିର ନକରି ଘରେ ରହୁଥିଲେ । ଘର ଦୁଆର ମୁହଁରେ ଆଟାଚ କ'ଣ ପାଇଁ କରାଗଲା ତାହା ଝୁଲାଇ ଦିଆଯିବା ସହ ହାଜର ହେବାକୁ ତାଙ୍କୁ କୁହାଯାଇଛି ।

ଅର୍ଚ୍ଚନା ନାଗଙ୍କ ବିରୋଧରେ ନୟାପଲ୍ଲୀ ଥାନାରେ ଏକ ମାମଲା ହୋଇଥିବା ବେଳେ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇ



ତାଙ୍କୁ ଗିରଫ କରାଯାଇଥିଲା । ୨୦୨୨ ଡିସେମ୍ବର ୧୩ ତାରିଖରେ ଅର୍ଚ୍ଚନାଙ୍କୁ ଇଡି ଗିରଫ କରିଥିଲା । ଗିରଫ ହେବାର ୧୪ ମାସ ପରେ ଇଡି ମାମଲାରେ ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଥିବା ବେଳେ ପୂର୍ବରୁ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାର ଦୁଇ ମାମଲାରେ ସେ ଜାମିନ ପାଇଥିଲେ । ଇଡି ମାମଲାରେ ଜାମିନ ମଞ୍ଜୁର ହେବା ପରେ ସେ ଜେଲ୍‌ରୁ ୨୦୨୩ ଡିସେମ୍ବର ମାସ ୧୨ ତାରିଖରେ ମୁକୁଳି ଥିଲେ ।

୨୦୨୨ରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ କାରବାରକୁ ନେଇ ଇଡିରେ ମାମଲା ରୁଜୁ ହୋଇଥିଲା। ବାରମ୍ବାର ନୋଟିସ୍ ପରେ ଅର୍ଚ୍ଚନା ଇଡିରେ ହାଜର ନହେବା ଓ ଘର ନଛାଡିବା କାରଣରୁ ତାଙ୍କ ଘରକୁ ମନିଲଣ୍ଡରିଂ ଧାରା ୨୦୦୨ ଅନୁଯାୟୀ ଶୁକ୍ରବାର ଆଟାଚ୍ କରାଯାଇଛି। ତାଙ୍କ ବାପାଙ୍କ କହିବାନୁଯାୟୀ ଇଡି ତାଙ୍କୁ ୫୦ ହଜାର ଟଙ୍କା ମାଗୁଥିଲା, ନଦେବାରୁ ଘର ଆଟାଚ୍ କରାଗଲା । ଝିଅ ବେଆଇନ ଅର୍ଥ କାରବାରରେ ଲିପ୍ତ ଥିବାବେଳେ ଇଡି ତାଙ୍କୁ ଗିରଫ କରିଥିଲା। ବାପାଙ୍କୁ କାହିଁକି ଟଙ୍କା ମାଗିଲା ବୋଲି ଗଣମାଧ୍ୟମ ପ୍ରଶ୍ନ କରିବାରୁ ସେ କଥାକୁ ସେ ଏଡାଇ ଯାଇଥିଲେ । ୫୦ ହଜାର ଟଙ୍କା ମାଗିବା କଥା ଯଥାର୍ଥ ନୁହେଁ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ସେ ଇଡି ବିରୋଧରେ ସମ୍ପୂର୍ଣ୍ଣ ମିଛ କହୁଥିବା ବିଶେଷଜ୍ଞ ମତ ଦେଇଛନ୍ତି । ଟଙ୍କା ମାଗିବାରୁ ପ୍ରମାଣ କ'ଣ ଅଛି ବୋଲି ଗରମାଧମ ପ୍ରଶ୍ନ କରିବାରୁ ସେସବୁର କ'ଣ ପ୍ରମାଣ ଥାଏ ବୋଲି ଅର୍ଚ୍ଚନାଙ୍କ ବାପା କହିଥିଲେ ।

ଇଡି କେବଳ ଅର୍ଚ୍ଚନା ନୁହେଁ, ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ମଧ୍ୟ ନୋଟିସ୍ କରିଥିଲେ । ଆୟ ଠାରୁ ଅର୍ଚ୍ଚନା ଯଥେଷ୍ଟ ଅଧିକ ପରିମାଣର ଟଙ୍କାର ମାଲିକ । ବିଳାସପୂର୍ଣ୍ଣ ଗାଡି (୯ ପୃଷ୍ଠାରେ)

## ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର/ଢେଙ୍କାନାଳ, ୧୨।୯ (ସବ୍ୟୁ) : ବିଜେଡିରେ ରହି ଦଳ ବିରୋଧୀ କାର୍ଯ୍ୟରେ ସାମିଲ ହେଉଥିବା ନେତାମାନଙ୍କ ବିରୋଧରେ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଉଛି । ଏହି କ୍ରମରେ ପୂର୍ବତନ ମନ୍ତ୍ରୀ ତଥା କାମାକ୍ଷାନଗରର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାନେଇ ଉପ-ସଭାପତି ପ୍ରତାପ ଜେନା ଏକ ବିଜ୍ଞପ୍ତି ଜରିଆରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



ସୂଚନାଯୋଗ୍ୟ ପୂର୍ବତନ ମନ୍ତ୍ରୀ ପୂର୍ବତନ ମନ୍ତ୍ରୀ ଶ୍ରୀ ମଲ୍ଲିକ ଦଳ ବିରୋଧରେ କିଛିଦିନ ହେବ ନିୟମିତି ଅସନ୍ତୋଷ ପ୍ରକାଶ କରୁଥିଲେ। ବିଜେଡି ଠିକ୍ ଭାବେ ଚାଲୁନାହିଁ, ବିରୋଧୀ ଦଳର ଭୂମିକା ନିର୍ବାହ କରୁନାହିଁ ବୋଲି ସେ କହିଥିଲେ। ତେବେ ସେ ଗଣମାଧ୍ୟମକୁ କହିଥିଲେ ଏବେ ସେ ବିଜେଡିରେ ଅଛନ୍ତି କୌଣସି ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି। ଆଗକୁ ଦଳ ଯଦି ଠିକ୍ ଢ଼ଙ୍ଗରେ ନ ଚାଲିବ ସେ ଦଳଠୁ ଦୂରେଇ ଯିବେ। ଦଳ ଆଉ ପୂର୍ବ ବିଚାରଧାରାରେ ନାହିଁ। ଦଳରକୁ ସଂଗଠିତ କରିବା ପାଇଁ କିଛି ପରାମର୍ଶ ଦେଇଥିଲୁ। ରାଜନୈତିକ ବ୍ୟାପାର

**ପୂର୍ବରୁ ଇସ୍ତଫା ଦେଇଛି, ନିଲମ୍ବନ ଏକ ପ୍ରହସନ : ପ୍ରଫୁଲ୍ଲ**

କମିଟି ଓ ଶୃଙ୍ଖଳା କମିଟି ଭଳି ଦୁଇଟି ନିଷ୍ପତ୍ତି ଗ୍ରହଣ କାଯାଇଛି। ଅନ୍ୟ ପ୍ରସ୍ତାବଗୁଡ଼ିକ ଗ୍ରହଣ କରାଯାଇନାହିଁ। ତେବେ ନିଲମ୍ବନ ଆଦେଶ ପରେ ଶ୍ରୀ ମଲ୍ଲିକ କହିଛନ୍ତି ଯେ ମୁଁ ପ୍ରଥମେ ଇସ୍ତଫା ଦେଇସାରିଛି। (୯ ପୃଷ୍ଠାରେ)

# ରୋଗପ୍ରତିରୋଧକ ଶକ୍ତି ବଢ଼ାନ୍ତୁ

ଅନେକ ସମୟରେ ରୋଗପ୍ରତିରୋଧକ ଶକ୍ତି କମ ଥିବାରୁ ଆମକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ତେବେ ଏଭଳି କିଛି ଖାଦ୍ୟ ରହିଛି ଯାହାକୁ ଖାଇବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ିବ ଏବଂ ଆମେ ସୁସ୍ଥ ରହିପାରିବା । ଆସନ୍ତୁ ଜାଣିବା ସେହିଭଳି କିଛି ଖାଦ୍ୟ ସମ୍ପର୍କରେ ।



**ତୁଳସୀ–** ପ୍ରତିଟି ଘରେ ତୁଳସୀ ଗଛ ରହିଥାଏ, ଯାହାକୁ ପୂଜା ମଧ୍ୟ କରାଯାଇଥାଏ । ଏହାର ଅନେକ ଔଷଧୀୟ ଗୁଣ ରହିଛି । ତେଣୁ ପ୍ରତିଦିନ ୪ ରୁ ୫ଟି ତୁଳସୀ ପତ୍ର ଚାରେ ହେଉ କିମ୍ବା ସିଧା ଧୋଇ ଖାଇପାରିବେ । ଏଥିରେ ଅନେକ ଗୁଣ ରହିଛି ଯାହା ଆମକୁ ଥଣ୍ଡା, କାଶ ଭଳି ସମସ୍ୟାରୁ ଦୂରେଇ ରଖିଥାଏ ।

**ଅଦା–** ଅଦା କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ତାହା ନୁହେଁ । ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି, ଯାହା ଆମକୁ ସୁସ୍ଥ ରଖିଥାଏ । ତେଣୁ ଅଦାକୁ ପ୍ରତିଦିନ ଚାରେ ହେଉ କିମ୍ବା ତରକାରୀରେ ସାମିଲ କରି ଖାଆନ୍ତୁ । ଏହା ଆମକୁ ଥଣ୍ଡା ସମ୍ବନ୍ଧୀୟ ସମସ୍ୟାରୁ ଦୂରେଇ ରଖିଥାଏ ।

**ହଳଦୀ–** ହଳଦୀ ଆମ ଦେହ ପାଇଁ ଖୁବ ଲାଭଦାୟକ । ହଳଦୀରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରପୂର ହୋଇ ରହିଥାଏ ଯାହା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାକୁ ପ୍ରତିଦିନ ଖୀରରେ ମିଶାଇ ପିଇ ପାରିବେ ଅଥବା ସକାଳୁ କଞ୍ଚା ହଳଦୀ ବାଟି ଅଳ୍ପ ପରିମାଣରେ ଖାଇପାରିବେ, ଏହା ଦେହ ପାଇଁ ଖୁବ ହିତକର ହୋଇଥାଏ ।

**ଡାଲଚିନି–** ଗରମ ମସଲାରେ ବ୍ୟବହାର ହେଉଥିବା ଡାଲଚିନି ମଧ୍ୟ ଆମ ଶରୀର ପାଇଁ ଉପକାରୀ । ଏହାକୁ ଗରମ ପାଣିରେ ଫୁଟାଇ ଏହାର ପାଣି ପିଇ ପାରିବେ, ଅଥବା ଏହାକୁ ଚାରେ ମିଶାଇ ମଧ୍ୟ ପିଇ ପାରିବେ । ଏଥିରେ ଥିବା ଔଷଧୀୟ ଗୁଣ ଆମ ପାଇଁ ଖୁବ ଲାଭଦାୟକ ହୋଇଥାଏ ।

## ସୋସିଆଲ କୋଟ୍ସ



“ମୁଁ ଓଏମ୍‌ଜି–୨ କରିବାର ପ୍ରେରଣା ନିଜ ଘରୁ ନେଇଛି । ମୋ ପୁଅ ସହ ମୋର ଏଭଳି କିଛି ସ୍ମୃତି ରହିଛି, ଯାହା ମୋତେ ଓଏମ୍‌ଜି–୨ କରିବାକୁ ପ୍ରେରଣା ଦେଇଥିଲା ।

**ଅମିତ ରାୟ, ନିର୍ଦ୍ଦେଶକ**



“ମୋ ପାଇଁ କୌଣସି ପ୍ରୋଜେକ୍ଟ ଛୋଟ କିମ୍ବା ବଡ ନୁହେଁ । ମୁଁ ସବୁବେଳେ ଛୋଟ ପ୍ରୋଜେକ୍ଟରେ କାମ କରିବାକୁ ଆଗ୍ରହ ରଖିଥାଏ । ଏଥିରେ ମୋତେ ଖୁସି ମିଳିଥାଏ ।

**କେକେ ମେନନ୍, ଅଭିନେତା**



“ଫିଲ୍ମ ଲାଇନ୍‌କୁ ଆସିବା ପୂର୍ବରୁ ମୁଁ ଜାଣିଥିଲି ଅଭିନେତାଙ୍କ ବିଷୟରେ କ’ଣ କ’ଣ ସବୁ ଲେଖା ହୁଏ । ଏସବୁକୁ ସହିବାକୁ ହୋଇଥାଏ । ହେଲେ ବେଳେବେଳେ ଅଧିକ ମିଛ ଲେଖା ହୋଇଥାଏ ଯାହାକୁ ପଢି ରାଗ ଆସିଥାଏ ।

**ସନି ଦେଓଲ, ଅଭିନେତା**

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ଜତିନ୍ଦ୍ର ନାଥ ଦାସ

କୋଲକାତାରେ ୨୭ ଅକ୍ଟୋବର ୧୯୦୪ରେ ଜନ୍ମିତ ଜତିନ୍ଦ୍ର ନାଥ ଦାଶ ଜଣେ ବିଶିଷ୍ଟ ସ୍ୱତନ୍ତ୍ରତା ସେନାନୀ ସହିତ କ୍ରାନ୍ତିକାରୀ ଥିଲେ, ଯିଏ ଦେଶ ସ୍ୱାଧୀନତା ଆନ୍ଦୋଳନରେ ଖୁବ ସକ୍ରିୟ ରହିବା ସହିତ ଅନେକ କାର୍ଯ୍ୟ କରିଥିଲେ । ସେ ହିନ୍ଦୁସ୍ତାନ ସୋଶାଲିଷ୍ଟ ରିପବ୍ଲିକାନ ଆସୋସିଏସନର ସଦସ୍ୟ ଥିଲେ । ଲାହୋର ସେଣ୍ଟ୍ରାଲ ଜେଲରେ ସେ ଅନଶନ କରିଥିଲେ । ୧୯୨୧ ମସିହାରେ ସେ ମାତ୍ର ୧୭ ବର୍ଷରେ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହାର କିଛିବର୍ଷ ପରେ ୧୯୨୫ରେ କୋଲକାତାରେ ପାଠ ପଢୁଥିବା ସମୟରେ ତାଙ୍କୁ ପୋଲିସ ଗିରଫ କରିଥିଲା । ଯେଉଁଠାରେ ସେ କଏଦୀଙ୍କ ପ୍ରତି ହେଉଥିବା ଅବିଚାର ବିରୋଧରେ ଅନଶନ କରିଥିଲେ । ଏହି ଅନଶନ ସମୟରେ ୧୩ ଡିସେମ୍ବର ୧୯୨୯ରେ ତାଙ୍କର ଦେହାନ୍ତ ହୋଇଥିଲା ।



## ଇତିହାସ

୧୮୪୫– ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ହେନେରୀ କଟନ୍‌ଙ୍କ ଜନ୍ମ ।

୧୯୨୬– ଭାରତର ମହିଳା କ୍ରାନ୍ତିକାରୀ ନଗେନ୍ଦ୍ର ବାଲାଙ୍କ ଜନ୍ମ ।

୧୯୨୯– ଲାହୋର ଜେଲ୍‌ରେ ୬୩ ଦିନ ଅନସନ କରିବା ପରେ ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ଜତିନ୍ଦ୍ରନାଥ ଦାସଙ୍କ ଦେହାନ୍ତ ।

୧୯୪୬– ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମେଜର ରାମାସ୍ୱାମୀ ପରମେଶ୍ୱରନଙ୍କ ଜନ୍ମ ।

୧୯୪୭– ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ୪୦ ଲକ୍ଷ ହିନ୍ଦୁ ତଥା ମୁସଲିମଙ୍କ ପାରସ୍ପରିକ ସ୍ଥାନାନ୍ତରଣ ପାଇଁ ପ୍ରସ୍ତାବ ରଖିଲେ ।

୧୯୪୮– ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ବଲ୍ଲଭ ଭାଇ ପଟେଲ ହାଇଦ୍ରାବାଦରେ ପଶି କାର୍ଯ୍ୟାନୁଷ୍ଠାନ ନେବାକୁ ସେନାମାନଙ୍କୁ ଆଦେଶ ଦେଲେ ।

୨୦୦୦– ଭାରତର ବିଶ୍ୱନାଥନ ଆନନ୍ଦ ପ୍ରଥମକରି ଏଫ୍‌ଆଇଡିଇ ଚେସ୍ ବିଶ୍ୱ କପ୍ ବିଜୟୀ ଘୋଷିତ ।

୨୦୦୮– ଦିଲ୍ଲୀରେ ପୃଥକ୍ ସ୍ଥାନରେ ୪ଟି ବୋମା ବିସ୍ଫୋରଣରେ ୧୯ ଲୋକଙ୍କ ମୃତ୍ୟୁ ଏବଂ ୯୦ରୁ ଅଧିକ ଆହତ ।

# ଅନ୍‌ଲାଇନ୍ ସପିଂ ସ୍କାମ୍




ଅନ୍‌ଲାଇନ୍ ସପିଂ କାରଣରୁ ଆମ ଜୀବନ ସହଜ ସୁବିଧା ହୋଇପାରିଛି । ହେଲେ ଏଥିରେ ମଧ୍ୟ ଅନେକ ସ୍କାମ ସାମନାକୁ ଆସୁଛି । ଏଥିରେ ମଧ୍ୟ ଏଭଳି ଠକ ବୁଲୁଛନ୍ତି ଯେଉଁମାନେ ସାଧାରଣ ଲୋକଙ୍କୁ ଠକି ଅନେକ ପଇସା ରୋଜଗାର କରୁଛନ୍ତି । ଅନ୍‌ଲାଇନ୍ ସପିଂ କରୁଥିଲେ ମାଲୱେରରେ ଭରପୁର ଥିବା ବିଜ୍ଞାପନ ଠାରୁ ଦୂରରେ ରୁହନ୍ତୁ । ଏହି ପ୍ରକ୍ରିୟା ସାହାଯ୍ୟରେ ହ୍ୟାକରମାନେ ଆପଣଙ୍କ ପସନ୍ଦର ଭରସାଯୋଗ୍ୟ ୱେବସାଇଟ୍‌ରେ ମାଲୱେର ବିଜ୍ଞାପନ ଚଳାଇଥାଆନ୍ତି । ଯାହାକୁ ଆପଣ ବିଶ୍ୱାସ କରି ସେଥିରୁ ସପିଂ କରିବା ଫଳରେ ଠକାମିର ଶିକାର ହେବାର ସମ୍ଭାବନା ରହିଥାଏ । ତେଣୁ ଏଭଳି ବିଜ୍ଞାପନ ଠାରୁ ଦୂରେଇ ରୁହନ୍ତୁ । କୌଣସି ବିଜ୍ଞାପନ ଉପରେ ଭରସା କରିବା ପୂର୍ବରୁ ଏହାକୁ ଭଲ କରି ପରଖନ୍ତୁ । ସେହିଭଳି ଆଉ ଏକ ପ୍ରକ୍ରିୟା ହେଲା ଦରକାରରୁ ଅଧିକ ଡିସକାଉଣ୍ଟ୍ । ଯଦି କୌଣସି ସାମଗ୍ରୀ ଉପରେ ଦରକାରରୁ ଅଧିକ ଡିସ୍‌କାଉଣ୍ଟ ମିଳୁଛି ତେବେ ଏହା ଅନଲାଇନ୍ ସ୍କାମର ଏକ ମାଧ୍ୟମ ହୋଇପାରେ । ତେଣୁ ଏଭଳି ଡିସ୍‌କାଉଣ୍ଟ ମିଳୁଥିବା ସାମଗ୍ରୀ କିଣିବାଠୁ ଦୂରେଇ ରୁହନ୍ତୁ । ସେହିଭଳି ବେଳେବେଳେ ବହୁ ପରିଚିତ ଅନ୍‌ଲାଇନ୍ ସପିଂ ସାଇଟ୍ ନାଁରେ ନକଲି ଆକାଉଣ୍ଟ ମଧ୍ୟ ରହିଥାଏ । ଯାହା ଦ୍ୱାରା ଆପଣ ଠକାମୀର ଶିକାର ହେବାର ସମ୍ଭାବନା ରହିଥାଏ । ତେଣୁ ଏଭଳି ଠକ ୱେବସାଇଟ୍‌କୁ କିଣା ବିକା କରନ୍ତୁ ନାହିଁ । ସବୁବେଳେ ଅନ୍ ସପିଂ କରିବା ଆଗରୁ ୱେବସାଇଟ୍ ଉପରେ ସବିଶେଷ ତଥ୍ୟ ନିଅନ୍ତୁ ।

# କ୍ଷତିକାରକ ହୋଇଥାଏ ଟିପିଓ



ନେଲପଲିସ ଲଗାଇବାକୁ ସମସ୍ତଙ୍କୁ ଭଲ ଲାଗିଥାଏ । ତେବେ ନେଲପଲିସ୍‌ର ଅନେକ ପ୍ରକାର ବଜାରରେ ଉପଲବ୍ଧ । ଏଥିରୁ ସବୁଠାରୁ ଅଧିକ ଡିମାଣ୍ଡରେ ରହିଥାଏ ଜେଲ୍ ନେଲ ପଲିସ୍ । ତେବେ ସୂଚନା ଅନୁସାରେ ୟୁରୋପିଆନ ଦେଶ ଗୁଡିକରେ ଜେଲ୍ ନେଲପଲିସ୍‌ରେ ବ୍ୟବହାର ହେଉଥିବା ଟ୍ରାଇମିଥାଇଲବେଞ୍ଜୋୟଲ୍ ଡାଇଫେନାଇଲଫସଫାଇନ୍ ଅକ୍ସାଇଡ୍ ବା ଟିପିଓ ନାମକ ପଦାର୍ଥର ବ୍ୟବହାର ଉପରେ ରୋକ ଲଗାଇଛି । ଏହା ଏହି ଜେଲ ନେଲପଲିସ୍‌ର ମୁଖ୍ୟ ସାମଗ୍ରୀ ଭାବେ ବ୍ୟବହାର ହୋଇଥାଏ । ଏହାର ପ୍ରଭାବ ମୁଖ୍ୟତ ଝିଅମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ଉପରେ ପଡିଥାଏ । କେବଳ ଏତିକି ନୁହେଁ ଏହା ସ୍କିନ୍ ଆଲର୍ଜିର ମଧ୍ୟ କାରଣ ସାଜିଥାଏ । ତେଣୁ ସେଠାରେ ଟିପିଓ ଥିବା କୌଣସି ବି ସାମଗ୍ରୀ ବିକ୍ରି ଉପରେ ରୋକ ଲାଗିଛି । ଏହି ନିୟମକୁ ନମାନିଲେ ଜରିମାନାର ଦଣ୍ଡ ବ୍ୟବସ୍ଥା ମଧ୍ୟ କରାଯାଇଛି । ତେବେ ଟିପିଓ ବ୍ୟବହାରରେ କିନ୍ତୁ ଜେଲ୍ ନେଲପଲିସ ଆକର୍ଷଣୀୟ ଲାଗୁଥିଲା ତେଣୁ ଏହାର ସୌନ୍ଦର୍ଯ୍ୟ ବର୍ତ୍ତମାନ ଫିକା ପଡିବାନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି ।

# ପ୍ରଥମରୁ ମିଳିଥିଲା ପ୍ରତ୍ୟାଖ୍ୟାନ



ଦି କେରଲା ଷ୍ଟୋରୀରେ ନିଜର ବଳିଷ୍ଠ ଅଭିନୟ ପାଇଁ ଅନେକ ପ୍ରଶଂସା ସାଉଁଟିଥିବା ଅଦା ଶର୍ମାଙ୍କୁ ମଧ୍ୟ ପ୍ରଥମରୁ ରିଜେକସନ୍ ଫେସ୍ କରିବାକୁ ପଡ଼ିଥିଲା । ତେବେ ନିଜର ପ୍ରତିଭା ଉପରେ ତାଙ୍କର ଶତପ୍ରତିଶତ ବିଶ୍ୱାସ ଥିଲା, ଯାହା ତାଙ୍କୁ ବି ଟାଉନ୍‌ର ଜଣେ ଭଲ କଳାକାର ଭାବେ ଗଢ଼ିତୋଳିଛି । କ୍ୟାରିୟର ଆରମ୍ଭରେ ଅଦା ଶର୍ମାଙ୍କୁ ଥରେ ନୁହେଁ ବରଂ ଅନେକଥର ଏଭଳି ରିଜେକସନ୍‌ର ସାମନା କରିବାକୁ ପଡ଼ିଥିଲା । ପିଲାଦିନୁ ଅଭିନୟ ପାଇଁ ଇଚ୍ଛା ରଖିଥିବା ଅଦାଙ୍କର ବଲିଉଡରେ କ୍ୟାରିୟର ଆରମ୍ଭ ସମୟର ଅନୁଭୂତି ଭଲ ନଥିଲା । ତାଙ୍କୁ ଅନେକ ସମୟରେ ନିଜ ଲୁକ୍ ପାଇଁ ରିଜେକସନ୍‌ର ସାମନା କରିବାକୁ ପଡ଼ିଛି । ପ୍ରଥମରୁ ତାଙ୍କୁ ଲୋକମାନେ ସିଧାସିଧା ମୁହଁରେ ଅସୁନ୍ଦର କହୁଥିବା ଅନେକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି । ଏପରିକି ତାଙ୍କୁ ନାକ ସର୍ଜରୀ ପାଇଁ ମଧ୍ୟ ଅନେକ ଲୋକ ପରାମର୍ଶ ଦେଉଥିଲେ । ତେବେ ଏଭଳି ଅନେକ ବାଧାବିଘ୍ନ ପରେ ୨୦୦୮ରେ ହରର ଫିଲ୍ମ ୧୯୨୦ କରିଆରେ ଅଦା ବଲିଉଡରେ ପାଦ ଦେଇଥିଲେ । ଏହି ସମୟରେ ସେ ମାତ୍ର ୧୫ ବର୍ଷର ଥିଲେ । ଏଥିରେ ତାଙ୍କ ବିପକ୍ଷରେ ରଜନିଶଙ୍କୁ ଦର୍ଶକ ଦେଖିଥିଲେ । ଫିଲ୍ମଟି ସେଭଳି ଆୟ ନକରିଥିଲେ ବି ଅଦାଙ୍କ ଅଭିନୟ ସମସ୍ତଙ୍କୁ ଭଲ ଲାଗିଥିଲା । ଏହାପରେ ଅନେକ ଫିଲ୍ମରେ ଅଦାଙ୍କୁ ଦେଖିବାକୁ ମିଳିଲା । ତେବେ ଫିଲ୍ମ ଦି କେରଳା ଷ୍ଟୋରୀ ତାଙ୍କ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ପାଲଟିଥିଲା । ଆଗକୁ ମଧ୍ୟ ସେ ଭଲ ଫିଲ୍ମରେ ଅଭିନୟ କରିବାକୁ ଆଶା ରଖିଛନ୍ତି ଅଦା ।

# ଫୁଲରୁ ମିଳେ ଖୁସି

ଫୁଲ ଆମ ସମସ୍ତଙ୍କ ଜୀବନ ପାଇଁ ଏକ ଆନନ୍ଦପୂର୍ଣ୍ଣ ସୃଷ୍ଟି ନିଶ୍ଚୟ। ଫୁଲ ଗଛର ସୌନ୍ଦର୍ଯ୍ୟ ବଢ଼ାଇବା ସହିତ ମନରେ ପ୍ରଶାନ୍ତ ଭରିଦିଏ । କିଛି ସମୟ ଫୁଲଭରା ଗଛଥିବା ବଗିଚାରେ କାମ କଲେ ଶାରୀରିକ ଶ୍ରମ ସହ ଖୁସି ବି ମିଳେ । ଏହାସହିତ କିଛି ଫୁଲଗଛ ବାସ୍ତୁଦୋଷ ଦୂର କରି ଘରକୁ ସୁଖସମୃଦ୍ଧି ଆଣିଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି ।



- ବାସ୍ତୁଶାସ୍ତ୍ର ଅନୁସାରେ, ଘର ଅଗଣାରେ ମନ୍ଦାର ଗଛ ରହିବା ଅତ୍ୟନ୍ତ ଶୁଭ । ମନ୍ଦାର ଫୁଲ ଘରକୁ ସକାରାତ୍ମକ ଉର୍ଜ୍ଜା ଆଣିଥାଏ ।
- ପଦ୍ମଫୁଲକୁ ଆଧ୍ୟାତ୍ମିକତାର ପ୍ରତୀକ ବୋଲି ଧରାଯାଏ । ଘର ଅଗଣାରେ ହେଉ ଅବା ବାଡ଼ିପଟେ ପାଣିକୁଣ୍ଡ କରି ସେଥିରେ ଏହି ଫୁଲ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି । ମାତା ଲକ୍ଷ୍ମୀଙ୍କୁ ପଦ୍ମଫୁଲରେ ସଜେଇ ପୂଜା କରାଯାଏ ।
- ଘରେ ଗେଣ୍ଡୁ ଗଛ ଲଗାଇବା ଦ୍ୱାରା ମଧ୍ୟ ସୁଖସମୃଦ୍ଧି ବଢ଼ିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।
- ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଉଥିବା ଗୋଲାପ ଫୁଲକୁ ବି ଭାଗ୍ୟଶାଳୀ ଫୁଲ ବୋଲି ଅନେକେ କହିଥାନ୍ତି । ବିବିଧ ରଙ୍ଗ ଓ ବାସ୍ନାର ଗୋଲାପ ସଭିଙ୍କର ପ୍ରିୟ । ଏହା ସ୍ୱତନ୍ତ୍ର ଆଦର ଓ ଯତ୍ନ ଆବଶ୍ୟକ କରେ ।
- ସୌଭାଗ୍ୟର ପ୍ରତୀକ କୁହାଯାଉଥିବା ଚମ୍ପା ଗଛକୁ ବି ଲଗାଇବା ଶୁଭ ହୋଇଥାଏ । ଶିବଙ୍କ ମଥାରେ ମାନସିକ କରି ଚମ୍ପାଫୁଲ ଅର୍ପଣ କରାଯାଇଥାଏ।
- ଟଗର ଗଛ ବି ଘରେ ସୁଖଶାନ୍ତି ବୃଦ୍ଧି କରିଥାଏ । ଯାହାଙ୍କ ଅଗଣାରେ ଏହି ଗଛ ରହିଥାଏ ସେଠାରେ ପ୍ରଭୁଙ୍କର ବାସ ହୋଇଥାଏ ବୋଲି ବିଶ୍ୱାସ ରହିଛି ।
- ରାତି ଶେଷରେ ଝରିଯାଉଥିବା ଗଙ୍ଗଶିଉଳି ଫୁଲର ଭୁରୁଭୁରୁ ବାସ୍ନା ମନରେ ଶାନ୍ତି ଭରିଦିଏ । ଏହାର ପତ୍ର ଓ ଫୁଲରେ ଅନେକଗୁଡ଼ିଏ ଔଷଧୀୟ ଉପକାରିତା ରହିଛି ।

ଉତ୍କଳାନନ୍ଦ ଅଜୟ କୁମାର ବେହେରା
ମୋ : ୯୪୩୭୦୩୧୨୫୩



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତ ଅବସରରେ ଅଫିସ କାର୍ଯ୍ୟ କରିବାରେ ବ୍ୟସ୍ତ



ଓଡ଼ିଶା ନିବାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଦୁର୍ଗାପୂଜା ନିମନ୍ତେ ଆଉ ଗୋଟିଏ ଦିନ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା

କଟକ, (ସବ୍ୟୁ): ଆସନ୍ତା ଦୁର୍ଗାପୂଜା ନିମନ୍ତେ ଦୁର୍ଗାପୂଜା କମିଟିଗୁଡିକ ବିଭିନ୍ନ ଅନୁମତି ହାସଲ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଆସନ୍ତା ୧୩ ତାରିଖ ଶନିବାର ବାରବାଟୀ ପ୍ୟାଲେସରେ ଆଉ ଗୋଟିଏ ଦିନ ପାଇଁ କାର୍ଯ୍ୟକ୍ଷମ ରହିବ । ଏହା ସକାଳ ୯ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୫ ଘଟିକା ୩୦ ମିନିଟ ପର୍ଯ୍ୟନ୍ତ ଚାଲିବ । ପ୍ରକାଶଥାଉକି ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋରେ କେତେକ ପୂଜା କମିଟି ବିଭିନ୍ନ କାରଣରୁ ଏନଓସି ହାସଲ କରିପାରିନଥିବାରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ପୂଜା କମିଟିଗୁଡ଼ିକ ସିଙ୍ଗଲ ୱିଣ୍ଡୋ ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ । ପୂଜା କମିଟିଗୁଡ଼ିକର ଅନୁରୋଧ ଅନୁଯାୟୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଉ ଗୋଟିଏ ଦିନ ସିଙ୍ଗଲ ୱିଣ୍ଡୋ କାର୍ଯ୍ୟକ୍ଷମ ରହିବାକୁ ସମ୍ମତି ପ୍ରଦାନ କରିଥିଲେ । ଗତ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋରେ ୧୧୭ଟି ପୂଜା କମିଟି ଏନଓସି ହାସଲ କରିଛନ୍ତି । ଅନୁମତି ହାସଲ କରିନଥିବା ସମସ୍ତ ପୂଜା କମିଟି ଶନିବାର କାର୍ଯ୍ୟକ୍ଷମ ହେଉଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରୁ ଅନୁମତିପତ୍ର ହାସଲ କରିନେବାକୁ କୁହାଯାଇଛି ।

# ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଏ ବର୍ଷର ବାଲିଯାତ୍ରା

କଟକ,(ସବ୍ୟୁ): ଚଳିତ ବର୍ଷ ନଭେମ୍ବର ୫ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା, କଟକ -୨୦୨୫ ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୫ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ତେବେ ଚଳିତ ବର୍ଷ ବାଲିଯାତ୍ରା କେବଳ ତଳ ପଡିଆରେ କରାଯିବାକୁ ସ୍ଥିର କରାଯାଇଛି । ପୂର୍ବରୁ ୩୪ ଏକର ପରିମିତ ସ୍ଥାନରେ ବାଲିଯାତ୍ରା ଆୟୋଜିତ ହେଉଥିବାବେଳେ ଚଳିତ ବର୍ଷ କେବଳ ତଳ ପଡିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯାଇସାରିଛି । ଏନଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ ବାଲିଯାତ୍ରା ପରିଚାଳନାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ସୂଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି ।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବାଲିଯାତ୍ରା କୋରକମିଟି ଗଠନ କରାଯାଇଥିବାବେଳେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କ ଅଧ୍ୟକ୍ଷତାରେ ଜମି ଆବଂଟନ କମିଟି, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କମିଟି, ଅତିରିକ୍ତ ଜିଲ୍ଲାପାଳ ସାଧାରଣଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା ଓ ଟେଣ୍ଡର କମିଟି, ଉପଜିଲ୍ଲାପାଳ କଟକ ସଦରଙ୍କ ଅଧ୍ୟକ୍ଷତାରେ ଗଣମାଧ୍ୟମ ସମନ୍ୱୟ କମିଟି କାର୍ଯ୍ୟ କରିବ । ଏହାବ୍ୟତୀତ ଅତିଥି ଅଭ୍ୟର୍ଥନା କମିଟି, ଗମନାଗମନ କମିଟି, ଅତିଥି ଓ କଳାକାରମାନଙ୍କ ରହଣି ସମ୍ପର୍କିତ କମିଟି, ସ୍ୱନଶରସିପ କମିଟି, ପାର୍କିଂ କମିଟି, ଷ୍ଟେଜ ମ୍ୟାନେଜମେଂଟ କମିଟି, ଏନଫୋର୍ସମେଂଟ କମିଟି, ଯାଂଚ ଓ ସୁରକ୍ଷା କମିଟି ଏବଂ ପରିଛନ୍ନତା, ବୈଦ୍ୟୁତିକ ନିରାପତା, କେମିକାଲ ଡଷ୍ଟିଂ କମିଟି ଆଦି ବିଭିନ୍ନ କମିଟିମାନ ଗଠନ କରାଯାଇଛି ।

ବୈଦ୍ୟୁତିକ ସୁରକ୍ଷା, ମଂଚ ଓ ଭିତିଭୂମୀ ସୁରକ୍ଷା, ଅଗ୍ନିଶମ ସୁରକ୍ଷାକୁ ସୁନିଶ୍ଚିତ କରାଇବା, ଦୋଳି ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତିକ ସରଞ୍ଜାମର ସୁରକ୍ଷା ପ୍ରମାଣପତ୍ର ସହ ତୃତୀୟ ପକ୍ଷ ବୀମା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଛନ୍ତି । ଇଂଟିଗ୍ରେଟେଡ ୱେବସାଇଟ ମାଧ୍ୟମରେ ବାଲିଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ କରାଯିବାର ବ୍ୟବସ୍ଥା କରାଯାଇଛି । ବାଲିଯାତ୍ରାର ଅନ୍ତତଃ ୨୦ ଦିନ ପୂର୍ବରୁ ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ସମ୍ବନ୍ଧୀୟ ନୀଳନକ୍ସା ପ୍ରସ୍ତୁତ କରିନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜାଗା ଆବଂଟନ ନିମନ୍ତେ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇପାରିବ । ବିଭିନ୍ନ ବିଷୟ ଯାଂଚ କରିବା ପାଇଁ ଆଠଗଡ ଉପଜିଲ୍ଲପାଳଙ୍କ ନେତୃତ୍ୱରେ ଏନଫୋର୍ସମେଂଟ ଟିମ ଗଠନ କରାଯାଇଛି । ଗ୍ରୀନ୍ କରିଡରର ଦୁଇ ପାଶ୍ୱର୍ରେ ଉଠା ଦୋକାନୀମାନଙ୍କୁ ବସିବାକୁ ନ ଦେଇ ଅନ୍ୟତ୍ର ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଉଭୟ ଗଣକବି ବୈଷ୍ଣବ ପାଣି ମଂଚ ଓ ଅକ୍ଷୟ ମହାନ୍ତି ମଂଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ । ଚଳିତଥର ଓରମାସରେ ସୁରକ୍ଷାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ଓରମାସରେ କେବଳ ସମ୍ମତି ହାସଲ କରିଥିବା ବ୍ୟବସାୟୀମାନଙ୍କୁ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ କରାଯିବ । ଡିସିପି ଶ୍ରୀ ଋଷିକେଶ ଦ୍ୟାନଦେଓ ଖିଲାରୀ ସମ୍ପୂର୍ଣ୍ଣ ଟ୍ରାଫିକ୍ ନିୟନ୍ତ୍ରଣର ରୂପରେଖ ପ୍ରସ୍ତୁତ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ, ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ମିଶନ ଅଲ୍‌ଆଉଟ୍‌କୁ ଚାଲେଞ୍ଜ

# ସିଲ୍ ହୋଇଥିବା ଘରକୁ ଖୋଲିଦେଲେ, ୧୦୦ ଏକର ଜମିରେ ବସ୍ତି

ଭୁବନେଶ୍ୱର, (ସବ୍ୟୁ) : ବାଣୀବିହାର କର୍ତ୍ତୃପକ୍ଷଙ୍କ ମିଶନ ଅଲ୍‌ଆଉଟ୍‌କୁ ଚାଲେଞ୍ଜ କରିଛନ୍ତି ଜବରଦଖଲକାରୀ । ସିଲ୍ ହୋଇଥିବା ଦୁଇଟି କ୍ୱାର୍ଟର୍ସକୁ ଜବରଦଖଲକାରୀ ଖୋଲି ସେଠାରେ ରହିବା ସହ ଚଳପ୍ରଚଳ ହେଉଛନ୍ତି । ଚେୟାରମ୍ୟାନଙ୍କ ପାଖରେ ଆଉଟ୍‌ସୋର୍ସିଂରେ କାମ କରିଥିବା ଜଣେ ମହିଳା ସିଲ୍‌ରେ ଥିବା ଗୋଟିଏ କ୍ୱାର୍ଟର୍ସକୁ ଖୋଲି ତା'ଭିତରେ ରହୁଛନ୍ତି । ତାଙ୍କୁ ତାଲା କାଟି କାହିଁ ରହୁଛ ପଚାରିବାରୁ ମୁଁ ରହୁଥିଲି, ଆଉ ରହିବି ବୋଲି କହିଥିଲେ । କାହିଁ ଏପରି କହୁଛନ୍ତି ପଚାରିବାରୁ ମୁଁ ଚେୟାରମ୍ୟାନଙ୍କ ପାଖରେ କାମ କରୁଛି । ତେଣୁ ଏଠାରେ ରହିବାରେ କୌଣସି ଭୁଲ୍ ନାହିଁ । ଯଦି ଭୁଲ୍ ନାହିଁ, କାହିଁକି କର୍ତ୍ତୃପକ୍ଷ ସିଲ୍ କରିଥିଲେ ବୋଲି ପଚାରିବାରୁ ସବୁ ପ୍ରଶ୍ନର ଉତ୍ତର କହିବାକୁ ମୁଁ ବାଧ୍ୟ ନୁହେଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ କହିଥିଲେ । ଏଥିସହ କ୍ୱାର୍ଟର୍ସ ପାଖରେ ଲାଗିଥିବା ନୋଟିସ୍‌କୁ ମଧ୍ୟ ସେ ଚିରି ଦେଇଛନ୍ତି ।

ଆଉ ଏକ କ୍ୱାର୍ଟର୍ସର ତାଲା କାଟି ଦୁଇଜଣ ସାର୍ ୫୦ରୁ ଉର୍ଦ୍ଧ୍ୱର୍ ପିଲାଙ୍କୁ ଟିଉସନ କରୁଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ପିଲାଙ୍କୁ ବିଦା କରିଦେବା ସହ ଘରେ ତାଲା ପକାଇ ଖସିଯାଇଥିଲେ । ମିଶନ ଅଲ୍‌ଆଉଟ୍‌କୁ ଏମାନେ କିପରି ଚାଲେଞ୍ଜ କରିବାକୁ ସାହାସ କଲେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏମାନଙ୍କ ପଛରେ କେଉଁମାନେ ଅଛନ୍ତି, ତାହା ମଧ୍ୟ ନିର୍ଣ୍ଣୟ ହୋଇପାରିନାହିଁ ।

ବାଣୀବିହାର କ୍ୟାମ୍ପସ୍‌ରେ ପ୍ରାୟ ୧୦୦ଏକର ଜମିରେ ଗଢିଉଠିଥିବା ବସ୍ତି ବାସିନ୍ଦାମାନଙ୍କୁ ଜାଗା ମିଶନରେ ପଟ୍ଟା ମିଳିଛି । ଆଧାର କାର୍ଡ, ଭୋଟକାର୍ଡ, ପ୍ୟାନକାର୍ଡ ପ୍ରଭୃତି ସେମାନେ କରିବା ସହ ରେସିଡେନ୍ସିଆଲ୍ ସାର୍ଟିଫିକେଟ୍ ମଧ୍ୟ କାଢିଛନ୍ତି । ତେଣୁ ସରକାର ତାଙ୍କୁ ଭୋଟ ପାଇଁ ସବୁ ସୁବିଧାସୁଯୋଗ ଯୋଗାଇ ଦେଇଛନ୍ତି । ଏପରିକି ସେହି ବସ୍ତିରେ PMIରାସ୍ତା ସାଙ୍ଗକୁ ପାନୀୟ ଜଳ ଓ ବିଦ୍ୟୁତ୍ ମଧ୍ୟ ସରକାର ଯୋଗାଇଛନ୍ତି । ବସ୍ତି ବାସିନ୍ଦାମାନେ ରାସନ କାର୍ଡ ମଧ୍ୟ ପାଇଛନ୍ତି । ସେମାନଙ୍କ କହିବାନୁଯାୟୀ ଆମେ ଦୀର୍ଘଦିନ ହେବ ଏହି ସ୍ଥାନରେ ରହିଆସୁଛୁ । ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନହେଲେ ଆମକୁ କେହି ହଟାଇ ପାରିବେ ନାହିଁ । ପ୍ରଶାସନର ଜଣେ ଅଫିସରଙ୍କ କହିବାନୁଯାୟୀ ବସ୍ତି ଉଚ୍ଛେଦ ସମୟସାପେକ୍ଷ ହୋଇଥିବା ବେଳେ ଭଡା ଲାଗିଥିବା କ୍ୱାର୍ଟର୍ସ ଖାଲି କରିବାକୁ ବ୍ୟବସ୍ଥା ହୋଇସାରିଛି । ଯେଉଁମାନେ ଚାଲେଞ୍ଜ କରି ସିଲ୍ ହୋଇଥିବା ଘରକୁ ଖୋଲି ଚଳୁଛନ୍ତି, ତାଙ୍କ ଉପରେ କ'ଣ ପଦକ୍ଷେପ ନିଆଯିବ ବୋଲି ସେ କିଛି କହିନଥିଲେ ।

### ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନାଙ୍କ ପ୍ରଥମ ଏମ୍ସ ଭୁବନେଶ୍ୱର ଗସ୍ତ

## ଦକ୍ଷତା ବିକାଶ କ୍ଷେତ୍ରରେ ଉତ୍‌ପ୍ରେରକ ଭାବେ କାର୍ଯ୍ୟ କରିବ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, (ସବ୍ୟୁ): ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ପ୍ରମୁଖ ବ୍ରାଣ୍ଡ ପାଲଟିଛି ଏମ୍ସ ଭୁବନେଶ୍ୱର। ଚିକିତ୍ସା ବିଜ୍ଞାନ, ରୋଗୀସେବା ଏବଂ ଗବେଷଣା କ୍ଷେତ୍ରରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିଶ୍ୱାସ ଜିଣିବାରେ ସଫଳ ହୋଇଛି। ତେବେ ରାଷ୍ଟ୍ରୀୟସ୍ତରରେ ଦକ୍ଷତା ବିକାଶ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ଉତ୍ପ୍ରେରକ ଭାବେ କାର୍ଯ୍ୟକରିବ। ନୂତନ ଭାବେ ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଏମ୍ସକୁ ପ୍ରଥମ ଗସ୍ତରେ ଆସି ଏପରି ମତବ୍ୟକ୍ତ କରିଛନ୍ତି ଡ. ଅନୀତା ସକ୍ସେନା। ସ୍ୱାସ୍ଥ୍ୟସେବା ପ୍ରଦାନକ୍ଷେତ୍ରରେ ଏମ୍ସ ଭୁବନେଶ୍ୱରର ବ୍ୟାପକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନା। ଚାରି ଦଶନ୍ଧିର ବୃତ୍ତିଗତ ଉତ୍କର୍ଷତା ସହିତ ସମଗ୍ର ଦେଶରେ ସୁପରିଚିତ ସଫଳ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡ. ଅନୀତା ସକ୍ସେନାଙ୍କୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସ୍ୱାଗତ କରିଥିଲେ। ଏହି ପରିଦର୍ଶନ ସମୟରେ ଏମ୍ସ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସୌଭାଗ୍ୟ କୁମାର ଜେନା, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂ, ଅଧୀକ୍ଷଣ ଯନ୍ତ୍ରୀ ଆର ପି ଟପ୍ପୋଙ୍କ ସମେତ ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକା ତଥା ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ, ନୂତନ ଅଧ୍ୟକ୍ଷ ଡ. ସକ୍ସେନା ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଭାରତ ସରକାରଙ୍କ 'ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଥିଲେ। ଡ. ସକ୍ସେନା ଏମ୍ସ ଭୁବନେଶ୍ୱରରେ ଏହାର ସଫଳତା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ କାର୍ଯ୍ୟାନ୍ୱୟନ ଏବଂ ସାମୂହିକ ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିଥିଲେ।



### ନିଶା ମାଫିଆଙ୍କ ପାଇଁ ଜିଲ୍ଲା ପୁଲିସର ଅପରେସନ୍ ପ୍ରହାର

## ୧୨ ଦିନରେ ୧୬ଜଣଙ୍କ ନାଁରେ ମାମଲା, ୧୦ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ପାର୍ବଣ ସମୟରେ ନିଶା କାରବାର କୁ ରୋକ ଲଗାଇବାକୁ ଜିଲ୍ଲା ପୁଲିସ ଆରମ୍ଭ କରିଛି ଅପରେଶନ୍ ପ୍ରହାର। ଗତ ୧୨ ଦିନ ମଧ୍ୟରେ ୮ଟି ମାମଲାରେ ପୁଲିସ ୧୦ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବାବେଳେ ଅପରେସନ୍ ପ୍ରହାର ରେ ସଫଳତା ମିଳିଥିବା ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି। ଜିଲ୍ଲା ପୁଲିସ ତଥ୍ୟ ଅନୁସାରେ, ଗତ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପୁଲିସ ର ଅପରେସନ୍ ପ୍ରହାର ଜାରୀ ରହିଛି। ଅପରେସନ୍ ପ୍ରହାର ରେ ଜିଲ୍ଲା ପୁଲିସକୁ ମିଳିଛି ସଫଳତା। ଆଜି ସୁଦ୍ଧା ବିଭିନ୍ନ ଥାନାରେ ୮ଟି ମାମଲା ରୁଜୁ ହୋଇଛି। ୧୬ଜଣ ନିଶା ବେପାରୀଙ୍କ ବିରୋଧରେ କେଶ ହୋଇଥିବାବେଳେ ୧୦ଜଣଙ୍କୁ ପୁଲିସ ଗିରଫ କରିଛି। ଏଥିରେ ୧୮୩.୫୭ଗ୍ରାମ ଓଜନ ର ବ୍ରାଉନସୁଗର ଜବତ ହୋଇଥିବାବେଳେ ଏହାର ମୂଲ୍ୟ ପ୍ରାୟ ୧୮ ଲକ୍ଷ ରୁ ଉର୍ଦ୍ଧ୍ୱ ହେବ। ସେହିପରି ୯କେଜି ୫୫୦ଗ୍ରାମ ଓଜନର ଗଞ୍ଜେଇ, ୬ଲିଟର କଫ୍‌ସିରଫ୍ ଜବତ ହୋଇଛି। ଅନ୍ୟପକ୍ଷରେ ଏଇ ୧୨ଦିନ ହେବ ପୁଲିସ ର ବିଭିନ୍ନ ସ୍ଥାନରେ ଚଢଉ ଫଳରେ ନିଶା ବେପାରୀ ଏବେ ଛତ୍ରଭଙ୍ଗ ଦେଉଥିବା କୁହାଯାଉଛି। ସହର ର ଆଡାସ୍ଥଳୀ ଏବେ ପୁଲିସ ଭୟରେ ଖାଲିଥିବାବେଳେ ପୁଲିସ ର ଏ ଅପସେନ୍ କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

### ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପକ୍ଷରୁ

# ଏକ ଦିବସୀୟ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଇସ୍ପାତ ମନ୍ତ୍ରଣାଳୟ, ଝାରସୁଗୁଡାସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ରଶ୍ମି ଗ୍ରୁପ୍) ଠାରେ ଏକ ଦିବସୀୟ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ଆୟୋଜନ କରିଛନ୍ତି। ଆଲୋକ ଅବସ୍ଥି, ସହଯୋଗୀ ଉପାଧ୍ୟକ୍ଷ - ବାଣିଜ୍ୟିକ, ଏବଂ ରଞ୍ଜିତ କୁମାର ବିଶ୍ୱାଲ, ଓଏମପିଏଲ, ଝାରସୁଗୁଡାର ମହାପ୍ରବନ୍ଧକ (ଏଚ୍‌ଆର, ଆଇଆର, ଏବଂ ଆଡମିନ୍) ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବିପିଏନଏସଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ଦେଇଥିଲେ ଏବଂ ଓଏମପିଏଲ, ଝାରସୁଗୁଡାର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ କାର୍ଯ୍ୟକ୍ରମ ସୂଚୀ ଉପସ୍ଥାପନ କରିଥିଲେ। ଆଇଆଇଟି, ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ଡକ୍ଟର ରାମା କୃଷ୍ଣ ସାବତା, ଡିଆରଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କର ବକ୍ତୃତା ଶ୍ରେଣୀ ଆରମ୍ଭ କରିଥିଲେ।



# ୨୭ ଲକ୍ଷ ଠକେଇ, ସେଲ୍ସମ୍ୟାନ୍ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିଭିନ୍ନ ଉପାୟରେ ୨୭ଲକ୍ଷ ୫୨ ହଜାର ୨୪୨ଟଙ୍କା ଠକେଇ କରିଥିବା ସେଲ୍ସମ୍ୟାନ୍ ପ୍ରଦୀପ ପଟ୍ଟନାୟକ (୩୪) ଠକି ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୋଲିସ ସେଲ୍ସମ୍ୟାନ୍ ପ୍ରଦୀପକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

ନବୀନ ଅଗ୍ରୱାଲ ଝାରପଡା ଜଗନ୍ନାଥନଗରରେ ମହାପ୍ରଭୁ ଲାମିନେଟ୍ସ ନାମରେ ଏକ ସନ୍‌ମାଇକା ହୋଲ୍‌ସେଲିଂ ଦୋକାନ କରିଛନ୍ତି । ଅଭିଯୁକ୍ତ ପ୍ରଦୀପ ପଟ୍ଟନାୟକ ଓ ରାଜକୁମାର ଓଝା ଅଭିଯୋଗକାରୀଙ୍କ ଦୋକାନରେ ସେଲ୍ସମ୍ୟାନ୍ ଭାବରେ କାର୍ଯ୍ୟ କରିବା ସହ ବିଭିନ୍ନ ଡିଲରଙ୍କ ଠାରୁ ଟଙ୍କା ସଂଗ୍ରହ କରିବା ଦାୟିତ୍ୱରେ ଥିଲେ । ଅଭିଯୁକ୍ତ ପ୍ରଦୀପ ବିଭିନ୍ନ ଡିଲରଙ୍କ ଠାରୁ ୨୦ଲକ୍ଷ ୧୦ ହଜାର ୩୪୦ଟଙ୍କା ସଂଗ୍ରହ କରି ଅଭିଯୋଗକାରୀଙ୍କ ପାଖରେ ଦାଖଲ କଲେନାହିଁ । ନବୀନ ନିଜ ଆକାଉଣ୍ଟ ଯାଞ୍ଚ କରିବାରୁ ଅଭିଯୁକ୍ତ ପ୍ରଦୀପ ସଂଗ୍ରହ କରିଥିବା ଟଙ୍କା ବ୍ୟାଙ୍କରେ ଜମା କରିନଥିବା ଜାଣିଥିଲେ ।

ପ୍ରଦୀପ ରମ୍ଭାରେ କରିଥିବା ନିଜ ଦୋକାନ ମା'ମଙ୍ଗଳା ଟ୍ରେଡର୍ସ ପାଇଁ ଅଭିଯୋଗକାରୀଙ୍କ ଦୋକାନରୁ ୪ଲକ୍ଷ ୧୧ ହଜାର ୯୦୨ଟଙ୍କାର ସନ୍‌ମାଇକା ମଧ୍ୟ କିଣିଥିଲେ । ଏହା ବ୍ୟତୀତ ବିଭିନ୍ନ ଦିନରେ ପ୍ରଦୀପ ନୂତନ ବାଇକ୍ କିଣିବା ତଥା ଅଗ୍ରୀମ ଦରମା ଆକାରରେ ଅଭିଯୋଗକାରୀଙ୍କ ନିକଟରୁ ୨ଲକ୍ଷ ୪୭ ହଜାର ୫୦୦ଟଙ୍କା ନେଇଥିଲେ । ପ୍ରଦୀପ ନିଜ ଦୋକାନ ପାଇଁ ତିନୋଟି ପ୍ଲାଇଉଡ୍ ଦୋକାନରୁ ୮୨ ହଜାର ୫୦୦ଟଙ୍କା ମୂଲ୍ୟର ପ୍ଲାଇଉଡ୍ କିଣିଥିଲେ । ଯାହାକି ଉକ୍ତ ନଗଦ ଟଙ୍କା ଅଭିଯୋଗକାରୀକୁ ଜମା ଦେବାର ଥିଲା । ଅଭିଯୋଗକାରୀ ତିନୋଟି ପ୍ଲାଇଉଡ୍ ଦୋକାନରୁ ସଂଗ୍ରହ କରିଥିବା ଟଙ୍କା ସହିତ ଆତ୍ମସାତ କରିଥିବା ଅନ୍ୟାନ୍ୟ ଟଙ୍କା ଜମା ଦେବା ଲାଗି ଅଭିଯୁକ୍ତଙ୍କୁ କହିବାରୁ ସେ ଟଙ୍କା ଫେରସ୍ତ ଲାଗି ସମୟ ମାଗିବା ସହ ଏକ ନୋଟିସ୍ ଚୁକ୍ତି କରିଥିଲା ।

ଚୁକ୍ତି ଅନୁଯାୟୀ ପ୍ରଦୀପ ଟଙ୍କା ଅଭିଯୋଗକାରୀଙ୍କୁ ଫେରାଇ ନଥିଲେ । ଦିନ ପରେ ଦିନ ଗଡାଇ ଚାଲିଲେ । ଅଭିଯୁକ୍ତ ପ୍ରଦୀପ ଅଭିଯୋଗକାରୀଙ୍କ ଠାରୁ ମୋଟ ୨୭ଲକ୍ଷ ୫୨ ହଜାର ୨୪୨ ଟଙ୍କା ଠକି ନେଇଛି । ଅଭିଯୋଗକାରୀ ପ୍ରଦୀପ ଅଗ୍ରୱାଲଙ୍କୁ ଅଭିଯୁକ୍ତ ପ୍ରଦୀପ ପଟ୍ଟନାୟକ ଏହିପରି ହଇରାଣ ହରକତ କରିବାରୁ ସେ ଉପାୟଶୂନ୍ୟ ହୋଇ ଲକ୍ଷ୍ମୀସାଗର ଥାନାରେ ଏତଲା ଦାଏର କରିଥିଲେ । ଏତଲା ଅନୁଯାୟୀ ତାକୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ୯୮ ଲକ୍ଷ ଠକେଇ, ଆନ୍ତଃରାଜ୍ୟ ସାଇବର ଠକ ଗିରଫ

ଭୁବନେଶ୍ୱର,(ସବ୍ୟୁ): ୯୮ ଲକ୍ଷ ଟଙ୍କା ଠକେଇ କରୁଥିବା ଆନ୍ତଃରାଜ୍ୟ ସାଇବର ଠକ ମହମ୍ମଦ ସଦାମ (୩୫)ଙ୍କୁ ଉତ୍ତରପ୍ରଦେଶ ବିଜୟନଗରରୁ ସାଇବର ଥାନା ପୋଲିସ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଛି। ସାଇବର ଥାନାରେ ଏତଲା କରିଥିବା ବ୍ୟକ୍ତି ହ୍ୱାଟ୍ସଅପ୍ ଗ୍ରୁପ୍ ମାଧ୍ୟମରେ ଅଧିକ ଲାଭ ପାଇଁ ୯୮ ଲକ୍ଷ ଟଙ୍କା ବିନିଯୋଗ କରି ଠକେଇର ଶିକାର ହୋଇଥିବା ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଜୁଲାଇ ୪ ତାରିଖରେ ସାଇବର ଥାନାରେ ଠକେଇ ସମ୍ପର୍କରେ ଏତଲା ହୋଇଥିଲା। ଜୁନ୍ ମାସରେ ଏତଲାକାରୀ ଠକେଇ ର ଶିକାର ହୋଇଥିଲେ। ହ୍ୱାଟ୍ସଅପ୍‌କୁ ଆସିଥିବା ଏକ ଲିଙ୍କ୍‌ରେ ଯୋଗଦେବା ପରେ ସେ ଏକ ଗ୍ରୁପ୍ ସହିତ ଜଡିତ ହୋଇଯାଇଥିଲେ। ସେହି ଗ୍ରୁପ୍‌ରେ ଅଧିକ ଲାଭ ଦେବା ଆଶା ଦେଖାଇ ଟଙ୍କା ବିନିଯୋଗ ପାଇଁ ସାଇବର ଠକ ପ୍ରଭାବିତ କରିଥିଲେ। ଡିସିପିଙ୍କ କହିବା ଅନୁଯାୟୀ ପ୍ରଥମେ ଯେଉଁ ଆକାଉଣ୍ଟକୁ ୩୦ ଲକ୍ଷ ଟଙ୍କା ଯାଇଥିଲା ସେହି ଆକାଉଣ୍ଟର ମାଲିକ ମହମ୍ମଦ ସଦାମଙ୍କୁ ଗିରଫ କରାଗଲା। ସଦାମ ଏମ୍‌ଏସ୍ ଚୌଧୁରୀ କଣ୍ଟ୍ରାକଟର ଆଣ୍ଡ ସପ୍ଲାୟର୍ସ କମ୍ପାନୀର ମାଲିକ। ଆକାଉଣ୍ଟ ସଦାମଙ୍କ କମ୍ପାନୀ ନାଁରେ ଅଛି। ସଦାମ ଯେଉଁ ସାଇବର ଠକ ଗ୍ୟାଙ୍ଗରେ ଅଛି ସେହି ଗ୍ୟାଙ୍ଗ ଓଡ଼ିଶା, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶରୁ ବହୁ କୋଟି ଟଙ୍କା ସାଇବର ଠକେଇ କରିଥିବା ଜଣାପଡିଛି। ସଦାମଙ୍କୁ ଟ୍ରାଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯିବା ପରେ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଶୁକ୍ରବାର ସାଇବର ଠକ ସଦାମକୁ କୋର୍ଟ ଚାଲାଣ କରାଯାଇଥିବା ଡିସିପି ଶ୍ରୀ ମୀନା କହିଛନ୍ତି। ସେପେଟମ୍ବର ମାସରେ ୮ ଜଣ ସାଇବର ଠକଙ୍କୁ ଗିରଫ କରାଗଲାଣି ବୋଲି ପୋଲିସ କହିଛି।

### ହୃଦୟର ଅଚ୍ୟୁତ ଆବେଗ ବାପାର ସ୍ୱନକ୍ଷତ୍ର ଉତ୍ସବ

# ବାପା ଶବ୍ଦର ନାହିଁ ପରିଭାଷା: ରାଜସ୍ୱ ମନ୍ତ୍ରୀ

କଟକ, (ସବ୍ୟୁ) ; ବାପା । ବାପା ଶବ୍ଦର ଅର୍ଥ ବ୍ୟାପକ । ସେ ସମୁଦ୍ରଠାରୁ ଗଭୀର । ସେ ଆକାଶଠାରୁ ବିଶାଳ । ବାପା ଶବ୍ଦରେ ନା ଅଛି ଆବିଳତା ନା ଅଛି ଛଳନା । ସେ ବ୍ୟକ୍ତି ନୁହେଁ ସେ ଘରର ମଜବୁତ ଖୁଣ୍ଟ । ସେ ସୃଷ୍ଟି କର୍ତ୍ତା । ସେ ଜୀବନର ପ୍ରେରଣା । ବାପା ଶବ୍ଦର କୌଣସି ପରିଭାଷା ନାହିଁ। ସବୁ ଋଣ ସୁଝି ହେବ କିନ୍ତୁ ପିତୃଋଣ ଶୁଝି ହେବ ନାହିଁ। ବାପାଙ୍କ ଛତ୍ର ଛାୟା ତଳେ ଯିଏ ରହିଛି ତା ପାଖରେ ସ୍ୱର୍ଗ ସୁଖ ଅଛି। ବାପା କେବେ ପୁତ୍ର ହନ୍ତା ହୁଏ ନାହିଁ। ପିତା ପୁତ୍ର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଡମ୍ବରୁଧର ମହାନ୍ତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୃଦୟର ଅଚ୍ୟୁତ ଆବେଗ ବାପା ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଯେଉଁ ଦିନ ସମାଜରୁ ବୃଦ୍ଧ ଆଶ୍ରମ ଲୋପ ପାଇବ ସେହିଦିନ ଏହି ଟ୍ରଷ୍ଟର କାର୍ଯ୍ୟ ସଫଳ ହେଲା ବୋଲି ଆମେ ଗର୍ବ ଅନୁଭବ କରିବା ବୋଲି ସେ କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ପୂର୍ବତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ ଯୋଗଦେଇ ବାପା ଦୁଇଟି ଅକ୍ଷର। ସେ ଜନ୍ମ ଦାତା, ପାଳନ କର୍ତ୍ତା ଓ ଭାଗ୍ୟଦାତା ବୋଲି ମତ ରଖିଥିଲେ। ଏବେ ପିତୃପକ୍ଷ ଚାଲିଥିବାବେଳେ ପିତୃପୁରୁଷମାନେ ମର୍ତ୍ତ୍ୟକୁ ଓହ୍ଲାଇ ଆସିଛନ୍ତି। ଏହି ଟ୍ରଷ୍ଟ ବାପାଙ୍କୁ ସ୍ମରଣ କରି ଆଗାମୀ ପୀଢ଼ି ପାଇଁ ଏକ ସନ୍ଦେଶ ଦେଇଛନ୍ତି । ବିଶିଷ୍ଟ ଅତିଥି ଭାବେ ଦେବୀ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଆଦିତ୍ୟ ବାହିନୀ ର ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବାପା ଶବ୍ଦ ଉପରେ ଦିଗ୍‌ଦର୍ଶନ ସାରଗର୍ଭକ ମତ ରଖିଥିଲେ। ପ୍ରତିଷ୍ଠାତା ଡକ୍ଟର ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାପା ପତ୍ରିକା ସମ୍ପାଦକ ଚାରଣ ଶୁଭେନ୍ଦୁ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଟ୍ରଷ୍ଟ ର ସମ୍ପାଦକ ଇଂ ସମ୍ୟକ୍ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପତ୍ରିକା ବାପା କୁ ଅତିଥି ମାନେ ଲୋକାର୍ପଣ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ବାବାଜୀ ସତ୍ୟାନନ୍ଦ, ଅଜୟ ମିଶ୍ର, ଡ଼କ୍ଟର ଆଦିତ୍ୟ ମହାନ୍ତି,ଦେବାଶିଷ ଜେଠୀ, ଅଟଳବୀହାରୀ ଦାଶ, ବସନ୍ତ ତାରେଣିଆ, ଯାମିନିକାନ୍ତ ଦାଶ,ଅରୁଣ କୁମାର ଦାଶ, ନନ୍ଦିନୀ ଉପାଧ୍ୟାୟ, ବାସୁଦେବ ବେହେରା ଙ୍କୁ ସାରଳା ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ଛାତ୍ର ଛାତ୍ରୀ ଓ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ବାପା ଙ୍କ ଉପରେ ନାଚ ଗୀତ ଓ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଡ଼କ୍ଟର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ସ୍ନିଗ୍ଧା ମହାନ୍ତି ଅତିଥି ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସାମର୍ଥ ମହାନ୍ତି ଓ ଆୟେଶା ଦାସ ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ।



## ଛଣଗିରି ସୁନା ରୁପା ଅଳଙ୍କାର ଦୋକାନ ଲୁଟ ଘଟଣା

# ପୁଣି ଦୁଇ ଅନ୍ତଃରାଜ୍ୟ ଲୁଟେରା ଗିରଫ : ସୁନା, ରୁପା ଅଳଙ୍କାର ଜବତ

ଖୋର୍ଦ୍ଧା, (ସବ୍ୟୁ): ଜଙ୍କିଆ ଥାନା ଅଧିନ ଛଣଗିରି ଅଂଚଳର ଏକ ଅଳଙ୍କାର ଦୋକାନ ରୁ ଫାଙ୍କା ଗୁଳିଚାଳନା ଏବଂ ବୋମା ଫିଙ୍ଗି ଭୁଜାଲିରେ ଆକ୍ରମଣ କରି ଦୁର୍ବୃତ ମାନେ ୧୧କୋଟିରୁ ଉର୍ଦ୍ଧ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଲୁଟ ଘଟଣାରେ ପୁଲିସ ୬ଜଣଙ୍କୁ ଗିରଫ କଲାଣି। ପୂର୍ବରୁ ଏହି ଘଟଣାରେ ପୁଲିସ ୩ଜଣ ଅନ୍ତଃରାଜ୍ୟ ଲୁଟେରାଙ୍କ ସମେତ ଜଣେ ବେପାରୀଙ୍କୁ ମିଶାଇ ୪ଜଣଙ୍କୁ ଗିରଫ କରିଥିବାବେଳେ ଆଜି ପୁଣି ୨ଜଣ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଅଭିଯୁକ୍ତ ଦୁଇ ଜଣ ହେଲେ ପୁରୀ ଜିଲ୍ଲା କଣାସ ଥାନା ଅଂଚଳର ଅଜିତ ପାଇକରାୟ(୨୩) ଏବଂ କଟକ ଜିଲ୍ଲା ପୁରୀଘାଟ ଥାନା ଅଂଚଳର ପ୍ରଭାକର ଜେନା(୨୪) ବୋଲି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ



ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ୧୦୧୩ ଗ୍ରାମ ଓଜନର ସୁନା ଅଳଙ୍କାର ଏବଂ୨୨୩୧ଗ୍ରାମ ଓଜନର ରୂପା ଅଳଙ୍କାର ମଧ୍ୟ ସେମାନଙ୍କ ଠାରୁ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୯୧୩ ଗ୍ରାମ ୬୫୦ମିଲିଗ୍ରାମ ସୁନା ଅଳଙ୍କାର ଏବଂ ୪୫୯୪ଗ୍ରାମ୯୪୦ ମିଲିଗ୍ରାମ ଓଜନର ରୂପା ଅଳଙ୍କାର ଜବତ ହୋଇଛି। ଖୋର୍ଦ୍ଧା, ନୟାଗଡ, ପୁରୀ ଏବଂ କଟକ ଜିଲ୍ଲା ପୋଲିସର ସ୍ପେଶାଲ ସ୍କ୍ୱାର୍ଡ କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ସହାୟତାରେ ଲୁଟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସପି କହିଛନ୍ତି। ସୂଚନା ଅନୁସାରେ, ଜଙ୍କିଆ ଥାନା ଅନ୍ତର୍ଗତ ସରପାରି ଛକ ସ୍ଥିତ ଏକ ଅଳଙ୍କାର ସୋରୁମରୁ ୧୧କୋଟି ୫୫ଲକ୍ଷ ଟଙ୍କା ମୂଲ୍ୟର ୧୧କିଲୋଗ୍ରାମ ୫ଶହ ଗ୍ରାମ ଓଜନର ସୁନା ଅଳଙ୍କାର ୫କିଲୋଗ୍ରାମ ଓଜନର ରୂପା ଅଳଙ୍କାର ଲୁଟ କରିନେଇଥିବାର ସରପାରି ଅଂଚଳର ପୁଷ୍ପ ରଞ୍ଜନ ସାହୁଙ୍କ ପତ୍ନୀ ଆରୁନ୍ଧୁତି ସାହୁ ଜଙ୍କିଆ ଥାନାରେ ଗତ ଅଗଷ୍ଟ ୨୪ତାରିଖ ଦିନ ଅଭିଯୋଗ କରିଥିଲେ। ୮ଜଣ ଲୁଟେରା ମୁହିଁରେ ମାସ୍କ ହାତରେ ଗ୍ଲୋବସ ଏବଂ ମୁଣ୍ଡରେ ହେଲେମେଟ୍ ପିନ୍ଧି ୪ଟି ବାଇକରେ ଆସିଥିବା ୮ଜଣ ଲୁଟେରାଙ୍କ ମଧ୍ୟରୁ ୬ଜଣ ଲୁଟେରା ଦୋକାନ ଭିତରକୁ ଅତର୍କିତ ଭାବେ ପଶି ଯାଇଥିଲେ। ଦୋକାନରେ କାର୍ଯ୍ୟରତ ଥିବା କିଛି କର୍ମଚାରୀଙ୍କୁ ଭୟବୀତ କରାଇବା ସହ ଦୋକାନରେ ଥିବା ସମସ୍ତ ସୁନା ରୂପା ଅଳଙ୍କାର ଲୁଟି ନେଇଥିଲେ। ଅଭିଯୋଗ ଉପରେ ପୋଲିସ ଲୁଟେରାଙ୍କ ଗତିବିଧି, ସିସି ଟିଭି ଫୁଟେଜ କୁ ଆଧାର କରି ଗୋଲ୍ଡେନ ଷ୍ଟ୍ରାଇକ ନାମରେ ଏକ ସ୍ୱତନ୍ତ୍ର ଅଭିଯାନ କରି ତଦନ୍ତ ଚଳାଇଥିଲା।ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ ଜିଲ୍ଲା ପୋଲିସର ମିଳିତ ଭାବେ ଅପରେସନରେ ପୂର୍ବରୁ ଗତ ୨ ତାରିଖରେ ପୋଲିସ ୪ଜଣଙ୍କୁ ଗିରଫ କରିଥିଲେ। ଆଜି ପୁଣି ୨ଜଣଙ୍କୁ ଗିରଫ କରାଯାଇଥିବା ଏସପି କହିଛନ୍ତି।

## ସାର ନିଅଣ୍ଟ ପ୍ରସଙ୍ଗରେ ବର୍ଷିଲା ବିଜେଡି

# ୧୫ ତାରିଖରେ ରାଜଭବନ ଆଗରେ ବିଜେଡିର ବିଶାଳ ଗଣଧାରଣା

ଭୁବନେଶ୍ୱର, (ସବ୍ୟୁ): ସାର ଅଭାବକୁ ନେଇ ରାଜ୍ୟର କୃଷକ ସମାଜ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବିକୁ ସମାଲୋଚନା କରି ସମବାୟ ବିଭାଗର ତଥ୍ୟ ଗଣମାଧ୍ୟମ ଆଗରେ ପ୍ରସ୍ତୁତ କରି ରାଜ୍ୟରେ ସାର ନିଅଣ୍ଟ ଥିବାର ପ୍ରମାଣ ଦେଇଛି ବିଜେଡି। ଏହାଛଡା, ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆସନ୍ତା ୧୫ ତାରିଖରେ, ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ସୂଚନା ଦେଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ, ସାର ନିଅଣ୍ଟ ସ୍ଥିତି ଯୋଗୁ କୃଷକ ମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ସାର



ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିବା ଖବର ବିଭିନ୍ନ ଗଣମାଧ୍ୟମରେ ନିୟମିତ ଭାବରେ ପ୍ରକାଶ ପାଇ ଆସୁଛି। ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି।

ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟର ୭୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରର ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର କୃଷକ ସମାଜର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆଗାମୀ ୧୫ ତାରିଖରେ, ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ଧାରଣା ଦେବ। ଯଦି ସାର ସମସ୍ୟା ଲାଗି ରହେ, ରାଜ୍ୟର ପ୍ରତି ବ୍ଲକରେ ବିଜେଡି ଆନ୍ଦୋଳନ କରିବ।

## ଆଇଏସଏ ଷ୍ଟିଲ୍ କନକ୍ଲେଭ୍ ୨୦୨୫ ସ୍ଥାୟୀ ଅଭିବୃଦ୍ଧି ପାଇଁ

# ଏଆଇ ସବୁଜ ଅର୍ଥ ଏବଂ କଞ୍ଚାମାଲ ସୁରକ୍ଷା ଉପରେ ଆଲୋକପାତ

ଭୁବନେଶ୍ୱର, (ସବ୍ୟୁ): ମୂଲ୍ୟ ଶୃଙ୍ଖଳରେ କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି, ସବୁଜ ପରିବର୍ତ୍ତନ ପାଇଁ ଆର୍ଥିକ ସହାୟତା ଏବଂ କଂଚାମାଲ ଉପଲବ୍ଧତା ବୃଦ୍ଧି ଉପରେ ଆଲୋକପାତ କରିବା ପାଇଁ ଏକ ଦୁଇ ଦିନିଆ ଇସ୍ପାତ କନକ୍ଲେଭ୍ ୨୦୨୫ ମଙ୍ଗଳବାର ଦିନ ଜାତୀୟ ରାଜଧାନୀରେ ସମାପ୍ତ ହୋଇଛି। "ଆତ୍ମନିର୍ଭର ଭାରତ ପାଇଁ ଇସ୍ପାତ: ସ୍ଥିରତା ଏବଂ ଅଭିବୃଦ୍ଧିକୁ ଚଳାଇବା" ବିଷୟବସ୍ତୁ ସହିତ ଭାରତୀୟ ଇସ୍ପାତ ସଂଘ ଦ୍ୱାରା ଏହି ମହାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଇସ୍ପାତ ଶିଳ୍ପ ଅଂଶୀଦାର, କେନ୍ଦ୍ର ମନ୍ତ୍ରୀ ଏବଂ ନୀତି ନିର୍ଦ୍ଧାରକମାନେ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ କାର୍ବନ ପଦଚିହ୍ନ ହ୍ରାସ ସହିତ ଇସ୍ପାତ କ୍ଷେତ୍ରର ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଅନ୍ତର୍ଦୃଷ୍ଟି ବଖାଣିଥିଲେ। ପ୍ୟାନେଲ୍ ଆଲୋଚନା ଏବଂ ଇସ୍ପାତ ଶିଳ୍ପ ସମ୍ବନ୍ଧୀୟ ରିପୋର୍ଟ ପ୍ରକାଶନ କାର୍ଯ୍ୟକ୍ରମରେ ଗୁରୁତ୍ୱ ବୃଦ୍ଧି କରିଥିଲା। ଆଇଏସଏ ଷ୍ଟିଲ୍ କନକ୍ଲେଭ୍ ଇସ୍ପାତ



ମନ୍ତ୍ରଣାଳୟ ଏବଂ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଥିଲା। ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ତାଙ୍କ ସ୍ୱାଗତ ଭାଷଣରେ କହିଛନ୍ତି, "ଜାଳେଣି କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରିବା, ଏମଏସଏମଇଗୁଡ଼ିକୁ ସଶକ୍ତ କରିବା ଏବଂ ଭାରତୀୟ ଇସ୍ପାତକୁ ଅଧିକ ସ୍ମାର୍ଟ, ସବୁଜ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କରିବା ଉପରେ ଆମର ଗୁରୁତ୍ୱ ଆମେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଏବଂ ଆଗାମୀ ସୁଯୋଗ ଉଭୟକୁ ସ୍ପଷ୍ଟ କରେ। ଭାରୀ ଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତିରାଜୁ ଶ୍ରୀନିବାସ ବର୍ମା ନୂଆଦିଲ୍ଲୀରେ ଷଷ୍ଠ ଆଇଏସଏ ଇସ୍ପାତ କନକ୍ଲେଭ ୨୦୨୫ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଭାରତୀୟ ଇସ୍ପାତ ସମ୍ମିଳନୀର ଶେଷ ଦିନରେ ତାଙ୍କ ଅଭିଭାଷଣରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ କହିଛନ୍ତି: ଆପଣମାନଙ୍କୁ ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବା ଏକ ସୌଭାଗ୍ୟର କଥା, ଏବଂ ଏହି ବାର୍ଷିକ ସମ୍ମିଳନୀ ମାଧ୍ୟମରେ ସବୁଠାରୁ ସ୍ଥିର ଆଲୋଚନା ବଜାୟ ରଖିବା ପାଇଁ ମୁଁ ଇସ୍ପାତ କ୍ଷେତ୍ରକୁ ପ୍ରଶଂସା କରୁଛି।

## ଲକ୍ଷାଧିକ ଟଙ୍କାର ବାଉନ ସୁଗର ଜବତ : ଜଣେ ଗିରଫ

ରଣପୁର,(ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ଅବକାରୀ ଥାନା କର୍ମଚାରୀ ଅଭାବ ଆଳ ଦେଖାଇ ଚୁପଚାପ ଶୋଇଥିବା ବେଳେ ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ ଚୋରା ମାଦକ ଦ୍ରବ୍ୟ କାରବାର ଉପରେ ତୀକ୍ଷ୍ଣ ଦଷ୍ଟି ଦେବାକୁ ସମସ୍ତ ଥାନା କର୍ମଚାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଥାନା ଉପ ନିରୀକ୍ଷକ ସଞ୍ଜୟ କୁମାର ପରିଡା ଶୁକ୍ରବାର ମଧ୍ୟାହ୍ନରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଚାନ୍ଦପୁର ଓଭରବ୍ରିଜ ଠାରେ ଏକ ଗ୍ଲାମର ବାଇକକୁ ତନଖି କରିଥିଲେ । ମଟର ସାଇକେଲ ରୁ ୨୨ ଗ୍ରାମ ଦେଶୀ ବ୍ରାଉନ ସୁଗାର ଜବତ କରିବା ସହ ଖଣ୍ଡିଆବନ୍ଧ ଗ୍ରାମର ଆନନ୍ଦ କୁମାର ବଳିଆରସିଂ ୪୩ କୁ ଗିରଫ କରିବା ସହ ଗ୍ଲାମର ବାଇକୁ ଜବତ କରି ଥାନା ରେ ରିପୋର୍ଟ କରିଥିଲେ । ଥାନା ନିରୀକ୍ଷକ ସ୍ୱାଇଁ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବଳିଆରସିଂ କୁ ନୟାଗଡ଼ ଅଦାଲତ କୁ ଚାଲାଣ କରିଥିବା ଜଣାପଡିଛି ।।

# ଭୁବନେଶ୍ୱରରେ ଏଫ୍ଏଲ୍ଓ ବଜାର ୨୦୨୫ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଫିକିର ମହିଳା ଶାଖା ତଥା ଭାରତରେ ମହିଳା ମାନଙ୍କର ସର୍ବବୃହତ ଚାମ୍ବର ଅଫ କମର୍ସର ଓଡ଼ିଶା ଚାପ୍ଟର, ଫିକି ଏଫ୍ଏଲ୍ଓ ଭୁବନେଶ୍ୱରରେ ଏହାର ଦୁଇ ଦିନିଆ ଏଫ୍ଏଲ୍ଓ ବଜାର ୨୦୨୫ ଉଦଘାଟନ କରିଛି। ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏହି ବଜାର ଉଦଘାଟନ କରିଥିଲେ। ଚଳିତ ବର୍ଷ ସଂସ୍କରଣରେ ମହିଳା ଉଦ୍ୟୋଗୀ ଏବଂ ଗ୍ରାମାଞ୍ଚଳ ହସ୍ତତନ୍ତ ବୁଣାକାରଙ୍କ ଦ୍ୱାରା ୩୫ଟି ଷ୍ଟଲ ସ୍ଥାନ ପାଇଛି, ଯେଉଁଥିରେ ହସ୍ତତନ୍ତ, ହସ୍ତଶିଳ୍ପ, ୱେଲନେସ ଉତ୍ପାଦ ଏବଂ ସୋନ୍ଦର୍ଯ୍ୟ ସାମଗ୍ରୀ ଗୁଡିକର ଆକର୍ଷଣୀୟ ସମ୍ଭାର ପ୍ରଦର୍ଶିତ ହେଉଛି।

ଏହି ଅବସରରେ ପ୍ରକାଶ କରି ଶ୍ରୀ ମଲ୍ଲିକ ଏଫ୍ଏଲ୍ଓ ଭୁବନେଶ୍ୱରର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାକୁ ଏକ ପ୍ରଭାବଶାଳୀ ମଞ୍ଚ ସୃଷ୍ଟି କରିବା ପାଇଁ ଚେୟାରପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ଅଭିବୃଦ୍ଧିକୁ




ଆଗେଇନେବ କ୍ଷେତ୍ରରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ଜୋର୍ ଦେବା ସହିତ ଓଡ଼ିଶା ସରକାରଙ୍କ ଏମଏସଏମଇ ଯୋଜନା ଗୁଡିକ ଏବଂ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ସିଙ୍ଗଲ-ୱିଣ୍ଡୋ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ।

ଏଫ୍ଏଲ୍ଓର ପ୍ରତିଷ୍ଠାତା ଚେୟାରପର୍ସନ ଧରିତ୍ରୀ ପଟ୍ଟନାୟକ ମହିଳା ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜ ସମ୍ପର୍କରେ ଏବଂ ଆଗକୁ ରହିଥିବା ପଥ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ସମଗ୍ର ଗ୍ରାମାଞ୍ଚଳ, ସହରାଞ୍ଚଳ, ଆଦିବାସୀ ଏବଂ ଉପକୂଳ ଅଞ୍ଚଳରେ ମହିଳା ମାନଙ୍କୁ ସଶକ୍ତ କରିବାକୁ ଏଫ୍ଏଲ୍ଓର ନିରନ୍ତର ପ୍ରୟାସ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ।

ଚେୟାରପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ର ନୂତନ ଶିଖରରେ ପହଞ୍ଚିବା ନିମନ୍ତେ ମହିଳା ମାନଙ୍କୁ ସମର୍ଥନ କରିବା ନେଇ ଏଫ୍ଏଲ୍ଓ ଭୁବନେଶ୍ୱର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ, "ଏଫ୍ଏଲ୍ଓ ଏକ ମଜଭୁତ ପରିବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯେଉଁଠାରେ ଅଧିକ ମହିଳା ଉଦ୍ୟୋଗୀ ଯୋଗ ଦେଇ ସେମାନଙ୍କର ଦକ୍ଷତାରେ ବୃଦ୍ଧି ଘଟାଇ ପାରିବେ ଏବଂ ଦୀର୍ଘସ୍ଥାୟୀ ବ୍ୟବସାୟ ନିର୍ମାଣ କରିବେ।" ଉଦ୍‌ଘାଟନୀ ଦିବସରେ ବିପୁଳ ସଂଖ୍ୟାରେ ଜନସାଧାରଣଙ୍କୁ ଦେଖିବାକୁ ମିଳିଥିଲା ଏବଂ ଦର୍ଶକମାନେ ଆଗ୍ରହର ସହିତ ଆଗାମୀ ଦଶହରା ପାର୍ବଣ ନିମନ୍ତେ କିଣାକିଣି କରିଥିଲେ, ଏବଂ ଏଫ୍ଏଲ୍ଓ ବଜାରକୁ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉଦ୍ୟୋଗ, ପରମ୍ପରା ଓ ସୃଜନଶୀଳତାର ଏକ ଚଳଚଞ୍ଚଳ ଉତ୍ସବ ପାଳନ କରି ଗଢି ତୋଳିଥିଲେ।

## ଓମାନରେ ଓଡିଆ ଯୁବକ ମୃତ

# ମରଶରୀର ଆଣିବା ପାଇଁ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମ

ଭୁବନେଶ୍ୱର, (ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓମାନରେ ମୃତ ଓଡିଆ ଯୁବକ ଶେଖ ଜାଫର ଉଦ୍ଦିନଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ଓମାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କପିଳ ପ୍ରସାଦ ଗ୍ରାମର ଶେଖ ଜଲୀଲ ଉଦ୍ଦିନଙ୍କ ପୁଅ ଜାଫର ଉଦିନ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ।



ସେଠାରେ କୌଣସି କାରଣରୁ ତାଙ୍କର ସେପ୍ଟେମ୍ବର ୦୭ ତାରିଖରେ ମୃତ୍ୟୁ ହୋଇଥବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ଜାଫରଙ୍କ ପତ୍ନୀ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ପୂର୍ବତନ କୋର୍ପୋରେଟର ମଣ୍ଟୁ ନନ୍ଦଙ୍କ ଜରିଆରେ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ନିବେଦନ କରିଛନ୍ତି।

# କୁଆଡେ ଗଲେ ମହିଳା ଟ୍ରାଫିକ୍ କନଷ୍ଟେବଲ

ଭୁବନେଶ୍ୱର, (ସବ୍ୟୁ) : ଏକ ସପ୍ତାହ ହେବ ମହିଳା ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରା ସାହୁ ଡିୟୁଟିରେ ଯାଇ ଘରକୁ ଫେରିନାହାନ୍ତି । ଘର ଲୋକେ ତାଙ୍କୁ ଖୋଜି ନପାଇବା ପରେ କ୍ୟାପିଟାଲ ଥାନାରେ ଏତଲା କରିଛନ୍ତି । ତାଙ୍କ ଏତଲା ଆଧାରରେ ପୋଲିସ ନିଖୋଜ ମାମଲା ରୁଜୁ କରିଛି । ହେଲେ ଟ୍ରାଫିକ୍ କନଷ୍ଟେବଲ ୬ ତାରିଖରୁ କୁଆଡେ ଗଲେ ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ।

ଶୁଭମିତ୍ରାଙ୍କ ଘର ଜଗତସିଂହପୁର ଜିଲ୍ଲା ପାରାଦୀପରେ ହୋଇଥିବା ବେଳେ ସେ କମିଶନରେଟ୍ ପୋଲିସ ଟ୍ରାଫିକ୍‌ରେ ଯୋଗଦେଇ ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ । ବିଭାଗୀୟ ଲୋକ ୬ ତାରିଖରୁ କେଉଁଆଡେ ଗଲେ କମିଶନରେଟ୍ ପୋଲିସ ଖୋଜି ପାଉନଥିବା ବେଳେ ସାଧାରଣ ଲୋକଙ୍କ କଥା କିପରି ବୁଝୁଥିବେ ତାହା ସହଜରେ ଅନୁମେୟ । ଶୁଭମିତ୍ରାଙ୍କୁ କିଏ ଅପହରଣ କରିନେଇଛି ନା ସେ ଘରେ ନକହି କେଉଁଆଡେ ଯାଇଛନ୍ତି ତାହା ମଧ୍ୟ ପୋଲିସ ଜାଣିପାରି ନାହିଁ । ପୋଲିସ କହିବାନୁଯାୟୀ ତାଙ୍କୁ ଠାବ କରାଯିବା ପରେ ସବୁ ରହସ୍ୟ ଜଣାପଡ଼ିବ । ସୂର୍ଯ୍ୟନଗରରେ ସେ ଡିୟୁଟିରେ ଥିବାବେଳେ ପୋଷାକ ସହ କେଉଁଆଡେ ଗଲେ । ମହିଳା କନଷ୍ଟେବଲଙ୍କ ରହସ୍ୟଜନକ କେଉଁଆଡେ ଉଭାନ ହୋଇଗଲେ ତାହା ଜାଣିବା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି ।

# ବିସ୍ଫୋରଣରେ ମହିଳା ମୃତ

ବେତନଟୀ/ବାରିପଦା ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ପୁଲିସ ଉପଖଣ୍ଡର ବଡ଼ସାହି ଥାନା ଅଧୀନ ଭୀମଦା ଗ୍ରାମ ନିକଟସ୍ଥ ଉଁଚଡିହ ଠାରେ ବାଣ ଭିଡିବା ବେଳେ ଭୟଙ୍କର ବିସ୍ଫୋରଣ ହୋଇ ଉଡିଗଲା ଚାଳଛପର ଘର ।ବିସ୍ଫୋରଣରେ ଜଣେ ମହିଳାଙ୍କର ହୋଇଛି ମୃତ । ମୃତ ମହିଳା ଜଣକ ହେଲେ ବଡ଼ସାହି ଥାନା ଭୀମଦା ଗାଁର ଶତୃଘନ ମଣ୍ଡଳଙ୍କର ସ୍ତ୍ରୀ କୁଞ୍ଜଲତା ମଣ୍ଡଳ(୬୦) ।ପ୍ରାପ୍ତସୂଚନା ମୁତାବକ କୁଞ୍ଜଲତା ଶୁକ୍ରବାର ଦିନ ସକାଳୁ ନିଜ ସ୍ୱାମୀ ଶତୃଘନ ମଣ୍ଡଳ ନାମରେ ହୋଇଥିବା ଉଦ୍ୟାନ କୃଷିର ଦ୍ୱାରା ସମନ୍ୱିତ ବିକାଶ ପାଇଁ ହୋଇଥିବା ଫାର୍ମ ଭିତରେ ଚାଲିଥିଲା ବାଣ ତିଆରି ବେଳେ ବିସ୍ଫୋରଣ ଘଟିବା ଯୋଗୁଁ ସେ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ ଭୁବନେଶ୍ୱରର ଏମ୍ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।ସେଠାରେ ସେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଥବବା ଖବର ମିଳିଛି । ଭିମଦା ଫାଣ୍ଡିର ନାକ ତଳେ ଚାଲିଥିବା



ବେଆଇନ ବାଣ କାରଖାନା ଘଟଣାରେ ପୁଲିସର ଭୂମିକା ନେଇ ସନ୍ଦେହ ଘନୀଭୂତ ହେଉଛି । ବିସ୍ଫୋରଣ ଘଟିଥିବାର ଚାରି ଘଣ୍ଟା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଘଟଣା ଘଟି ଥିବା ସ୍ଥାନରୁ ସମସ୍ତ ପ୍ରକାର ପ୍ରମାଣ ନଷ୍ଟ କରିଦିଆଯାଇଥିଲା । ଘଟଣା ସ୍ଥଳରେ ଥିବା ବାରୁଦ ବାଣ ତିଆରିରେ ଲାଗୁଥିବା ସମସ୍ତ ପ୍ରକାର ଜିନିଷକୁ ପାଖରେ ଥିବା ନଦୀ ଓ ଉଦ୍ୟାନ କୃଷିର ସମନ୍ୱିତ ବିକାଶ ପାଇଁ ହୋଇଥିବା ପୋଖରୀରେ ଫିଙ୍ଗି ଦିଆଯାଇଥିଲା । ଘଟଣା ସ୍ଥଳରେ ବଡ଼ସାହି ପୋଲିସ ଅଧିକ ତଦନ୍ତ ପାଇଁ ସାଇଟିଫିକ ଟିମ କୁ ଘଟଣା ସ୍ଥଳରେ ପହଞ୍ଚି ତନାଘନା କରିଥିଲେ । ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛି ବଡ଼ସାହି ପୋଲିସ ।

# ବାପା' ହେଉଛନ୍ତି ଅନୁଶାସନର ପ୍ରତୀକ, 'ବାପା' ର ସମୀକ୍ଷା ଆସର

ପୁରୀ, (ସବ୍ୟୁ): ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ତଥା କବି ଶ୍ୟାମ ପ୍ରକାଶ ସେନାପତି ଙ୍କର କବିତା ପୁସ୍ତକ 'ବାପା' ର ସମୀକ୍ଷା ଆସର ବଡ଼ଦାଣ୍ଡ ସ୍ଥିତ ସେନାପତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସାହିତ୍ୟିକ ଡ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସୁନାମଧନ୍ୟ ବେତାର କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, 'ଅନନ୍ତ ନିର୍ଝର' ପତ୍ରିକାର ସମ୍ପାଦିକା ସରୋଜିନୀ ମିଶ୍ର, ବରିଷ୍ଠ ନାଟ୍ୟକାର ହେମନ୍ତ କୁମାର ଛୋଟରାୟ ଏବଂ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ପ୍ରମୁଖ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ । 'ବାପା' ହେଉଛନ୍ତି ଅନୁଶାସନର ପ୍ରତୀକ । ମୁଠାଏ ମାଟିକୁ ଚନ୍ଦନ କରିବାର ମନ୍ତ୍ର ଶିଖାନ୍ତି । ସ୍ନେହ ଓ ଶାସନର



ସେ ମହାଦ୍ରୁମ । ଯାହାଙ୍କର ଆଦର୍ଶକୁ ପ୍ରକାଶ କରିହୁଏ ନା ଭାଷାରେ, ଭାବରେ ଆଉ ଜ୍ଞାନରେ ସେ ହେଉଛନ୍ତି ବାପା । ମା' ଘର ର ଗୌରବ ହେଲେ ବାପା ହିଁ ଏହାର ଅସ୍ତିତ୍ୱ । ମା' ପାଖରେ ଅଶ୍ରୁଧାର ଥିବାବେଳେ ବାପା ଙ୍କ ଆଖିରେ ଥାଏ ସଂଜମ । ମା' ର ଆଖିରେ ପ୍ରଚୁର ମମତା ଭରି ରହିଥିବାବେଳେ ବାପାଙ୍କ ଆଖିରେ ଥାଏ କର୍ତ୍ତବ୍ୟବୋଧ । ସମୀକ୍ଷକ ମାନେ ଏହା ପ୍ରକାଶ କରିବା ସହିତ 'ବାପା' ଏକ ସାର୍ଥକ କବିତା ସଂକଳନ ବୋଲି ମତବ୍ୟକ୍ତ କରିଥିଲେ । କବି ଶ୍ରୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍‌ହସ୍ପିଟାଲ୍ ବ୍ରହ୍ମପୁରରେ ଜଟିଳ କ୍ୟାନ୍ସର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ

ଭୁବନେଶ୍ୱର, (ସବ୍ୟୁ): ବ୍ରହ୍ମପୁର ସ୍ଥିତ ସମ୍ ହସ୍ପିଟାଲ୍‌ରେ ଏକ ଜଟିଳ ହେଡ୍ ଆଣ୍ଡ ନେକ୍ କ୍ୟାନ୍ସର ରିସେକ୍ସନ୍ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ କରାଯାଇଥିବା ବେଳେ ଦକ୍ଷିଣ ଓଡ଼ିଶାର ରୋଗୀ ମାନଙ୍କ ନିମନ୍ତେ ନୂତନ ଆଶା ସଂଚାର ହେବା ସହ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମାଇଲ ଖୁଂଟ ସୃଷ୍ଟି ହୋଇଛି। ଜଣେ ୬୯ ବର୍ଷୀୟ ପୁରୁଷଙ୍କର ଦକ୍ଷିଣ ପାଶ୍ୱର୍ ଗାଲ ମଧ୍ୟରେ ଥିବା ଅଂଶରେ କ୍ୟାନ୍ସର ସୃଷ୍ଟି ହୋଇ ଜଟିଳ ସ୍ୱାସ୍ଥ୍ୟ ପରିସ୍ଥିତ ସୃଷ୍ଟି ହୋଇଥିବା ବେଳେ ଏହାର ଅସ୍ତ୍ରୋପଚାର କରାଯାଇଥିଲା। ଏହା ଏକ ଜଟିଳ ଅସ୍ତ୍ରୋପଚାର ଥିଲା ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି। ଏହି




ଅସ୍ତ୍ରୋପଚାର ୬ ଘଂଟା ପର୍ଯ୍ୟନ୍ତ ଚାଲିଥିବା ବେଳେ ସୃଷ୍ଟି ହୋଇଥିବା ଟ୍ୟୁମରଟି ଅଧିକ ମାତ୍ରାରେ ଜଟିଳ ପରିସ୍ଥିତି ସୃଷ୍ଟି କରିଥିବାରୁ ଏବଂ ମୁହଁ ଖୋଲି ପାରୁ ନଥିବାରୁ ଏହି ଅସ୍ତ୍ରୋପଚାର ଖୁବ୍ ଆହ୍ୱାନପୂର୍ଣ୍ଣ ଥିଲା। ତେବେ ଏତେ ସବୁ ସମସ୍ୟା ସତ୍ୱେ ଅସ୍ତ୍ରୋପଚାରଟି ବିନା କୌଣସି ସମସ୍ୟାରେ ସମ୍ପନ୍ନ କରାଯାଇଥିଲା।

ଅସ୍ତ୍ରୋପଚାର ପରେ ରୋଗୀ ଜଣକ ସୁସ୍ଥ ହେବାରେ ଲାଗିଛନ୍ତି ଏବଂ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତରିତ ହୋଇଛନ୍ତି। ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜି ବିଭାଗର କନ୍‌ସଲଟାଂଟ ଡାକ୍ତର ସାଇରୁଦ୍ର ଏସ. ପୁହାଣଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିବା ବେଳେ ଏହି ଟିମ୍‌ରେ ପ୍ଲାଷ୍ଟିକ୍ ଆଣ୍ଡ ରି-କନ୍‌ଷ୍ଟ୍ରକ୍ଟିଭ୍ ସର୍ଜନ୍ ଡାକ୍ତର ସୁଧାକର ଜେନା, ଆନ୍‌ସେଥେସିଓଲୋଜିଷ୍ଟ ଡାକ୍ତର ଶୁଭ୍ରଜିତ ସାହୁ, କ୍ରିଟିକାଲ୍ କେୟାର ସ୍ପେଶିଆଲିଷ୍ଟ ଡାକ୍ତର ପ୍ରତ୍ୟୁଷକାନ୍ତି ମିଶ୍ର ଏବଂ ଡାକ୍ତର ପ୍ରିୟଙ୍କା ସାମିଲ ଥିଲେ। ସମ୍ ହସ୍ପିଟାଲ୍ ବ୍ରହ୍ମପୁରର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ ଏହି ସଫଳ ଅସ୍ତ୍ରୋପଚାର ନିମନ୍ତେ ଡାକ୍ତରୀ ଟିମ୍ ଏବଂ ସମସ୍ତ ଅସ୍ତ୍ରୋପଚାର କକ୍ଷର କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ସଫଳତା ନିମନ୍ତେ ନିଜର ଖୁସି ବ୍ୟକ୍ତ କରିଛନ୍ତି।

## ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ରାଇରଙ୍ଗପୁର ଗସ୍ତ

# ଭାବବିହ୍ୱଳ ହୋଇ ପୁରୁଣା ଦିନର ସ୍ମୃତି ଓ ଅନୁଭୂତି କଲେ ଅବତାରଣ




ବାରିପଦା, (ସବ୍ୟୁ) : ରାଇରଙ୍ଗପୁର ହାଇସ୍କୁଲର ପୁରାତନ ଛାତ୍ର ଓ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ରାଇରଙ୍ଗପୁର ଗସ୍ତ ୭ ଏପ୍ରିଲ ୧୯୪୧ ରେ ସ୍ଥାପିତ ମୟୂରଭଞ୍ଜର ଦ୍ୱିତୀୟ ପୁରାତନ ରାଇରଙ୍ଗପୁର ହାଇସ୍କୁଲର ବରିଷ୍ଠ ପୁରାତନ ଛାତ୍ର, ୧୯୫୭ ବ୍ୟାଚ୍‌ର ମାଟ୍ରିକୁଲେଟ୍ ତଥା ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଗୁରୁବାର ରାଇରଙ୍ଗପୁର ଗସ୍ତ କରି ନିଜେ ଅଧ୍ୟୟନ କରିଥିବା ସ୍କୁଲ ପରିଦର୍ଶନ ବେଳେ ବର୍ଷିୟାନ ସହପାଠୀ ବିଶ୍ୱନାଥ ଅଗ୍ରଓ୍ୱାଲ ତଥା ଅନ୍ୟାନ୍ୟ ପୁରାତନ ଛାତ୍ରଙ୍କୁ ଭେଟି ପୁରୁଣା ଦିନର ସ୍ମୃତି ଓ ଅନୁଭୂତିର ଅବତରଣା ସହ ଭାବବିହ୍ୱଳ ହୋଇ ପଡ଼ିଥିଲେ । ରାଇରଙ୍ଗପୁର ହାଇସ୍କୁଲ ପୁରାତନ ଛାତ୍ରସଂଘର ସଭାପତି (୧୯୬୨ ବ୍ୟାଚ୍) ଡାକ୍ତର ସ୍ୱୟମ୍ବର ସିଂହ, କୋଷାଧ୍ୟକ୍ଷ (୧୯୬୪ ବ୍ୟାଚ୍) ପ୍ରଦୀପ୍ତ କୁମାର ମହାନ୍ତି, ପୂର୍ବତନ ବରିଷ୍ଠ ଶିକ୍ଷକ ସଚିକାନ୍ତ କର, ପୁରାତନ ଛାତ୍ର ତଥା ଦୁଇ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ ଓ ଶ୍ୟାମଚରଣ ହାଁସଦାଃ ପ୍ରମୁଖଙ୍କ ସହ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ । ତାଙ୍କ ପ୍ରାଥମିକ ଶିକ୍ଷା ଏଠାରୁ ଆରମ୍ଭ ହୋଇଥିବାରୁ ରାଇରଙ୍ଗପୁର ପ୍ରତି ତାଙ୍କର ଏକ ବିଶେଷ ଦୁର୍ବଳତା ରହିଛି ବୋଲି କହିଥିଲେ ବରିଷ୍ଠତମ ଆଲୁମନୀ ଶ୍ରୀ ପଟ୍ଟନାୟକ । ରାଇରଙ୍ଗପୁର ହାଇସ୍କୁଲର ଉପସ୍ଥିତ ପୁରାତନ ଛାତ୍ରମାନଙ୍କୁ ଉଦବୋଧନ ଦେଇ ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ । ସୂଚନାଯୋଗ୍ୟ, ଶ୍ରୀ ପଟ୍ଟନାୟକ ରାଇରଙ୍ଗପୁର ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ପୂର୍ବରୁ ଘୋଷଣା କରିଥିବା ଉଲ୍ଲେଖନୀୟ ବିଷୟ । ତତ୍ପରେ ରାଇରଙ୍ଗପୁର ହାଇସ୍କୁଲର ପୁରାତନ ଛାତ୍ର, ପ୍ରଧାନଶିକ୍ଷକ, ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଭେଟି ରାଇରଙ୍ଗପୁର ହାଇସ୍କୁଲର ଗୌରବୋଜ୍ୱଳ ଇତିହାସ ଉପରେ ଆଲୋକପାତ କରି ଭାବପ୍ରବଣ ହୋଇ ଉଠିଥିଲେ । ଏହାପରେ ରାଇରଙ୍ଗପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରକୁ ଯାଇ ଶ୍ରୀମାଙ୍କର ପବିତ୍ର ପାଦୁକା ଦର୍ଶନ କରି ପ୍ରାର୍ଥନା କରିଥିଲେ । ତତ୍ପରେ ଶ୍ରୀଅରବିନ୍ଦଙ୍କ ସିଦ୍ଧିଦିବସ ୨୪ ନଭେମ୍ବର ୧୯୪୯ର ଏକ ସ୍ମରଣୀୟ ଦିନରେ ସ୍ଥାପିତ ଓଡ଼ିଶାର ପ୍ରଥମ ରାଇରଙ୍ଗପୁର ଶ୍ରୀଅରବିନ୍ଦ ପାଠଚକ୍ର ପରିସରସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ପ୍ରତିଷ୍ଠାତା ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ର ଦାସ) ର ନିର୍ମାଣାଧୀନ ସ୍କୁଲ ଗୃହ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିବା ସହ ଶିକ୍ଷା କେନ୍ଦ୍ରର ବିକାଶ ନେଇ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ, ରାଇରଙ୍ଗପୁର ଓକିଲ ସଂଘର ୯୪ବର୍ଷୀୟ ବରିଷ୍ଠତମ ଆଇନଜୀବି ରସାନନ୍ଦ ଲେଙ୍କାଙ୍କୁ ଭେଟି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

# ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାରିପଦାର ୭୩ ତମ ବାର୍ଷିକ ସାଧାରଣ ସଭା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାରିପଦାର ୭୩ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବରେ ବାରିପଦା ସମବାୟ ସମିତି ସମୂହ ଉପନିବନ୍ଧକ ଅଶୋର କୁମାର ପାଣି ଯୋଗ ଦେଇଥିବାବେଳେ ବାରିପଦା ବରିଷ୍ଠ ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି ଏବଂ କରଞ୍ଜିଆ ବରିଷ୍ଠ ସହକାରୀ ନିବନ୍ଧକ ବସନ୍ତ ନାଏକ ଏହି ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ଥିବା ୨୦୦ଗୋଟି ଲ୍ୟାମ୍ପ୍ସ ଏବଂ ଅନ୍ୟ ସମବାୟ ସମିତିର ସଭାପତି ଓ ନିର୍ଦ୍ଦେଶକ/ ନିର୍ଦ୍ଦେଶିକା ମାନେ ଯୋଗଦାନ କରିଥିଲେ । ଏହି ସଭାରେ ଦୃଢ଼ୀକରଣ କରାଯାଇଥିବା ପ୍ରମୁଖ ବିଷୟବସ୍ତୁ ଗୁଡ଼ିକ ମଧ୍ୟରୁ ୨୦୨୫-୨୬ ବର୍ଷର ବାର୍ଷିକ ବଜେଟ ସମ୍ବନ୍ଧରେ ଆଲୋଚନା କରାଯିବା ସହିତ ମୟୂରଭଞ୍ଜ ଜିଲ୍ଲାରେ ୨୦୦ ଗୋଟି ଲ୍ୟାମ୍ପ୍ସ ଥିବାରୁ ସେଗୁଡ଼ିକର ସୁପରିଚାଳନା ନିମନ୍ତେ ଜିଲ୍ଲାରେ ଆଉ ତିନୋଟି ନୂତନ ଶାଖା କୁଳିଅଣା, ଶୁକୁଳି ଓ ଶରତ ଠାରେ ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଆବଶ୍ୟକସ୍ଥଳେ ଅଧିକ ନୂତନ ଶାଖା ଖୋଲିବା ପାଇଁ ପ୍ରୟାସ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି ବ୍ୟାଙ୍କର ଲାଭକ୍ଷତି ବାବଦରେ ବିବରଣୀ ଉପସ୍ଥାପନ କରିଥିଲେ ଏବଂ ୨୦୨୪-୨୫ ବର୍ଷରେ ହୋଇଥିବା ଲାଭରୁ ୨.୦୭ କୋଟି ଟଙ୍କା ଲାଭାଂଶ ଅଂଶୀଦାର ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଜିଲ୍ଲାରେ ଚାଷୀମାନଙ୍କର ସୁବିଧା ପାଇଁ ସମବାୟ ବ୍ୟାଙ୍କ ତରଫରୁ କିଛି ନୂତନ ଏଟିଏମ୍ ଖୋଲାଯିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ପରିଶେଷରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀ ମହେନ୍ଦ୍ର ନାଥ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହଙ୍ଗା ପଡିଲା ସରକାରୀ ଟଙ୍କା ଆତ୍ମସାତ

# ବିଜାତଳା ବ୍ଲକ ପିଇଓ ପୁଷ୍ପିତା ମହାକୁଡ୍‌ଙ୍କୁ ଗିରଫ କଲା ଭିଜିଲାନ୍ସ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକର ଲୁହାକାନୀ ଗ୍ରାମପଞ୍ଚାୟତର ପିଇଓ ପୁଷ୍ପିତା ମହାକୁଡ୍ ୫ଲକ୍ଷ ୬୮ହଜାର ୯୫୦ଟଙ୍କା ସରକାରୀ ଟଙ୍କା ହେର୍ ଫେର ତଥା ଆତ୍ମସାତ କରିଥିବାରୁ ଶୁକ୍ରବାର ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଶ୍ରୀମତୀ ମହାକୁଡ୍ ବିଜାତଳା ବ୍ଲକରେ ପିଇଓ ଭାବରେ କାର୍ଯ୍ୟରତ ଥିବା ସମୟରେ ୨୦୧୭-୨୦୨୦ ମସିହା ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ତଥା ସରକାରୀ ଟଙ୍କାକୁ ହଡପ କରିଥିବା



ନେଇ ଅଭିଯୋଗ ହୋଇଥିଲା। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲେ ମଧ୍ୟ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିବାରୁ ୨୦୨୫ ମସିହା ଏପ୍ରିଲ ମାସରେ ମୟୂରଭଞ୍ଜ ଜିଲ୍ଲାପାଳ ତାଙ୍କୁ ତାଙ୍କ ପଦବୀରୁ ନିଲମ୍ବିତ କରି ରାଇରଙ୍ଗପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଉକ୍ତ ଘଟଣାର ଖୋଲତାଡ କରି ଶୁକ୍ରବାର ତାଙ୍କୁ ଗିରଫ କରାଯାଇଥିଲା। ବାରିପଦା ଭିଜିଲାନ୍ସ ବିଭାଗର ଉଚ୍ଚପଦସ୍ତ ଅଧିକାରୀ ମାନେ ତାଙ୍କୁ ରାଇରଙ୍ଗପୁରରୁ ଗିରଫ କରିଥିଲେ ।

## ଅବକାରୀ ଚଢ଼ାଉ , ୩ ଗିରଫ

ଠାକୁରଗଡ଼,(ସବ୍ୟୁ) : ଆଠମଲ୍ଲିକ ଓ ବଇଣ୍ଠା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ହଣ୍ଡପା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୩ ଜଣ ଙ୍କୁ ଗିରଫ କରାଯାଇଛି। ହଣ୍ଡପା ଥାନା ଠେଲକ ନାଳୀ ଗ୍ରାମର ଫଗୁ ଙ୍କ ଘରୁ ୧୧ ଲିଟର, କଣ୍ଡାଳ ଗ୍ରାମର ମାନସ ବେହେରାଙ୍କ ଘରୁ ୧୦ ଲିଟର, ମଧପୁର ଗ୍ରାମର ସନକ ପ୍ରଧାନଙ୍କ ଘରୁ ୧୦ ଲିଟର ଚୋରା ମଦ ଜବତ କରିଛି। ଏ ମାନେ ବେଆଇନ ଭାବରେ ମଦ ବିକ୍ରି କରୁଥିବା ଖବର ପାଇ ଅବକାରୀ ଟିମ ଚଢ଼ାଉ କରି ମଦ ଜବତ କରିବା ସହ ଏମାନଙ୍କୁ ଗିରଫ କରିଛନ୍ତି ।

# ଲାୟନ୍ସ କ୍ଲବ୍ ପକ୍ଷରୁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

କଟକ, (ସ୍ୱପ୍ର): କଟକ ଲାୟନ୍ସ କ୍ଲବ୍ ପକ୍ଷରୁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରେଡକ୍ରସ୍ ସୋସାଇଟିର ସହଯୋଗରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ୍ ୫୦ୟୁନିଟ୍ ସଂଗୃହିତ ହୋଇଥିଲା । ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷକ ଓ ସେବକମାନେ ଉତ୍ସାହର ସହିତ ଯୋଗ ଦେଇଥିଲେ । ସ୍ଥାନୀୟ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ସଂଗୃହିତ ରକ୍ତ ବ୍ୟବହୃତ ହେବ । ଆୟୋଜକମାନେ ଦାତାମାନଙ୍କୁ ତାଙ୍କର ନିସ୍ୱାର୍ଥପର ଅବଦାନ




ପାଇଁ କୃତଜ୍ଞତା ଜଣାଇଥିଲେ । ଲାୟନ୍ ନିରଜ ବାଜୋରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ଅନୁଷ୍ଠିତ ଶିବିରକୁ ସୁଚାରୁରୂପେ ସଫଳ କରିବା ପାଇଁ ଲାୟନ୍ ଦୀପକ ଅଗରୱାଲ (ଅଧ୍ୟକ୍ଷ), ଲାୟନ୍ ସଞ୍ଜୟ ଅଗରଓ୍ୱାଲ (ସଚିବ), ଲାୟନ୍ ଉମେଶ ସିକାରିଆ, ଲାୟନ୍ ସଶାଙ୍କ ପଟୋଡିଆ, ଲାୟନ୍ ଅବିନାଶ ସନ୍ତୁକା, ଲାୟନ୍ ଲଳିତ ଝୁନଝୁନୱାଲା, ରାଜେଶ ଝୁନଝୁନଓ୍ୱାଲା, ଲାୟନ ରବିନ୍ଦ୍ର ବାଜୋରିଆ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ରେଡକ୍ରସ୍ ସୋସାଇଟି ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ସୁବିଧା ଓ ସହଯୋଗ ଦେବା ପାଇଁ ଧନ୍ୟବାଦ ଜଣାଇଥିଲେ ।

# "ପୋଷଣ ମାସ' ଏବଂ "ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ସମ୍ପର୍କରେ ସଚେତନତା

ଗଞ୍ଜାମ, (ସବ୍ୟୁ): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ବ୍ରହ୍ମପୁର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ "ପୋଷଣ ମାସ' ଏବଂ "ଏକ୍ ପେଡ୍ ମା' କେ ନାମ୍' (ମା'ଙ୍କ ନାମରେ ଗଛଟିଏ) ଅଭିଯାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ ଏବଂ ମହିଳାଙ୍କ ମଧ୍ୟରେ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ସ୍କୁଲ, କଲେଜର



ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ସମେତ ବିଭିନ୍ନ ବର୍ଗର ନାଗରିକ ସାମିଲ ହୋଇଥିଲେ । ବିଶେଷ କରି ସବୁ ବୟସବର୍ଗରେ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ପୋଷଣ ଅଭିଯାନ ଅଧୀନରେ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରି ଉନ୍ନତ ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟକର ପ୍ରୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାବ୍ୟତୀତ ଏକ ପେଡ୍ ମା' କେ ନାମ ଅଭିଯାନରେ ବ୍ୟାପକ ବୃକ୍ଷରୋପଣ ଏବଂ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ଲାଗି ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା । ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖ ଠାରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଅଷ୍ଟମ ଜାତୀୟ ପୋଷଣ ମାସ ଆୟୋଜନ କରାଯାଉଛି ।

ଏହି ଉପଲକ୍ଷେ ଭାରତ ସରକାରଙ୍କ ପକ୍ଷରୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଆୟୋଜନ କରାଯିବ । ସେଥିପାଇଁ ଦେଶବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ।

## ବହୁ ପ୍ରତୀକ୍ଷାର ଅନ୍ତ

# କାର୍ଯ୍ୟକ୍ଷମ ହେଲା ସାବିତ୍ରୀ ମହିଳା କଲେଜ ଛାତ୍ରୀ ନିବାସ

ଭଞ୍ଜନଗର, (ସବ୍ୟୁ): ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଥିବା ଛାତ୍ରୀ ନିବାସ ଚଳିତ ଶିକ୍ଷାବର୍ଷ ଠାରୁ କାର୍ଯ୍ୟକ୍ଷମ ହୋଇଛି । ବାହାର ଅଞ୍ଚଳରୁ ଭଞ୍ଜନଗର ଆସି ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀମାନେ ଅନ୍ୟତ୍ର ରହିବା ପାଇଁ ସମସ୍ୟାର ସମ୍ମୁଖିନ ହେଉଥିବାବେଳେ ସେମାନଙ୍କ ସୁବିଧା ଦୃଷ୍ଟିରୁ କଲେଜ ପରିସରରେ ରହିଥିବା ହେଷ୍ଟେଲକୁ ଚଳିତ ଶିକ୍ଷା ବର୍ଷରୁ କଲେଜ କର୍ତ୍ତୃପକ୍ଷ ଆରମ୍ଭ କରିଥିବା ଜଣାପଡିଛି । ପ୍ରାଥମିକ ସ୍ତରରେ କିଛି ଛାତ୍ରୀ ଏଠାରେ ରହିଥିବା ବେଳେ ଅନ୍ୟ ଛାତ୍ରମାନେ ମଧ୍ୟ ହଷ୍ଟେଲରେ ରହିବା ପାଇଁ ଆବେଦନ କରିପାରିବେ ବୋଲି ଅଧ୍ୟକ୍ଷ ଡ.ସୁଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ଏଠାରେ ୭୦ଜଣ ରହିବା ପାଇଁ ବ୍ୟବସ୍ଥା ରହିଥିବାବେଳେ ବର୍ତ୍ତମାନ ୧୫ ଜଣ ରହୁଛନ୍ତି । ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କ ସୁରକ୍ଷା ପାଇଁ ସିସି ଟିଭି କ୍ୟାମେରା ବ୍ୟବସ୍ଥା ଠାରୁ ହଷ୍ଟେଲ ଭିତରକୁ କାହାରିକୁ ପ୍ରବେଶ ନିଷେଧ । ସନ୍ଧ୍ୟାରୁ ସକାଳ ଯାଏଁ ୧୨ ଘଣ୍ଟା ଫାଟକ ବନ୍ଦ ରଖିବ । ବିଶୃଙ୍ଖଳା ଓ ମୋବାଇଲ ବ୍ୟବହାର ନକରିବା ଭଳି ବିଭିନ୍ନ ନିୟମାବଳୀ ଜାରି କରାଯାଇଛି । ପ୍ରକାଶ ଥାଉକି ଏହି ହଷ୍ଟେଲ ଗତ ୨୦୧୪ ମସିହାରୁ ନିର୍ମାଣ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନଥିଲା । ଚଳିତ ଶିକ୍ଷାବର୍ଷ ପୂର୍ବରୁ ସ୍ଥାନୀୟ ବିଧାୟକ ଓ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ଉମା ଶଙ୍କର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ବର୍ତ୍ତମାନ ଏହି ଛାତ୍ରୀ ନିବାସର ଅଧୀକ୍ଷକ ଭାବେ ଅଧ୍ୟାପିକା ଉର୍ମିଳା ପାଟଯୋଶୀ, ଡ.ସଂଯୁକ୍ତା ପଟ୍ଟନାୟକ, ଉପଅଧିକ୍ଷକ ଭାବେ ସନ୍ଧ୍ୟାରାଣୀ ପ୍ରଧାନ, ରଶ୍ମିତା ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଅଧ୍ୟକ୍ଷ ଡ଼ ମଲ୍ଲିକ ସୂଚନା ଦେଇଛନ୍ତି ।

# ଏମକେସିଜିରେ ମହିଳାଙ୍କ ସୁନା ଅଳଙ୍କାର ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ଏମକେସିଜିରେ ଦଲାଲ ସକ୍ରିୟ ରହିଛନ୍ତି । ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳାଙ୍କୁ ସହାୟତା ଆଳରେ ତାଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଛନ୍ତି । ଏନେଇ ଉକ୍ତ ମହିଳାଙ୍କ ସ୍ୱାମୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୬୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାପ୍ରକାରେ, ଧରାକୋଟ ବ୍ଲକ ଅନ୍ତର୍ଗତ ସୁନାମୁଇଁ ଗ୍ରାମର କେଶବ ସ୍ୱାଇଁ ନିଜ ସ୍ତ୍ରୀ' ମଞ୍ଜୁ ସ୍ୱାଇଁଙ୍କୁ ଧରି ଗୁରୁବାର ବ୍ରହ୍ମପୁର ଏମକେସିଜି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ । ସେମାନେ ମେଡିକାଲରେ ପହଞ୍ଚିବା ପରେ ଜଣେ ଯୁବକ ତାଙ୍କ ନିକଟକୁ ଆସି ଚିକିତ୍ସା ପାଇଁ ସହଯୋଗ କରିବା ବୋଲି କହିଥିଲା । ମାଗଣାରେ ରକ୍ତ ପରୀକ୍ଷା ଓ ଏକ୍ସ-ରେ କରାଇଦେବ ବୋଲି କହିଥିଲେ । ସଂପୃକ୍ତ ଯୁବକଙ୍କ କଥାରେ ପଡି ମଞ୍ଜୁ ଏକ୍ସ-ରେ କରାଇବାକୁ ବିଭାଗକୁ ଯାଇଥିଲେ । ତେବେ ଏହା ପୂର୍ବରୁ ଯୁବକ ଜଣଙ୍କ ମଞ୍ଜୁଙ୍କୁ ସମସ୍ତ ସୁନା ଅଳଙ୍କାର ବାହାର କରି ଦେଇଦେବାକୁ କହିଥିଲା । ଏକ୍ସ-ରେ କରିବା ବେଳେ ସୁନା ଅଳଙ୍କାର ପିନ୍ଧିଲେ ସମସ୍ୟା ହେବ ବୋଲି ଯୁବକ ଜଣଙ୍କ କହିବା ସହ ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ମୋବାଇଲ ତାଙ୍କୁ ଦେଇଦେଲେ ସେ ସୁରକ୍ଷିତ ଭାବେ ରଖିଥିବେ ବୋଲି କହିଥିଲେ । ସେହିକ୍ରମରେ ମଞ୍ଜୁ ନିଜ ଶରୀରରେ ପିନ୍ଧିଥିବା ଏକ ସୁନାହାର, ସୁନା କାନଫୁଲ, ସୁନା ନାକଫୁଲ ସହ ନଗଦ ୧୦୦ ଟଙ୍କା ଓ ମୋବାଇଲଟି ସଂପୃକ୍ତ ଯୁବକଙ୍କୁ ଦେଇଥିଲେ । ମଞ୍ଜୁଙ୍କ କାମ ସରିବା ପରେ ସେ ବାହାରକୁ ଆସିବା ପରେ ସଂପୃକ୍ତ ଯୁବକ ଜଣଙ୍କ ସେଠାରୁ ଗାୟବ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଏ ବିଷୟରେ ମଞ୍ଜୁ ନିଜ ସ୍ୱାମୀ କେଶବଙ୍କୁ ଜଣାଇଥିଲେ । ସେଠାରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଲୁଟେରାଙ୍କୁ ଦେଖି ପାରିନଥିଲେ । ଫଳରେ ସେମାନେ ଦଲାଲଙ୍କ ଦ୍ୱାରା ଲୁଟର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ଥାନାକୁ ଯାଇ ଏତଲା ଦେଇଥିଲେ ।

## ଛତ୍ରପୁର ପ୍ରେସ କ୍ଲବର କର୍ମକର୍ତ୍ତା ନିର୍ବାଚନ

# ସରୋଜ ସଭାପତି, ଉପସଭାପତି ପ୍ରଦୀପ ଏବଂ ସମ୍ପାଦକ ଅଜିତ

ଛତ୍ରପୁର, (ସବ୍ୟୁ) : ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଲାଗି ଶୁକ୍ରବାର ନିର୍ବାଚନ ଶେଷ ହୋଇଛି । ସଭାପତି ଭାବେ ସରୋଜ ସାମଲ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଅଜିତ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ, ସହ- ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ଖିରୋଦ ଚନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି । ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଲାଗି ଅନୁଷ୍ଠିତ ଏହି ନିର୍ବାଚନରେ ୨୩ ଜଣ ସଦସ୍ୟ ମତଦାନ କରିଥିଲେ । ସଭାପତି ପଦବୀ ପାଇଁ ୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସରୋଜ ସାମଲ ୧୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ସମ୍ପାଦକ ପଦବୀ ପାଇଁ ମଧ୍ୟ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର



ଦାଖଲ କରିଥିବାବେଳେ ଅଜିତ କୁମାର ସ୍ୱାଇଁ ୧୫ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ । କୋଷାଧ୍ୟକ୍ଷ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଖିରୋଦ ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ସହ ସମ୍ପାଦକ ଓ ଉପ ସଭାପତି ପଦବୀ ପାଇଁ ୨ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉଭୟେ ଉଭୟେ ସମାନ ସମାନ ଭୋଟ ପାଇଥିବାରୁ ଉଭୟଙ୍କୁ ଏକ ବର୍ଷ ଲେଖାଏଁ ପଦବୀ ପ୍ରଦାନ କରାଯାଇଛି । ଏଥିଲାଗି ଧର୍ମ ଗୁଳା କରାଯାଇଥିବା ବେଳେ ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ ଓ ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଚଳିତ ପ୍ରଥମବର୍ଷ ପଦବୀରେ ରହିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଉପସଭାପତି କେ. ସତ୍ୟ ନାରାୟଣ ରେଡ଼ୀ ଓ ସହ- ସମ୍ପାଦକ ଦେବଦତ୍ତ ପଣ୍ଡା ଆସନ୍ତାବର୍ଷ ନିମନ୍ତେ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ନିର୍ବାଚନ ଅଧିକାରୀ ଭାବେ ଶ୍ରୀକାନ୍ତ ମହାନ୍ତି ଦାୟିତ୍ୱ ତୁଲାଇଥିଲେ ।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବ୍ରହ୍ମପୁର, (ସବ୍ୟୁ): ଡୁଡୁମା କଲୋନୀ ଛକରେ ଶୁକ୍ରବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମତ୍ୟୁ ଘଟିଛି । ସେହିପରି ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି । ମୃତ ମହିଳା ଜଣଙ୍କ ଖୋଡାସିଂ ରାଜୀବ ନଗରର ସବିତା ପଣ୍ଡା (୫୮) । ସେହିପରି ତାଙ୍କ ସ୍ୱାମୀ ବିଘ୍ନେଶର ପଣ୍ଡା ଆହତ ହୋଇଛନ୍ତି । ଖବର ପାଇ ଟ୍ରାଫିକ ପୋଲିସ ସେଠାରେ ପହଞ୍ଚି ଗୁରୁତର ଥିବା ଉକ୍ତ ଦମ୍ପତିଙ୍କୁ ଏମକେସିଜି ମେଡିକାଲ ପଠାଇଥିଲା । ସେଠାରେ ଡାକ୍ତର ଉକ୍ତ ମହିଳାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ସ୍ୱାମୀ ଏବେ ଚିକିତ୍ସିତ ଅଛନ୍ତି । ପୋଲିସ ଟ୍ରକ ଓ ସ୍କୁଟି ଜବତ କରିଛି । ମୃତ ମହିଳାଙ୍କ ଭାଇ ସନ୍ତୋଷ ପାଣିଗ୍ରାହୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ୫୫୦/୨୫ ରେ ଏକ ମାମଲା ରୁଜୁ କରିଛି । ପ୍ରକାଶ ଯେ, ବିଘ୍ନେଶ୍ୱର ପଣ୍ଡା ତାଙ୍କ ସ୍ତ୍ରୀ ସବିତାଙ୍କୁ ନେଇ ଆମ୍ବଗଡରେ ରହୁଥିବା ତାଙ୍କ ଶଶୁର ଘରକୁ ଯାଇଥିଲେ । ସେମାନେ ଅପରାହ୍ନରେ ସ୍କୁଟି ( ନଂ ଓଡ଼ି-୩୨ - ୮୮୬୯)ରେ ବ୍ରହ୍ମପୁରକୁ ଫେରୁଥିଲେ । ଆମ୍ବଗଡ ଛକରେ ଦିଗପହଣ୍ଡି ପଛପଟୁ ଆସୁଥିବା ଏକ ବୋଝେଇ (ଟ୍ରକ ନଂ -ଓଡ଼ି ୦୭ ଏ ଜି - ୫୯୪୧) ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ପଛରେ ବସିଥିବା ସବିତା ରାସ୍ତା ଉପରେ ଛିଟିକି ପଡିଯାଇଥିଲେ । ଟ୍ରକଟି ତାଙ୍କ ଉପରେ ମାଡିଯାଇଥିଲା । ରାସ୍ତା ଉପରେ ଗୁରୁତର ଅବସ୍ଥାରେ ପଡିଥିବା ଦମ୍ପତିଙ୍କୁ ପୋଲିସ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲା । ତଦନ୍ତ ବେଳେ ଉକ୍ତ ଟ୍ରକଟି ରାୟଗଡାରୁ ଛୋଟ ପଥର ବୋଝେଇ ବ୍ରହ୍ମପୁର ଦେଇ ଭୁବନେଶ୍ୱର ଯାଉଥିଲା ବୋଲି ପୋଲିସ ଜାଣିବାକୁ ପାଇଛି ।

# ଭଞ୍ଜନଗରରେ ପାଳିତ ହେଲା ଘୁମୁସର ଦିବସ, ଉଠିଲା ଜିଲ୍ଲା ଗଠନର ସ୍ୱର

ଭଞ୍ଜନଗର, (ସବ୍ୟୁ): ମାଡ୍ରାସ ପ୍ରେସିଡେନ୍ସିରେ ଥିବା ତତ୍କାଳୀନ ଘୁମୁସର ଗଡଜାତ ରାଜ୍ୟର ରସଲକୁଣ୍ଡା (ବର୍ତ୍ତମାନର ଭଞ୍ଜନଗର) ଠାରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ୧୮୭୦ ମସିହା ସେପେଟମ୍ବର ୧୧ ତାରିଖରେ ପ୍ରଥମ ଓଡିଆ ଭାଷାଭାଷୀ ଇଲାକାକୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଯାହାକି ସେହି ସମୟରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ନିଅଁ ପକାଇଥିଲା ବୋଲି ସ୍ଥାନୀୟ ଆରଏମସି ସମ୍ମିଳନୀକକ୍ଷରେ ଆୟୋଜିତ ଘୁମୁସର ଦିବସ -୨୦୨୫ ପାଳନ ଅବସରେ ମଞ୍ଚାସୀନ ଅତିଥିମାନେ ଉଲ୍ଲେଖ କରିଥିଲେ । ଘୁମୁସର ବିକାଶ ପରିଷଦ ପକ୍ଷରୁ ସଭାପତି ସୋମନାଥ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାବେଶରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ସମ୍ମାନୀତ ଅତିଥିଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ଶିବ ପ୍ରସାଦ ଅଧିକାରୀ, ଓୟୁଏଟି ଭୁବନେଶ୍ୱରର ପୂର୍ବତନ କୁଳପତି ଡକ୍ଟର ସୁରେନ୍ଦ୍ରନାଥ ପଶୁପାଳକ, କେଏସୟୁବି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବାଲ୍ମୀକି ପଟ୍ଟନାୟକ ପ୍ରମୁଖ ଘୁମୁସରର ଅତୀତ ଇତିହାସ ଉପରେ ଆଲୋଚକ ଭାବେ ଯୋଗଦେଇ ଅନେକ ଘୁମୁସରର ଅନାଲୋଚିତ ଦିଗ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଆକାଶବାଣୀ କଟକର ଅବସରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଉତ୍ସବରେ ଅତିଥିମାନେ ଅତୀତର ବିରାଟ ଘୁମୁସର ଭୂଖଣ୍ଡ ଏବେବି ଜିଲ୍ଲା ପାଇଁ ଚିତ୍କାର କରୁଥିବା କଥା ଉଲ୍ଲେଖ କରିଥିଲେ । ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିବା ବିଧାୟକ ଦ୍ୱୟ ଏହି ଅବସରରେ ଅତୀତରେ ନେତୃତ୍ୱର ଅଭାବରୁ ଘୁମୁସର ଜିଲ୍ଲା ଗଠନ ହୋଇପାରିନଥିବା କଥା ଉଲ୍ଲେଖ କରି ରାଜ୍ୟରେ ଜିଲ୍ଲା ପୁର୍ନଗଠନ ହେଲେ ଘୁମୁସର ଜିଲ୍ଲା ହେବା ନିଶ୍ଚିତ ବୋଲି ପ୍ରତିଶୃତି ଦେଇଥିଲେ । ଏଦିଗରେ ଘୁମୁସର ବିକାଶ ପରି ଦର ଉଦ୍ୟମକୁ ଅତିଥିମାନେ ଭୂୟଶଃ ପ୍ରଶଂସା କରିଥିଲେ । ଏହି ଅବସରରେ କରଚୁଲି ମଠର ମହନ୍ତ ବାବା ସତ୍ୟାନନ୍ଦ ମହାରାଜଙ୍କୁ ଘୁମୁସର ଗୌରବ ଓ ଆଇପିଏସ ବବିତା ସ୍ୱାଇଁଙ୍କୁ ଘୁମୁସର ଯୁବ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ବିଶିଷ୍ଟ ବାଗ୍ମୀ କବି ପ୍ରଶାନ୍ତ ମହାନ୍ତ ଓ ଅବସରପ୍ରାପ୍ତ ଇଂ ଯାମନ କାନ୍ତ ଦାସଙ୍କୁ ନିଜର ଉଚ୍ଚ କୋଟୀର ସାହିତ୍ୟ ସାଧାନ ପାଇଁ ସମ୍ମାନୀତ କରାଯାଇଥିଲା । ପ୍ରାରମ୍ଭରେ ରବିନାରାୟଣ ଦାଶ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଘୁମୁସର ବନ୍ଦନା ଗାନ କରାଯାଇଥିଲା ଅପରାହ୍ନରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଆୟୋଜିତ ଦ୍ୱିତୀୟ ଅଧିବେଶନ ସଭାପତି ବାଲ୍ମିକୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ଡକଫର ଶ୍ୟାମା ପ୍ରସାଦ ମିଶ୍ର, ଡକଫର ବାୟାମନୁ ଚର୍ଚ୍ଚି, ଡକଫର ଅନନ୍ତରାମ କର କୌଣ୍ଡନ୍ୟ, ଡକଫର ବ୍ରଜ ବିହାରୀ ପାଢୀ ଓ ଡକଫର ସ୍ଥିତଧି ରଥ ଘୁମୁସର ଗଡଜାତ ରାଜ୍ୟର ଅନେକ ଅକ୍ଷୟ କିର୍ତ୍ତି ଉପରେ ନିଜ ନିଜର ସନ୍ଦର୍ଭ ପାଠ କରିବା ସହ ସେ ସଂପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଲୋକନାଥ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଘୁମୁସର ବିକାଶ ପରିଷଦର ସଂପାଦକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛତ୍ରପୁର କଂଗ୍ରେସ କମିଟି ପକ୍ଷରୁ ଚାରା ବଣ୍ଟନ

ଛତ୍ରପୁର, (ସବ୍ୟୁ) : ଛତ୍ରପୁର କଂଗ୍ରେସ କମିଟି ପକ୍ଷରୁ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ସମାଜସେବୀ ଭାଗୀରଥି ବେହେରାଙ୍କ ନେତୃତ୍ୱରେ ଛତ୍ରପୁର ଗୁରୁବାର ହାଟ ଠାରେ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଛି । ପରିବେଶ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ ଲାଗି ଘରେ ଘରେ ଗଛ ଲଗାଇ ପରିବେଶକୁ ସୁରକ୍ଷା ରଖିବା ଲକ୍ଷ୍ୟ ନେଇ କଂଗ୍ରେସ ପକ୍ଷରୁ ଅଶୋକ, ପିଆଶାଳ, କଦମ୍ବ, କଇଠ, ରକ୍ତଚନ୍ଦନ, କରଞ୍ଜିଆ ପ୍ରଭୃତି ଚାରାବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ସଂଘର ସାଧାରଣ ସଂପାଦକ ଚକ୍ରପାଣି ପଲାଇ, ପିସିସି ସଭ୍ୟ ଭବାନୀ ବେହେରା, ପୂର୍ବତନ ଛତ୍ରପୁର ନଗର ସଭାପତି କାଳିଆ ରାଉଳ, ଏମ୍.ହାଡୁ ରେଡ୍ଡୀ, ଆର୍. ମହେଶ୍ୱର, ଆଦିତ୍ୟ ଦାସ ଓ ମହିଳା ନେତ୍ରୀ କୁନି ନାୟକଙ୍କ ସମେତ ବହୁନେତା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଠାକୁରଗଡ଼,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ପରିସରରେ ଶୁକ୍ରବାର ଦିନ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇ ଯାଇଛି । ଏହି ସେମିନାରକୁ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କୁମାର ଗଡ଼ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଦୁର୍ଗା ମାଧବ ପଣ୍ଡା ଯୋଗ ଦେଇଥିଲେ । ଏହି ସେମିନାରରେ ବ୍ଲକର ୨୫ ଟି ହାଇସ୍କୁଲର ୨୫ ଜଣ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରି ଭାଗ ନେଇଥିଲେ । ଏଥିରେ ବିଭିନ୍ନ ପ୍ରକାର ପ୍ରଶ୍ନ ଛାତ୍ରୀ ଛାତ୍ର ଙ୍କୁ ପଚାର ଯାଇ ଥିଲା । ଏଥିରେ ସୁଧାଂଶୁ ଶେଖର ବିଶ୍ୱାଳ, ଗୁଣ୍ଡିଚା ରାଣୀ ଖୁଣ୍ଟିଆ ବିଚାରକ ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ବିଜ୍ଞାନ ପ୍ରତି ସମସ୍ତଙ୍କର ମନବଳ ଆବଶ୍ୟକ ବୋଲି କହିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ମଞ୍ଜରୀ ଚତମ୍ଭାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ଅବସର ପ୍ରଧାନ ଶିକ୍ଷୟତ୍ରୀ ମନୋରମା ସାହୁ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଛାତ୍ର ଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଶିକ୍ଷୟତ୍ରୀ ପ୍ରଣତି ବେହେରା ଯୋଗ ଦେଇ ପୁରସ୍କାର ବଣ୍ଟନ କରିଥିଲେ । ଏଥିରେ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ ,ଶିକ୍ଷକ ମାନେ ସହଯୋଗ କରିଥିଲେ ।

# ପାୱାର ଟିଲର ପୋଡି :ଦୁଇ ଗିରଫ

ରେଙ୍ଗାଳି,( ସବ୍ୟୁ): ରେଙ୍ଗାଳି ଥାନା ସୁସୁବା ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମରେ ପାୱାର ଟେଲର ପୋଡି ଅଭିଯୋଗରେ ପୋଲିସ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ଅନୁସାରେ ରେଙ୍ଗାଳି ଥାନା ଗେଙ୍ଗୁଟିଆ ଗ୍ରାମର ପ୍ରଭାତ ପ୍ରଧାନ ତାଙ୍କ ପାୱାର ଟେଲର ସବୁଦିନ ପରି ସେହି ଗ୍ରାମର ଯୋଗେଶ୍ୱର ପ୍ରଧାନଙ୍କ ଘର ଆଗରେ ରଖିଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ପ୍ରଶାନ୍ତ ନାୟକ ଓ ଭ୍ରମର ସାହୁ ନିଆଁ ଲଗାଇ ପୋଡି ଦେଇଥିବା ପ୍ରଭାତ ଥାନାରେ ଜୁଲାଇ ୨୩ ତାରିଖରେ ଅଭିଯୋଗ କରିଥିଲେ । ରେଙ୍ଗାଳି ପୋଲିସ ଏହି ମାମଲାରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

# ହିନ୍ଦୋଳ ମହାବିଦ୍ୟାଳୟ ରସାୟନ ବିଭାଗ ସ୍ୱାଗତ ଉତ୍ସବ

ରାସୋଳ,(ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା ୩ ରସାୟନ ( ସମ୍ମାନ ) ବିଭାଗରେ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ସିନିଅର ଛାତ୍ର ଛାତ୍ରୀ ମାନେ ସ୍ୱାଗତ କରିଥିଲେ । ଉତ୍ସବରେ ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ପତି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ଯୋଗଦେଇ ଆମ ସାମାଜିକ ଜୀବନର ପ୍ରତିଟି ସ୍ତରରେ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ରକ୍ଷା କରି ପାରିଲେ ଆମ ସମାଜରେ ଅନେକ ସମସ୍ୟା ଦୂର ହୋଇ ପାରିବ ବୋଲି ଆଶାବ୍ୟକ୍ତ କରିଥିଲେ । ଅତିଥିଙ୍କ ମଧ୍ୟରେ ଅଧାପକ ଅକ୍ଷୟ ପାତ୍ର, ଡକ୍ଟର କ୍ୟାପଟେନ କିଶୋର କୁମାର ପୃଷ୍ଟି,ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ନାରାୟଣ ପତି , ସୁବ୍ରତ ସ୍ମୃତିରଞ୍ଜନ ମିଶ୍ର, ଡେମୋନେଷ୍ଟ୍ରେଟର ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିବା ସହ ଆଦର୍ଶ ଛାତ୍ର ଛାତ୍ରୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ତପସ୍ୱିନୀ ଆଚାର୍ଯ୍ୟ, ଓଁ ସାଗର ସାହୁ, ସୁଧାଂଶୁ ସାହୁ, ମଧୁସ୍ମିତା ପ୍ରଧାନ, ଋତୁ କେତନ ପ୍ରଧାନ ପ୍ରମୁଖ ସ୍ୱାଗତ ଅଭିଭାଷଣ ଦେଇଥିଲେ । ସର୍ବ ଶେଷରେ ବିଭାଗୀୟ ଅଧାପିକା ଏଲିଶା ଖଡିରନ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକା ଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା

କଣିହାଁ,(ସବ୍ୟୁ): କଣିହାଁ ଅଞ୍ଚଳର ଜନୈକା ନାବାଳିକା କୁ ବିବାହର ପ୍ରତିଶ୍ରୁତି ଦେଇ ଦୈହିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ କୁ ଗିରଫ କରି ଶୁକ୍ରବାର ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ଜଣକ ଗୋପାଳ ପ୍ରସାଦ ଥାନା ଅନ୍ତର୍ଗତ କୁମୁଣ୍ଡା ଗ୍ରାମର ମହେଶ ନାଏକ (୩୬) । କଣିହାଁ ପୁଲିସ ଏଥିନେଇ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି ।

# ପ୍ରଦୂଷଣ ହ୍ରାସ ଉଦ୍ୟମରେ ଅନୁଗୋଳ ଦେଶରେ ତୃତୀୟ ଶ୍ରେଷ୍ଠ



ଅନୁଗୋଳ,(ସବ୍ୟୁ) :କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆନୁକୁଲ୍ୟରେ ଚାଲିଥିବା ଜାତୀୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକା ୩ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ବର୍ଗରେ ଦେଶରେ ୩ୟ ଶ୍ରେଷ୍ଠ ପୁରସ୍କାର ହାସଲ କରିଛି । ପ୍ରଦୂଷଣ ହ୍ରାସ ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଆଧାରରେ ଏହି ପୁରସ୍କାର ଦିଆଯାଇଛି । ଦିଲ୍ଲୀର ଗଙ୍ଗା ଅଡିଟୋରିୟମ ରେ ଆୟୋଜିତ ଏକ ଭବ୍ୟ ସମାରୋହରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବ ଅନୁଗୋଳ ପୌରପାଳିକାକୁ ୧୨ଲକ୍ଷ ୫୦ ହଜାର ଟଙ୍କା, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ନଗରପାଳ ଅକ୍ଷୟ କୁମାର ସାମନ୍ତ, ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ଅନୁପମା ସାହୁ, ଏବଂ ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ଏହି ପୁରସ୍କାର ଗ୍ରହଣ କରିଥିଲେ । ଅନୁଗୋଳ ପୌରପାଳିକା ମୋଟ ୨୦୦ ରୁ ୧୯୭ ପଏଣ୍ଟ ହାସଲ କରି ଦେଶରେ ତୃତୀୟ ଶ୍ରେଷ୍ଠ ସ୍ଥାନ ହାସଲ କରିଛି । ଗତ ଏକ ବର୍ଷ ମଧ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଛି । ପରିମଳ ବିଭାଗରେ ଅଧିକ ଗାଡି, ଅଧିକ କର୍ମଚାରୀ ନିୟୋଜିତ କରାଯାଇଛି । ସହର ମଧ୍ୟରେ ପୂର୍ବରୁ ରହିଥିବା ଡମିଂ ପଏଣ୍ଟକୁ ହଟାଇ ଦିଆଯାଇଛି । ଜିଲ୍ଲା ପ୍ରଶାସନର ସହଯୋଗରେ ଦିନ ସମୟରେ ଭାରୀଯାନ ଚଳାଚଳକୁ ବନ୍ଦ କରାଯାଇଛି । ବାଇପାସ୍ ଦେଇ ଭାରୀଯାନକୁ ଛଡାଯାଉଛି । ଏହା ଦ୍ୱାରା ଭେଇକୁଲାର ଏମିସନ ଜନିତ ବାୟୁ ପ୍ରଦୂଷଣକୁ ହ୍ରାସ କରାଯାଇପାରିଛି । ସହରର ଅଧିକାଂଶ ରାସ୍ତା ପେଭର ରାସ୍ତାରେ ପରିଣତ କରାଯାଇଛି, ଯାହା ଦ୍ୱାରା ପ୍ରଦୂଷଣ କିଛି ମାତ୍ରରେ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଗ୍ରାଉଣ୍ଡ ୱାଟରକୁ ସନ୍ତୁଳିତ କରାଯାଇପାରୁଛି । ଖରାଦିନେ ସହର ଭିତରେ ରାସ୍ତାଘାଟରେ ଜଳ ସିଞ୍ଚନ କରାଯାଇଥିଲା । ଝାଡୁ ସହିତ ମେକାନିକାଲ ସୁଇପିଂ କରାଯାଇଥିଲା । ବିଶେଷ କରି ଧୂଳିକଣା ପିଏମ ୧୦ କୁ ନିୟନ୍ତ୍ରଣ କରିବା ପାଇଁ ଜଳ ସିଞ୍ଚନ, ମେକାନିକାଲ ସୁଇପିଂ ଅଧିକାଂଶରେ ସହାୟତା କରିଥିଲା । ପୌରପାଳିକାରେ ନାଇଟ୍ ସୁଇପିଂ ମଧ୍ୟ କରାଯାଉଛି । ସହର ଭିତରେ ବ୍ୟାପକ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା । ଜଳବାୟୁକୁ ନିୟନ୍ତ୍ରିତ କରିବା ପାଇଁ ପୋଖରୀ ଗୁଡିକ ପୁନରୁଦ୍ଧାର କାର୍ଯ୍ୟ ପୌରପାଳିକା ହାତକୁ ନେବା ସହିତ ପ୍ରଥମ ପର୍ଯ୍ୟାୟରେ କିଆ ବନ୍ଧ ଏବଂ ଧୋବା ବନ୍ଧର କାର୍ଯ୍ୟ କରାଯାଇଛି । ଲୋକେ କିଭଳି ସହରକୁ ସଫା ରଖୁବେ, ଇ-ୱେଷ୍ଟ ଦେବା ସହିତ ଶୁଖୁଲା ଓ ଓଦା ଅଳିଆ ପୃଥକ ଭାବରେ ଦେବେ, ସେଥିନେଇ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ନିୟମିତ ପ୍ରତ୍ୟେକ ଦିନ ପ୍ରଚାର ମଧ୍ୟ କରାଯାଇଥିଲା । ଏବେ ଏମଆରସି କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଏହା ଦ୍ୱାରା କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିକ ତ୍ୱରାନ୍ୱିତ ହୋଇପାରିବ । ସେହିପରି ପଲିଥିନ୍ କୁ ନିଷିଦ୍ଧ କରାଯିବା ସହ ମାଟି ଓ କାଚ ଗିଲାସରେ ଚା ଦେବାକୁ ନିୟମ କରାଗଲା । ପୌରପାଳିକାର ଏହି ସବୁ ବିଶେଷ ଉଦ୍ୟମ ଆଧାରରେ ଅନୁଗୋଳକୁ ପୁରସ୍କାର ଦିଆଯାଇଛି । ଏହି ପୁରସ୍କାର ପଛରେ ସମସ୍ତ ପୌର ପାରିଷଦ, କର୍ମଚାରୀ ଓ ଜନସାଧାରଣ ଅକୁଣ୍ଠ ସହଯୋଗ ମଧ୍ୟ ରହିଛି ବୋଲି ଆଜି ଅନୁଗୋଳ ପୌରପାଳିକା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରକାଶ କରିଥିଲେ । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ ) ତାଙ୍କ ବକ୍ତବ୍ୟରେ ଅନୁଗୋଳ ପୌର ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ସାହାଯ୍ୟ ଓ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ ନଗରପାଳ ଅନୁପମା ସାହୁ, ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ(ପପୁ) ସମସ୍ତ କାଉନସିଲର, କର୍ମଚାରୀ ଉପସ୍ଥିତ ଥିଲେ ।

## କେନାଲରେ ହାତୀ ଛୁଆ ପଡିବା ଘଟଣା

# ଦୁଇ ଦିନ ପରେ ମଧ୍ୟ ଏକୁଟିଆ



ଆଠମଲ୍ଲିକ ,(ସବ୍ୟୁ) :ଆଠମଲ୍ଲିକ ବନଖଣ୍ଡ ଅନ୍ତର୍ଗତ ପତକା ବିଟ ଅଞ୍ଚଳର କୁସୁମ କୁହୁରି ଗ୍ରାମ ରେ ଗୁରୁବାର ପାଣି କେନାଲରେ ଏକ ହାତୀ ଛୁଆ ପଡିବା ଓ ହାତୀ ପଲ ଛୁଆକୁ ଛାଡି ପଳେଇବା ଘଟଣା ଚର୍ଚ୍ଚାରେ ରହିଛି । ବନ ବିଭାଗ କେନାଲରୁ ଉଦ୍ଧାର କରି ବାଡା ବନ୍ଦୀ ମଧ୍ୟରେ ହାତୀ ଛୁଆକୁ ରଖି ଦୁଇ ଦିନ ହେଲା ଖାଦ୍ୟ ଯୋଗେଇ ଦେବା ସହିତ ଯତ୍ନ ରେ ରଖିଥିବା ଜଣାପଡିଛି । ହାତୀପଲ ଆସି ରାତିରେ ଛୁଆ କୁ ନେବ ବୋଲି ବନ ବିଭାଗ ଆଶା ବାନ୍ଧି ବସିଥିବା ବେଳେ ବାର ଟିକିଆ ହାତୀ ପଲ ନିକଟକୁ ଆସିଥିଲେ ମଧ ଛୁଆକୁ ନନେଇ ପଳେଇ ଯାଇଥିବାର ଜଣାପଡିଛି । ଦୁଇ ଦିନ ଧରି ହାତୀ ଛୁଆକୁ ଖାଦ୍ୟ ଦିଆଯିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଉଛି ବୋଲି ରେଞ୍ଜର ସୁନିଲ କୁମାର ସାହୁ ସୂଚନା ଦେଇଛନ୍ତି । ଗତକାଲି ଖବର ପ୍ରଚାରିତ ହେଲା ପରେ ଏ ସି ଏଫ ସଚ୍ଚିଦାନନ୍ଦ ସେଠୀ, ରେଞ୍ଜର ସୁନିଲ କୁମାର ସାହୁ, ଫରେଷ୍ଟର ପୁଷ୍ପ ମିତ୍ରା ସିଂହ, ଫରେଷ୍ଟର ସୁବ୍ରତ ଶତପଥି ଓ ବନ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ହାତୀ ଛୁଆକୁ ନଜରରେ ରଖିଥିବା ଜଣାପଡିଛି ।

# ରାସ୍ତା ଓ ପୋଲନିର୍ମାଣ ହେଉନି ,ଜିଲ୍ଲାପାଳଙ୍କୁ ଅଭିଯୋଗ

ଠାକୁରଗଡ଼,(ସବ୍ୟୁ) : ଗମନା ଗମନ ସହ୍ କରିବା ପାଇ ରାଜ୍ୟ ସରକାର ଅନେକ ଯୋଜନା ମାଧ୍ୟମ ରେ ରାସ୍ତା ପୋଲ ନିର୍ମାଣ କରୁଛନ୍ତି । ହେଲେ ଜଙ୍ଗଲ ଅଧୁଷିତ ଅଞ୍ଚଳ କୁ ଯାଇଥିବା ରାସ୍ତା ଗୁଡ଼ିକର ଉନ୍ନତି କରଣ କରା ଯାଉନାହିଁ । ଫଳରେ ଜଙ୍ଗଲ ଅଧୁଷିତ ଅଞ୍ଚଳରେ ଲୋକେ କଚା ରାସ୍ତା ରେ ଯାତାୟାତ କରୁଛନ୍ତି । ଯାହା ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମଇମୁରା ପଞ୍ଚାୟତ ରେ ଦେଖିବାକୁ ମିଳିଛି । ଏହି ପଞ୍ଚାୟତର ପିତାବଳି ବାହାଳଗ୍ରାମ ରୁ ଆଦିବାସୀ ସାହି କୁ ଯାଇଥିବା ମାଟି ରାସ୍ତାଟି ଅତି ଶୋଚନୀୟ ହୋଇପଡିଛି । ଉକ୍ତ ରାସ୍ତାକୁ ମରାମତି କରା ଯାଉନଥିବା ବେଳେ ରାସ୍ତାରେ ପଡୁଥିବା ନାଳ ଉପରେ ପୋଲ ନିର୍ମାଣ ହେଉନାହିଁ । ଫଳରେ ଅଞ୍ଚଳବାସିଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନ ଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଯୋଗୁଁ ଶୁକ୍ରବାର ଦିନ ଅଞ୍ଚଳବାସି ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ଯେ ଉକ୍ତ ମାଟି ରାସ୍ତା ଟି ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡିଛି । ଉକ୍ତ ରାସ୍ତାର ଉନ୍ନତିକରଣ କରାଜାଉ ନଥିବା ବେଳେ ଲୋକେ ଯିବା ଆସିବା ରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ପରିକି ସାମନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ପୂର୍ଣ୍ଣ ହୋଇ ଯାଇଛି । ଯାହା ଫଳରେ ବର୍ଷା ଦିନେ ପାଦରେ ବି ଚାଲି ଚାଲି ଯାଇ ହେଉନି । ସେହିପରି ରାସ୍ତା ମଝିରେ ନାଳ ପଡୁଥିଲେ ମଧ ଉକ୍ତ ନାଳ ଉପରେ ପୋଲ ର୍ନିମାଣ ହେଉ ନାହିଁ । ଯାହାକି ସାମାନ୍ୟ ବର୍ଷା ହେଲେ ପାଣି ଯାଉଥିବା ଯୋଗୁଁ ଯୋଗା ଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡୁଛି । ଏ ନେଇ ଅଂଚଳବାସି ବହୁବାର ପ୍ରଶାସନ ଠାରେ ଅଭିଯୋଗ କଲେ ମଧ କେହି ଶୁଣି ନାହାନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ରବୀନ୍ଦ୍ର ନାୟକ, ଭଜମନ ନାୟକ, ସୁଶାନ୍ତ ପ୍ରଦାନ, ଅଭିମନ୍ୟୁ ନାୟକ, ସବିତା ନାୟକ, ହେମନ୍ତ ଖଲାରୀ, ପ୍ରଫୁଲ୍ଲ ଦେହୁରୀ ପ୍ରମୁଖ ଦାବି କରିଛନ୍ତି ।

# ମୋବାଇଲ ଟାୱାର ନଥିବାରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର,(ସବ୍ୟୁ) : କୌଣସି ଉପାନ୍ତ ଏରିଆ ନୁହଁ, ତାଳଚେର ଉପଖଣ୍ଡ କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ପଂଚାୟତ ହରିଚନ୍ଦନ ପୁରରେ ମୋବାଇଲ ଟାୱାର ନଥିବାରୁ ପଂଚାୟତବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଆଜି ଏସମ୍ପର୍କରେ ଅଲଓଡ଼ିଶା ହ୍ୟୁମାନ ରାଇଟସ୍ ସଭାପତି ଡ଼ଃ ଦେବେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଉପଜିଲ୍ଲାପାଳ ସମୀର ଜେନାଙ୍କୁ ଭେଟି ଏକ ଦାବିପ୍ରଦାନ ସହ ଆଲୋଚନା କରିଥିଲେ। ଏଥିନେଇ ଶ୍ରୀ ସିଂହ ଦୁଃଖ ପ୍ରକାଶ କରିବା ସହ ଛାତ୍ରଛାତ୍ରୀମାନେ ଅନଲାଇନ ପାଠପଢ଼ାରୁ ବଂଚିତ ହେବା, ଆମ୍ବୁଲାନ୍ସ ସେବା ଯୋଗାଯୋଗ ବ୍ୟାହାତ ଓ ମୋବାଇଲ ଟାୱାର ନଥିବାରୁ ସମସ୍ତ ସରକାରୀ ଯୋଜନାରୁ ବଂଚିତ ହେବାକୁ ନେଇ ସରକାର ତୁରନ୍ତ ଏଥିପାଇଁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି ।

# ଉନ୍ନୟନ କାର୍ଯ୍ୟର ତାଲିକା ପ୍ରଦାନ କଲା ବିଜେପି

ତାଳଚେର,(ସବ୍ୟୁ) : ତାଳଚେର ପୌରାଚଂଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଡ଼ିଏମ ଫଣ୍ଡରୁ କରିବାପାଇଁ ଏକ ତାଲିକା ପ୍ରସ୍ତୁତ କରି ନଗରପାଳ ଓ ନିର୍ବାହୀଅଧିକାରୀଙ୍କୁ ବିଜେପି ପକ୍ଷରୁ ପ୍ରଦାନ କରାଯାଇଛି। ଅନୁଗୋଳ ଜିଲ୍ଲାରେ ବାର୍ଷିକ ୩ଶହକୋଟିରୁ ଉର୍ଦ୍ଧ୍ୱଟଙ୍କା କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ ଉଦ୍ୟୋଗ ଜିଲ୍ଲା ଖଣିଜପାଣ୍ଠିରୁ ଜମା କରିଥାନ୍ତି। ଉକ୍ତ ପାଣ୍ଠିରୁ ତାଳଚେର ପୌରାଚଂଳର ବିକାଶପାଇଁ ବିଜେପି ପକ୍ଷରୁ ଉନ୍ନୟନ କାର୍ଯ୍ୟର ଏକ ସୂଚୀ ପ୍ରସ୍ତୁତ କରାଯାଇ ବିଜେପି ମିଡ଼ିଆସେଲ ସଂଯୋଜକ ପର୍ଶୁରାମ ବାରିକ, ଢ଼େଙ୍କାନାଳ ସାଂସଦଙ୍କ ପ୍ରତିନଧି, ମଣ୍ଡଳସଭାପତି ରଜେଶ ଦଳେଇ ନଗରପାଳ ପବିତ୍ର ଭୂତିଆ ଓ ନିର୍ବାହୀଅଧିକାରୀଙ୍କ ସାକ୍ଷତକରି ସୂଚୀ ପ୍ରଦାନ କରିଥିଲେ। ତାଳଚେର ପୌରାଚଂଳରେ ଜଗନ୍ନାଥ ପାର୍କ, ପଶ୍ଚିମେଶ୍ୱର ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଟାଉନହତା, ବ୍ରାହ୍ମଣୀନଦୀରେ ବୋଟ ଚଳାଇବା, କଲଭର୍ଟ ନିର୍ମାଣ ଆଦି ବହୁ ଉନ୍ନୟନ ମୂଳକକାର୍ଯ୍ୟର ତାଲିକା ଦିଆଯାଇଛି ବୋଲି ବିଜେପି ପକ୍ଷରୁ ସୂଚନା ଦିଆଯାଇଛି ।

# କଣ୍ଟାପାଳ ଜନସେବା କେନ୍ଦ୍ରରେ ଅନିୟମିତିତା: କେନ୍ଦ୍ରକୁ ବନ୍ଦ କଲା ବ୍ୟାଙ୍କ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ କଣ୍ଟାପାଳ ଗ୍ରାମ ସ୍ଥିତ ଛକ ନିକଟରେ ଥିବା ଗ୍ରାହକ ସେବା କେନ୍ଦ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ଏହାର ପ୍ରତିବାଦରେ ଶୁକ୍ରବାର ବହୁ ଗ୍ରାମବାସୀ ଶାଖା କେନ୍ଦ୍ର ସମ୍ମୁଖରେ ହୋ ହାଲ୍ଲା କରିଥିଲେ । ପରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ । ସୂଚନା ଯୋଗ୍ୟ ଯେ ଆଧିବାସୀ ଅଧ୍ୟୁଷିତ କଙ୍କଡାହାଡ ବ୍ଲକର ସଦର ମହକୁମା ଠାରୁ ୫କିମି ଦୂରରେ କଣ୍ଟାପାଳ ଥିବାବେଳେ କଙ୍କଡାହାଡ ଠାରେ ଷ୍ଟେଟ ବ୍ୟାଙ୍କର ଶାଖା ନାହିଁ । କଙ୍କଡାହାଡ ଅଞ୍ଚଳର ୧୧ଟି ପଞ୍ଚାୟତର ଲୋକମାନେ କାମାକ୍ଷାନଗର ଶାଖା ଉପରେ ନିର୍ଭରଶୀଳ ରହୁଥିଲେ । ପରେ ଷ୍ଟେଟ ବ୍ୟାଙ୍କ କାମାକ୍ଷାନଗର ଶାଖା ଅଧୀନରେ କଣ୍ଟାପାଳ ଜନସେବା କେନ୍ଦ୍ର କାମ କରିବା ପାଇଁ ସ୍ୱିକୃତୀ ମିଳିଥିଲା । ଏହି ଜନସେବା କେନ୍ଦ୍ରରେ ଟଙ୍କା ଡିପୋଜିଟ କରିବା, ଟଙ୍କା ଉଠାଇବା ପାଇଁ ପ୍ରତିଦିନ ଲୋକମାନେ ଆସିଥାନ୍ତି । ହେଲେ ଜନ ସେବା କେନ୍ଦ୍ରର ପରିଚାଳକ ଲୋକଙ୍କ ଟଙ୍କା ଆତ୍ମସାତ କରୁଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଥିଲା । ସେ ଅନେକ ସମୟରେ ଲୋକମାନଙ୍କୁ ସର୍ଭର ଡାଉନ୍ ଅଛି ଅନ୍ୟ ବ୍ୟାଙ୍କକୁ ଟଙ୍କା ଯାଇଛି । ଫାଇନାନ୍ସ କମ୍ପାନୀରୁ ଟଙ୍କା ଋଣ ନେଇଥିବାରୁ ଟଙ୍କା କଟି ଯାଉଛି ଆଦି ବିଭିନ୍ନ ଆଳ ଦେଖାଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ କଣ୍ଟାପାଳ ଗ୍ରାମର ହରିନାଥ ମହାନ୍ତି ଗତ କିଛିଦିନ ତଳେ ୪୦୦୦ଟଙ୍କା ଗ୍ରାହକ ସେବା କେନ୍ଦ୍ରରେ ଡିପୋଜିଟ୍ କରିଥିଲେ ହେଲେ ଘଟଣାକୁ ମାସେ ବିତି ଯାଇଥିଲେ ମଧ ସେହି ଟଙ୍କା ଆକାଉଣ୍ଟକୁ ନଆସିବାରୁ ଗ୍ରାହକ ସେବା କେନ୍ଦ୍ର ପରିଚାଳକଙ୍କୁ କହିବାରୁ ସେ ବିଭିନ୍ନ ପ୍ରକାର କଥା କହିଥିଲେ । ଏ ନେଇ ଶ୍ରୀ ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି । ଆଜି କଣ୍ଟାପାଳ ସ୍ଥିତ ଗ୍ରାହକ ସେବା କେନ୍ଦ୍ରଠାରେ ବହୁ ଗ୍ରାମବାସୀ ହୋ ହାଲ୍ଲା କରିଥିଲେ । ପରେ ସେଠାରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସଚ୍ଚିଦାନନ୍ଦ ଓଝା, ରାଜ୍ୟ ସିଏସ୍‌ପି ହେଡ ବିମଳ କୁମାର ପଣ୍ଡା, ଅନୁଗୁଳ ଷ୍ଟେଟ ବ୍ୟାଙ୍କ ଏଫ୍ଆଇ ବେଣୁଧର ବେହେରା ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ଅଭିଯୋଗ ଆଧାରରେ ଏହି କେନ୍ଦ୍ରକୁ ବନ୍ଦ କରାଯାଇଥିବା ଜଣାଯାଇଛି ।

## ନନ୍ଦିନୀ ଦେବୀ ଦୃଷ୍ଟିହୀନ ବଧିର ବିଦ୍ୟାଳୟ ଛାତ୍ରଙ୍କୁ ମାଡ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବି କଲେ ଛାତ୍ରଙ୍କ ପିତା

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ସହର କଣ୍ଟାନାଳୀ ବାଇପାସ୍ ସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ବଧିର ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ ଘଟଣାରେ ବିଦ୍ୟାଳୟର କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ (ପପୁ)ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ରର ବାପା ନେପାଳି ପାତ୍ର ଦାବୀ କରିଛନ୍ତି । ପ୍ରକାଶ ଥାଉ ଯେ ଗତ ୨ ଦିନ ତଳେ ବିଦ୍ୟାଳୟର କୋଷାଧ୍ୟକ୍ଷ ଶ୍ରୀ ପାଣିଗ୍ରାହୀ ସ୍କୁଲ ପରିସରରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ଚତୁର୍ଥ ଶ୍ରେଣୀର ଦୃଷ୍ଟିହୀନ ଛାତ୍ରର ହାତ ମୋଡି ଦେଇଥିବାର ଥାନାରେ ଅଭିଯୋଗ ହୋଇଥିଲା । ଖବରପାଇ ବାପା ନେପାଳି ପାତ୍ର ଖଡଗପ୍ରସାଦ ଠାରୁ ସ୍କୁଲକୁ ଆସି ଉକ୍ତ ଘଟଣାର ସିସି ଟିଭି ଫୁଟେଜକୁ ସ୍କୁଲର କୋଷାଧ୍ୟକ୍ଷ ନଷ୍ଟ କରିଦେଇଥିବା ଜାଣିବାକୁ ପାଇଥିଲେ । ବର୍ତ୍ତମାନ ସୁଦ୍ଧା ତାଙ୍କ ପୁଅ ଠିକ୍ ରେ ଖାଇ ପାରୁନଥିବା ଓ ଶୋଇପାରୁନଥିବା ସେ ଅଭିଯୋଗ ଉଠାଇଛନ୍ତି । ତେଣୁ ପୁଙ୍ଖାନୁପୁଙ୍ଖ ଭାବେ ଅଭିଯୋଗର ତଦନ୍ତ କରିବାସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ସେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏପଟେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନ୍ୟ ଏକ ଫୁଟେଜ ଘୁରି ବୁଲୁଥିବା ନେଇ ମଧ୍ୟ ବିଦ୍ୟାଳୟର ପ୍ରତିଷ୍ଠା ପ୍ରତି ଆଙ୍ଗୁଠି ଉଠୁଥିବାର ଜଣାଯାଇଛି । ଘଟଣାର ତଦନ୍ତ ଅକ୍ଷମ କଲ୍ୟାଣ କମିଟି ଏବଂ ଶିଶୁ ସୁରକ୍ଷା କମିଟି ଦ୍ୱାରା ହୋଇ ତାର ରିପୋର୍ଟ ପ୍ରଦାନ କରିଛି । ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଟାଉନ୍ ଥାନା ଅଧିକାରୀଙ୍କୁ ପଚାରିବାରୁ କୁହନ୍ତି ଯେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ତଦନ୍ତ ଜାରି ରହିଛି । ଏବଂ କାର୍ଯ୍ୟାନୁଷ୍ଠାନ ଖୁବ୍ ଶୀଘ୍ର ନିଆଯିବବୋଲି ସେ ପ୍ରକାଶ କରିଛନ୍ତି ।

# କୋଇଲା ଖଣିରୁ ଯନ୍ତ୍ରାଂଶ ଚୋରି: ୪ ଗିରଫ



ତାଳଚେର,(ସବ୍ୟୁ) :ତାଳଚେର ଥାନା ଅନ୍ତର୍ଗତ ଲିଙ୍ଗରାଜ କୋଇଲା ଖଣି ପରିକ୍ଷାଗାରରୁ ବହୁମୂଲ୍ୟବାନ୍ ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ଏହି ଅଭିଯୁକ୍ତମାନେ ହେଲେ ପପୁ ଓରଫ ଟେଙ୍ଗୁ ଓରଫ ରାଜେଶ ସାହୁ ୩୪ ୱାର୍ଡ଼ ନଂ- ୧୨ ରେମୁଁଆ, ସୁମନ୍ତ ସାମଲ (୩୪) ଓ ତୋଫାନ ଓରଫ ସୁନିଲ ବରାହ (୨୮) ବାଘୁଆବୋଲି ଏମଡ଼ି ଅଫସକ (୪୭)ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଲିଙ୍ଗରାଜ ପରୀକ୍ଷାଗାର ଦାୟୀତ୍ୱରେ ଥିବା ମାଙ୍ଗିରାମ ଚୌଧୁରୀ ୧୦ଟି କ୍ରସର ମଟର, ଗୋଟିଏ ପଲଭରାଇଜର୍, ଗୋଟିଏ ମଟର, କ୍ରସରମଟର ସେଟ୍, କ୍ରସର ମାଉଥ କଭର, ଗୋଟିଏ ୟୁପିଏସ୍, ଦୁଇଟି ପିଓଇ ଚୋରି ହୋଇଥିବା ଜାଣିବାପରେ ସେ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଘଟଣାର ତଦନ୍ତକରି ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରିଥିବା ପୋଲିସ୍ ସୂତ୍ରରୁ ଜଣାପଡ଼ିଛି ।

# କଣିହାଁ ଠାରେ ସ୍କୁଲସ୍ତରୀୟ ବିଜ୍ଞାନମେଳା



କଣିହାଁ,(ସବ୍ୟୁ): ପିଏମ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସ୍କୁଲ ସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ପ୍ରଦର୍ଶିତ ହୋଇଯାଇଛି। ଏହି ବିଜ୍ଞାନ ମେଳା କୁ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦାଶରଥି ଜେନା, ପ୍ରାକ୍ତନ ଶିକ୍ଷକ କୁଳମଣି ସାମଲ, ଦିଲ୍ଲୀପ କୁମାର ପ୍ରଧାନ ଓ ଏସ ଏମ ସି ର ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟ ର ଭାରପ୍ରାପ୍ତ ଅଧକ୍ଷ ସିଦ୍ଧି ପ୍ରସାଦ ସାହୁ ଉଦ୍ଘାଟନ କରିଥିଲେ। ଉକ୍ତ ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୧୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଆଜି ସମସ୍ତ ପ୍ରକଳ୍ପ ଗୁଡିକ ଛାତ୍ର ଛାତ୍ରୀ ଓ ସେମାନଙ୍କ ପିତାମାତା ମାନେ ବୁଲି ଦେଖିଥିଲେ । ଏଥିରେ କୁନି ବୈଜ୍ଞାନିକ ମାନଙ୍କୁ ପଚାରି ସମସ୍ତ ତଥ୍ୟ ପଚାରି ବୁଝିଥିଲେ । ବରିଷ୍ଠ ବିଭାଗରେ ଶ୍ରୀନିବାସ ସାହୁ ଙ୍କ ଦ୍ୱାରା ପ୍ରସ୍ତୁତ ବାଇଓ ପ୍ଲାଷ୍ଟିକ ପ୍ରସ୍ତୁତି କରଣ, ସ୍ମିତାସ୍ମିନ ପାତ୍ର ଓ କିରଣ ସାହାଣି ଙ୍କ ଦ୍ୱିଘାତ ସମୀକରଣ କୁ ବର୍ଗଚିତ୍ର ମାଧ୍ୟମରେ ସମାଧାନ କରିବା ଓ ବାଦଲ ମିଶ୍ର ଙ୍କ ଘାସ କାଟିବା ଯନ୍ତ୍ର ଉଚ୍ଚ ପ୍ରଶଂସିତ ହୋଇଥିବା ବେଳେ କନିଷ୍ଠ ବିଭାଗରେ ମେ

ାହିତ ବାରିକ ଓ ଶ୍ରୀ ପାଣି ଙ୍କ ପ୍ରକଳ୍ପ ବିନା ମାଟିରେ ଫସଲ, ଭାଗ୍ୟଶ୍ରୀ ନାଏକ ଙ୍କ ଶସ୍ୟ ସୁରକ୍ଷା, ଶୁଭମ, ଲକ୍ଷ୍ମଣ, ବିଦୁର ଓ ଆର୍ଯ୍ୟନଙ୍କ ଭୂମିକମ୍ପ ରେ ସତର୍କ ଘଣ୍ଟି ଉଚ୍ଚ ପ୍ରଶଂସିତ ହୋଇଥିଲା । ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ଲକ ସ୍ତରୀୟ ବିଜ୍ଞାନ ମେଳାକୁ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ର୍ନିବାଚିତ ହୋଇଥିଲା । ବିଜ୍ଞାନ ମେଳାରେ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ଭୀମସେନ ସାମଲ, ଦେବାଶିଷ ହୋତା, ଜାଗାଶ୍ରିତା ସାହୁ, ଆଦ୍ୟାଶା ଅନିନ୍ଦିତା ସାହୁ, ଡେମନଷ୍ଟେଟର ଶେଖର ଚନ୍ଦ୍ର ନାଥ ପ୍ରମୁଖ ଛାତ୍ର ଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିବାବେଳେ ବିଦ୍ୟାଳୟ ର ଶିକ୍ଷକ ଅମିତା ଦେହୁରୀ, ଯସ୍ମିନ ପ୍ରଧାନ,ପ୍ରଶାନ୍ତ କୁମାର ବେହେରା, ଗୋଦାବରୀ ଗଡ଼ନାୟକ, ବୀଣାପାଣି ସାହୁ,ସନ୍ତୋଷିନୀ ସାହୁ, ବବିସ୍ମାତା ନାୟକ ଓ ସସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମାସେ ଟପିଲା, ଅପହୃତା ନାବାଳିକାଙ୍କ ଟେର ପାଉନି ପୋଲିସ

# ଏସପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ଭଦ୍ରକ/ଦୋବଲ,(ସବ୍ୟୁ): ଝିଅ କଲେଜ ଯାଇ ଆଉ ଘରକୁ ନେଫରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବାପରେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତି କରି ଗତ ଅଗଷ୍ଟ ୧୪ରେ ପୋଲିସ କେସ ନଂ.୨୯୫/୨୫ ମାମଲା ରୁଜୁ କରି ତଦନ୍ତ କରୁଛି। ହେଲେ ପ୍ରାୟ ଏକ ମାସ ହେବ ପୋଲିସ ପରିବାର ଲୋକଙ୍କୁ ଭୁଆଁ ବୁଲେଇ ଚାଲିଥିଲା। ଏଥିସହ ଶେଷରେ ଝିଅର ସନ୍ଧାନ ନପାଇବାରୁ ଗୁରୁବାର ପୂର୍ବାହ୍ନରେ ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଭଦ୍ରକ ଜିଲ୍ଲା ଧାମନଗର ଥାନ ଭଗବାନପୁର ପଞ୍ଚାୟତର ଗୁଆପୋଖରୀ ଗ୍ରାମର କୈଳାସ ରାଉତଙ୍କ ନାବାଳିକା ଝିଅ ଚଳିତ ବର୍ଷ ବୋରିକପୁର ନୟନମଣୀ ମହିଳା କଲେଜରେ ନାମ ଲେଖାଇ ପାଠ ପଢ଼ିବା ପାଇଁ ଦୈନିକ ସେ ଘରୁ କଲେଜକୁ ବସରେ ଯିବା ଆସିବା କରନ୍ତି। ଗତ ଅଗଷ୍ଟ ୧୩ତାରିଖ ସକାଳେ ଝିଅ କଲେଜ ଯାଇ ସଠିକ ସମୟ ନଫେରିବାରୁ ପରିବାର ଲୋକେ ସାହି ବସ୍ତି,ବନ୍ଧୁବାନ୍ଧବ ଆଦି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଶେଷରେ ପରଦିନ ଅଗଷ୍ଟ ୧୪ରିଖରେ ଧାମନଗର ଥାନାରେ ଅଧିକାରୀ ଗୋପାଳକୃଷ୍ଣ ଜେନାଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ସମସ୍ତ କଥା ଶୁଣିବା ସହ ସେହିଦିନ ଠାରୁ ଝିଅ ନିଖୋଜ ନେଇ ତଦନ୍ତ ଚଳାଇଥିଲା। ଅଭିଯୋଗ ଦେବାର ଦୁଇଦିନ ମଧ୍ୟରେ ପଡୋଶୀ ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ରତଳାଙ୍ଗ ଗ୍ରାମର ବିଶ୍ୱଜିତ୍ ଦାସ ନିଖୋଜ ଝିଅକୁ ନେଇଯାଇଥିବା ନେଇ ଖବର ମିଳିଥିଲା। ଏସମସ୍ତ କଥା ଗୋବିନ୍ଦର ସ୍ତ୍ରୀ ମଧ୍ୟ ଜାଣିଥିଲା। ଏପରିକି ଝିଅକୁ ଉଠାଇ ନେଇଥିବା ଯାଜପୁର ଜିଲ୍ଲା ବରୀ ଥାନା ରତଳାଙ୍ଗ ଗ୍ରାମର ବିଶ୍ୱଜିତ୍ ଘରକୁ ଯାଇ ଚଡାଉ କରିଥିଲେ ମଧ୍ୟ ଝିଅର କୌଣସି ସନ୍ଧାନ ପାଇନଥିଲା। ଏସମ୍ପର୍କରେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ସେ ଏହାକୁ ତତକ୍ଷଣାତ୍ ତଦନ୍ତ ଦାୟୀତ୍ୱରେ ଥିବା ଅଧିକାରୀଙ୍କୁ ରଶ୍ମିତା ମଲ୍ଲିକଙ୍କୁ ପଚରାଉଚୁରା କରିବା ସହ ବିଭିନ୍ନ ମୋବାଇଲ ନମ୍ବର ସିଡ଼ିଆର ଓ ଲୋକେସନ ତଦନ୍ତ କରି ଅଭିଯୁକ୍ତ ବିଶ୍ୱଜିତକୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଝିଅ ନିଖୋଜ ନେଇ ଝିଅର ବାପା କୈଳାସଙ୍କୁ ବିଭିନ୍ନ ବାହାନା ଦେଖାଇ ଫେରାଇ ଦେଇଥିଲେ। ଶେଷରେ ନିଖୋଜ ଝିଅ କୌଣସି ସନ୍ଧାନ ନପାଇ ନିରାଶ ହୋଇ ଗୁରୁବାର ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିଥିଲେ। ଶ୍ରୀରାଉତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଧାମନଗର ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେବା ସହ ଖୁବଶିଘ୍ର ଅଭିଯୁକ୍ତ ସହ ଝିଅକୁ ଧରାଯିବ ଆଶ୍ୱାସନା ଦେଇଥିଲେ ଝିଅର ବାପା କୈଳାଶ ରାଉତ କହିଛନ୍ତି।

# ଓଏବି ନିକଟରୁ ବନ୍ଧୁକ ଓ ଅଫୁଟା ଗୁଳି ଉଦ୍ଧାର

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏବି)ଫାଟକ ନିକଟରେ ଗୋଟିଏ ବନ୍ଧୁକ ଓ ଅଫୁଟା ଗୁଳି ଉଦ୍ଧାର କରାଯାଇଛି।ବାଉରିପଦା ସରପଞ୍ଚ ଧରଣୀଧର ନାୟକ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ବନ୍ଧୁକ ଦେଖି ସିମୁଳିଆ ଥାନାକୁ ଖବର ଦେଇଥିଲେ। ପରେ ପରେ ସେ ଉକ୍ତ ବନ୍ଧୁକ ଓ ଅଫୁଟା ଗୁଳି ସିମୁଳିଆ ଥାନାରେ ଜିମା ଦେଇଥିଲେ। ସିମୁଳିଆ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ପରେ ପରେ ସେ ଉକ୍ତ ବନ୍ଧୁକ ଓ ଅଫୁଟା ଗୁଳି ସିମୁଳିଆ ଥାନାରେ ଜିମା ଦେଇଥିଲେ। ସିମୁଳିଆ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଡ଼ାକ୍ତରଖାନାରେ କର୍ମଚାରୀ ସଙ୍କଟ : ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଠାକୁରମୁଣ୍ଡା ,(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଠାକୁରମୁଣ୍ଡା ବ୍ଲକ ସମେତ ଆନନ୍ଦପୁର ବ୍ଲକର ୩ ଟି ଗ୍ରାମପଞ୍ଚାୟତ ଚିକିତ୍ସା ସେବା ପାଇଁ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଲକ୍ଷେରୁ ଅଧିକ ଲୋକଙ୍କ ପାଇଁ କିନ୍ତୁ ଦେଖାଯାଇଛି କର୍ମଚାରୀ ସଙ୍କଟ । ନେତା, ମନ୍ତ୍ରୀ, ଜିଲ୍ଲାପାଳ ଅବଗତ ଥିଲାବେଳେ ଜିଲ୍ଲାପାଳ ଭଲ ଡାକ୍ତର ଦେବାକୁ ପ୍ରତିଶୃତିର ୨ ମାସ ଅତିକ୍ରାନ୍ତ ହେଲାଣି ଅଥଚ ବଦଳୁ ନାହିଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ । ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ ଟି ବିଶେଷଜ୍ଞ ପଦବୀ ଅଛି ।ମାତ୍ର ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଅଛନ୍ତି । ବାକି ଭେଷଜ, ଶଲ୍ୟ ଓ ଶିଶୁ ରୋଗ ବିଶେଷଜ୍ଞ ପଦବୀ ଶୂନ୍ୟ ପଡିଛି । ଜଣେ ବିଶେଷଜ୍ଞ ଥିଲେ ମଧ ସେ ଗତ ଦେଢ଼ ମାସ ହେଲା ଛୁଟିରେ ଚାଲି ଯାଇଛନ୍ତି । ଚାପ ସମ୍ଭାଳୁଥିବା ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀଙ୍କ ବଦଳି ମେଡିକାଲ ଅଫିସରଙ୍କୁ ଚାପ ପକାଇ ରିଲିଭ କରିବାକାରଣରୁ ନିରବ ପ୍ରତିବାଦ ସ୍ୱରୂପ ସେ ଛୁଟିରେ ଚାଲି ଯାଇଛନ୍ତି ।। ଉଭୟଙ୍କ ଅନୁପସ୍ଥିତିରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କେବଳ ରେଫେରାଲ ସେଣ୍ଟରରେ ପରିଣତ ହୋଇଛି ।୩ ଜଣ ଏମବିବିଏସ ଡାକ୍ତର ଜଣେ କଣ୍ଟ୍ରାକ୍ଟୁଆଲ ଡାକ୍ତର ଏବଂ ଜଣେ ସାମୟିକ ଦାନ୍ତ ଡାକ୍ତରରେ ଚାଲିଛି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ନୂଆ ନୂଆ ଚାକିରୀ କରିଥିବା ଡାକ୍ତରଙ୍କ କାନ୍ଧରେ ଗୁରୁ ଦାୟିତ୍ୱ ଦେଇ ଆଖି ବୁଜି ବସିଛନ୍ତି ଜିଲ୍ଲା ଅଧିକାରୀ । ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୯ ଜଣ ନର୍ସିଂ ପଦବୀ ଜାଗାରେ ୩ ଜଣ କାମ ଚଳାଉଛନ୍ତି । ୨ ଜଣ ଫାର୍ମାସିଷ୍ଟଙ୍କ ସ୍ଥାନରେ ଜଣେ ଅଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟଯେ, ଗତ ୮.୭.୨୦୨୫ ରୁ ଚିଠି ନଂ ୫୫୪୨ ବଳରେ ଫାର୍ମାସିଷ୍ଟ ରଶ୍ମିରଂଜନ ଜେନାଙ୍କ ବଦଳି ଠାକୁରମୁଣ୍ଡାକୁ ହୋଇଥିବା ସତ୍ତ୍ୱେ ତାଙ୍କୁ ଏଯାବତ ରିଲିଭ କରାଯାଇ ନାହିଁ । ସେ କପ୍ତିପଦାରେ ନିଯୁକ୍ତ ଥାଇ ଡେପୁଟେସନ ବଳରେ ଶୀର୍ଷା ମେଡିକାଲରେ କାର୍ଯ୍ୟ କରୁଛନ୍ତି । ଠାକୁରମୁଣ୍ଡା ମେଡିକାଲରେ ଥାଇ ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀଙ୍କୁ ବଦଳି କରିବାର ୫ ଦିନରେ ରିଲିଭ କରାଯାଇଥିବାବେଳେ ରଶ୍ମିରଂଜନ ଜେନାଙ୍କ କ୍ଷେତ୍ରରେ ୬୦ ଦିନ ଅତିକ୍ରମ ହୋଇଥିଲେ ମଧ ରିଲିଭ କରାଯାଇନାହିଁ । ତାଙ୍କୁ ଘଣ୍ଟ ଘୋଡାଉଛି କିଏ? ଗୋଟିଏ ବିଭାଗରେ ଅଲଗା ଅଲଗା ନୀତି କାହିଁକି? ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିଜ ସ୍ୱାସ୍ଥ୍ୟ ବିପନ୍ନ ଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟ କଥା ପଚାରେ କିଏ ବୁଝିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏଥିପ୍ରତି ଦୃଷ୍ଟିଦେଇ ସରକାର ତୁରନ୍ତ କର୍ମଚରୀ ନିଯୁକ୍ତି କରିବାକୁଦାବି ହୋଇଛି।

# ଭୋଗରାଇ ତହସିଲ ଆଗରେ ଗଣଧାରଣା

ଭୋଗରାଇ,(ସବ୍ୟୁ): ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣାକେନ୍ଦ୍ର ସ୍ଥାପନ ଦାବିରେ ଜିଲ୍ଲାର ୧୨ ଟି ବ୍ଲକରେ ଆନ୍ଦୋଳନ ତେଜିବାରେ ଲାଗିଛି । ଏଭଳି ସ୍ଥିତିରେ ଅନୁରୂପ ଭାବେ ଭୋଗରାଇ ବ୍ଲକରେ ଶୁକ୍ରବାର ସକାଳ ସାଢେ ୧୦ ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟି ଭୋଗରାଇ ଶାଖା ପକ୍ଷରୁ ତହସିଲ ସମ୍ମୁଖରେ ଗଣଧାରଣା ଦିଆ ଯାଇଥିଲା । ପ୍ରତିକୂଳ ପାଗ ସତ୍ତ୍ୱେ କ୍ରିୟାନୁଷ୍ଠାନ କମିଟିର ଶତାଧିକ ସଦସ୍ୟା – ସଦସ୍ୟ, କୃଷକ, ବୁଦ୍ଧିଜୀବୀ ଓ ଗଣ ସଂଗଠନର ନେତା କର୍ମୀମାନେ ଗଣଧାରଣାରେ ସାମିଲ ହୋଇଥିଲେ । କ୍ରିୟାନୁଷ୍ଠାନ କମିଟି ଭୋଗରାଇ ଶାଖାର ଆବାହକ ପଂକଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଏକ ଆନ୍ଦୋଳନାତ୍ମକ ଓ ସଚେତନ ସଭା କରାଯାଇଥିଲା । ବାଲେଶ୍ୱର ଏକ ଅଗ୍ରଣୀ କୃଷି ଜିଲ୍ଲାଭାବେ ସ୍ୱତନ୍ତ୍ର ପରିଚିତ ।ଏଠାରେ ଏକ କୃଷି ଓ କୃଷକର ଉନ୍ନତି ନିମନ୍ତେ କୃଷି ମହାବିଦ୍ୟାଳୟ ଓ ଗବେଷଣାକେନ୍ଦ୍ର ସ୍ଥାପନ ଦୀର୍ଘ ବର୍ଷଧରି କ୍ରିୟାନୁଷ୍ଠାନ କମିଟି ଦାବି କରି ଆସୁଛି ବୋଲି ଆନ୍ଦୋଳନକାରୀମାନେ ମନ୍ତବ୍ୟ ପ୍ରଦାନ କରିଥିଲେ । ସରକାର ଅବିଳମ୍ବେ ବାଲେଶ୍ୱରଜିଲ୍ଲାବାସୀଙ୍କ ନ୍ୟାୟଚିତ ଦାବି ପୂରଣ ନକଲେ ବ୍ୟାପକ ଗଣଆନ୍ଦୋଳନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ଏହି ସଭାରେ କହିଥିଲେ। ଗଣଧାରଣାରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସଭାପତି ଡ଼ଃ କେଶବ ଚରଣ ପଣ୍ଡା,ସମ୍ପାଦକ ଅଭୟ ମିଶ୍ର, ସହ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, କୋଡିନେଟର ଡ଼ଃ ବିଜୟ କୁମାର ମିଶ୍ର, କମିଟିର ଜଳେଶ୍ୱରବ୍ଲକର ସଭାପତି ଦିଲ୍ଲୀପ ଗିରି ପ୍ରମୁଖ ବକ୍ତବ୍ୟପ୍ରଦାନ କରିଥିଲେ । ଶେଷରେ ଏକ ପ୍ରତିନିଧି ଦଳ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ସ୍ମାରକ ପତ୍ର ପ୍ରଦାନ କରି ଆନ୍ଦୋଳନ ସ୍ଥଗିତ ରଖିଥିଲେ ।

# ଗଞ୍ଜେଇ ଜବତ୍

ଆଗରପଡ଼ା,(ସବ୍ୟୁ): ଗତ ଦୁଇଦିନ ତଳେ ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା ସ୍ଥାନୀୟ କଲେଜ ନିକଟସ୍ଥ ଦୋକାନ ଗୁଡ଼ିକୁ ଚଢ଼ାଉ କରି ବ୍ୟାପକ ଗୁଟଖା ଜବତ କରି ପୋଡ଼ି ଥିବାବେଳେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଗଞ୍ଜେଇ ଭର୍ତ୍ତି ଏକ ବାଇକକୁ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବାର ଜଣାପଡ଼ିଛି। ଗଞ୍ଜେଇ ଆସୁଥିବାର ଗୋପନ ସୂଚନାକୁ ଆଧାର କରି ଥାନାଧିକାରୀ ଶ୍ରୀ ଜେନା ତାଙ୍କ ଦଳ ସହ ବନ୍ତ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଯାନବାହନ ଯାଞ୍ଚ କରୁଥିବାବେଳେ ଏକ ବାଇକକୁ ଅଟକାଇ ଥାନାଧିକାରୀ ଖାନତଲାସ କରିଥିଲେ ଓ ଗଞ୍ଜେଇ ପାଇଥିଲେ। ପ୍ରାୟ ୧କିଲୋ ୬ଶହ ଗ୍ରାମ ଗଞ୍ଜେଇ ସହ ହୋଣ୍ଡା ସାଇନ ବାଇକ ନଂ ଓଡି-୦୮ ବି-୭୫୪୫,ନଗଦ ୧୨ହଜାର ୫ଶହ ଟଙ୍କା,୨ଟି ମୋବାଇଲ ସେ ଜବତ କରିଥିଲେ। ଉକ୍ତ ଥାନା ଅନ୍ତର୍ଗତ ଗଡ଼ାପିଠା ଗ୍ରାମର ବାଇକ ଚାଳକ ମୁକୁନ୍ଦ ପ୍ରସାଦ ଆଇତଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ଥାନାଧିକାରୀ ଶ୍ରୀ ଜେନା। ଏହି ସଂପର୍କରେ ଥାନା କେସ ନଂ-୧୫୫/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଜମାକାରୀଙ୍କ ଫେରି ପାଇଲେ ଜମା ଟଙ୍କା

ବାହାନଗା,(ସବ୍ୟୁ): ପଣପଣା ସେବା ସମବାୟ ସମିତିରେ ନିଜର କଷ୍ଟ ଉପାର୍ଜିତ ଟଙ୍କା ଜମା ରଖିଥିଲେ ଚାଷୀ।ଦୀର୍ଘ ଦିନ ପ୍ରତୀକ୍ଷା ପରେ ମଙ୍ଗଳବାର ଦିନ ଜମାକାରୀ ଓ ସେବା ସମବାୟ ସମିତି ଅଧିକାରୀ ଙ୍କ ମଧ୍ୟରେ ଟଙ୍କା ହେରଫେର ମଧ୍ୟରେ ପୂର୍ଣ୍ଣଚ୍ଛେଦ ପଡିଛି। ସମସ୍ତ ଜମାକାରୀଙ୍କୁ ତାଙ୍କ ଟଙ୍କା ଫେରାଇବା ସହିତ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି।ମଙ୍ଗଳ ବାର ଦିନ ପ୍ରଥମ ପର୍ଯ୍ୟାୟରେ ରବୀନ୍ଦ୍ର ଶ,ଦମ୍ବରୁ ଧର ଦାସ,ଧନେଶ୍ୱର ବାରିକ,ସଂକୀରିମଣି ବେହେରା,ଶଶିକାନ୍ତ ଦାସ,ରମେଶ ଚନ୍ଦ୍ର ପାଣିଗ୍ରାହୀ,ସଂଯୁକ୍ତା ରଥ,ଦେବେନ୍ଦ୍ର ମଣ୍ଡଳ, ଭାରତୀ ବେହେରା,ଜନାର୍ଦ୍ଦନ କର,ଲକ୍ଷ୍ମଣ କୁମାର ଦାସ,ବିଷ୍ଣୁଧର ମଣ୍ଡଳ ସହିତ ମୋଟ ୧୨ ଜଣଙ୍କୁ ୧୨ ଲକ୍ଷ ୩୦ ହଜାର ଟଙ୍କା ମଙ୍ଗଳବାର ଅପରାହ୍ନରେ ପଣପଣା ସେବା ସମବାୟ ସମିତିର ସମ୍ପାଦକ ତାପସ କୁମାର ଦାସ ପ୍ରଦାନ କରିଛନ୍ତି।ଏହି ସମୟରେ ଡାଟାଏଣ୍ଟ୍ରି ଅପରେଟର ରାଜେଶ ପାଢ଼ୀ ଓ ଡାଟାଏଣ୍ଟ୍ରିଙ୍କ ସହଯୋଗୀ ସୁଶାନ୍ତ ମହନ୍ତ ସହଯୋଗ କରିଥିଲେ।ସୂଚନା ଥାଉକି ଦୀର୍ଘ ୭ ବର୍ଷ ପୂର୍ବେ ଏହି ସେବା ସମବାୟ ସମିତିର ଚାଷୀ ଓ ଜମା କାରୀଙ୍କ ଟଙ୍କା ହେରଫେର ହୋଇଥିଲା।ଏହାକୁ ଫେରି ପାଇବା ପାଇଁ ଜମା କାରୀଙ୍କୁ ନାକେଦମ ହେବାକୁ ପଡିଥିଲା।ଏହା ଭିତରେ ବହୁ ଜମାକାରୀ ନିଜର ଗଚ୍ଛିତ ରଖିଥିବା ଜମା ଟଂକାଙ୍କୁ ଫେଇ ନ ପାଇ ଆରପାରିକୁ ଚାଲିଗଲେ।ମୋଟ ୮କୋଟି ଟଙ୍କା ହଡ଼ପ ହୋଇଥିବା ନେଇ ଭିଜିଲାନ୍ସ ବିଭାଗ ତରଫରୁ ବହୁ ଖୋଳତାଡ଼ ହୋଇଥିଲା। ସେତେବେଳର ସମ୍ପାଦକ ପ୍ରଦୀପ୍ତ ଦାସଙ୍କର ଦେହାନ୍ତ ହୋଇ ସାରିଛି। ଜମାକାରୀ ନିଜର ଗଚ୍ଛିତ ରଖିଥିବା ଟଙ୍କାକୁ ଫେରି ପାଇବେକି ନାହିଁ ଆଶା ଆକାଂକ୍ଷା ଭିତର ଦେଇ ଗତି କରୁଥିଲେ।ଆଜି ଏହି ସେବା ସମବାୟ ସମିତିର ସମ୍ପାଦକ ତାପସ କୁମାର ଦାସ ଜମାକାରୀଙ୍କୁ ଡକାଇ ଟଙ୍କା ଦେଇଥିବାରୁ ଶ୍ରୀ ଦାସଙ୍କୁ ଧନ୍ୟବାଦ ଜଣାଇବା ସହିତ ବିଳମ୍ବରେ ହେଲେ ମଧ ଆଜି ଜମାକାରୀ ଟଙ୍କା ଫେରିପାଇବାରୁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ମଧ ସାଧୁବାଦ ଜଣାଇଛନ୍ତି।

# ମାତାଲ ହୋଇ ଶୋଇଲେ ପ୍ରଧାନଶିକ୍ଷକ ତାଲା ପକାଇଲେ ଗ୍ରାମବାସୀ



ବାସୁଦେବପୁର ,(ସବ୍ୟୁ): ବାସୁଦେବପୁର ବ୍ଲକର ବିନୋବାଭାବେନଗର ପଞ୍ଚାୟତ ଉପେନ୍ଦ୍ରନାଥ ଯୋଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁ ନିଶାସକ୍ତ ଅବସ୍ଥାରେ ଶ୍ରେଣୀ ଗୃହରେ ଶୋଇଥିବା ବେଳେ ଗ୍ରାମବାସୀ ତାଲା ପକାଇ ହୋ ହାଲ୍ଲା କରିଥିଲେ । ଖବର ପାଇ କସିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ବିନୋବାଭାବେନଗର ପଞ୍ଚାୟତ ଏହି ବିଦ୍ୟାଳୟରେ ବାଳ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଦୁଇ ଜଣ ଶିକ୍ଷକ ଏଠାରେ ଶିକ୍ଷାଦାନ କରୁଛନ୍ତି । ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁ ଆଚରଣରେ ବିଦ୍ୟାଳୟର ପରିବେଶ ବିପଥଗାମୀ ହେଉଛି । ପ୍ରଧାନ ଶିକ୍ଷକ ବିଦ୍ୟାଳୟରୁ ନହଟିଲେ ଆସନ୍ତାକାଲି ଠାରୁ ବିଦ୍ୟାଳୟର ତାଲା ଖୁଲିବ ବୋଲି ଗ୍ରାମବାସୀ ରୋକ ଠୋକ ଶୁଣାଇ ଦେଇଛନ୍ତି ।।

# କରତକଳ ଉପରେ ବନ ବିଭାଗ ଚଢ଼ାଉ

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ କୁଳଡିହା ଅଭୟାରଣ୍ୟ ସାମାନ୍ତ ଲାଗୁଥିଲା। ସେକ୍ସନ ଅଞ୍ଚଳର ଇଲାପଦା ଓ ଜଗନ୍ନାଥପୁର ଗ୍ରାମରେ ଚାଲିଥିବା ୨ ଟି ବେଆଇନ କରତକଳ ଉପରେ ଚଢ଼ାଉ କରି ୧୦ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ କରିଛନ୍ତି। ସୂଚନା ମୁତାବକ ଗୁରୁବାର ରାତିରେ କୁଳଡିହା ଅଭୟାରଣ୍ୟ ସାମାନ୍ତ ସେକ୍ସନ ଅଧୀନ ଏଣ୍ଡିପୁର ଓ ଜଗନ୍ନାଥପୁର ଗ୍ରାମ ଅଞ୍ଚଳରେ ଚାଲିଥିବା ଅବୈଧ କରତକଳ ଉପରେ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ କାଳରେ ଆନୁମାନିକ ୧୦ ଲକ୍ଷ ଟଙ୍କାର ସମସ୍ତ ଯନ୍ତ୍ରାଂଶ ଜବତ ହେବା ସହ ତିନି ଲକ୍ଷ ଟଙ୍କାର ଶାଗୁଆନ କାଠ ଜବତ ହୋଇଥିବା ବେଳେ ଘଟଣା ସ୍ଥଳରୁ ମାଲିକ ଫେରାର ହୋଇଯାଇଥିଲେ। ତେବେ ଯେଉଁ ଜାଗାରେ ବେଆଇନ କରତକଳ ଚାଲୁଥିଲା ସେହି ଜାଗାର ମାଲିକଙ୍କ ନାମରେ ବନବିଭାଗର ଧାରା ୧୯୯୧ ଅନୁଜାଇ ମାମଲା ରୁଜୁ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ବାଲେଶ୍ୱର ଡ଼ିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ହାତୀଖୋଲିଆ ଫରେଷ୍ଟର ଜୟନ୍ତ ପ୍ରଧାନ, ଝରଣାଘାଟି ସେକ୍ସନ ଫରେଷ୍ଟର ଅଜୟ କୁମାର ଜେନା, ଜଡ଼ାଗୁଆ ସେକ୍ସନ ଫରେଷ୍ଟର ସୌମ୍ୟରଂଜନ ମାଝୀ, ଫରେଷ୍ଟର ସରସ୍ୱତୀ ମୁର୍ମୁ, ଲାଲ ମୋହନ ସିଂ ଗାର୍ଡ ଦୀପିକା ପାଣିଗ୍ରାହୀ, ରାକେଶ ବାରିକ ପ୍ରମୁଖ ୭୦ଜଣ ମିଳିତ ଭାବେ ଚଢ଼ାଉ କରିଥିଲେ। ଆଗାମୀ ଦିନରେ ଏହି ଚଢ଼ାଉକୁ ଯୋରଦାର କରାଯିବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି।

# ଦୁର୍ନୀତି ଧରାପଡ଼ିବା ପରେ ଉଠାହେଲା ପେଭର ବ୍ଲକ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ପୌରପାଳିକା ଅଧିନ ୫ ନମ୍ବର ୱାର୍ଡର ମାନସିଂ ବଜାର ମଣ୍ଡୁଆ ସାହି ମସଜିଦ ନିକଟସ୍ଥ ବେବେଗୋସ୍ୱାମୀ ଗଳିରେ ରାସ୍ତା କାମ ରେ ହୋଇଥିବା ଦୁର୍ନୀତିର ପର୍ଦାଫାଶ ପରେ ଏବେ ଇଷ୍ଟିମେଟ ଅନୁଯାୟୀ କାମ ଆରମ୍ଭ କରାଯାଇଛି। ରାସ୍ତାକୁ କଂକ୍ରିଟ କରାଯାଇ ପେଭର ବ୍ଲକ ବିଛାଇବାର ଇଷ୍ଟିମେଟ ରହିଥିବା ବେଳେ ଠିକାଦାର ଜଣକ ଚଞ୍ଚ କତା କରି କଂକ୍ରିଟ ନ କରି ଖାଲି ପେଭର ବ୍ଲକ ବିଛାଇ ନିଜର କାମ ସାରି ଦେଇଥିଲେ। ଅଭିଯୋଗ ପାଇ ସ୍ଥାନୀୟ କାଉନସିଲର ମିତା ପଟ୍ଟନାୟକ ତନାଘନା କରିବା ପରେ ସତ ସାମ୍ନା କୁ ଆସିଥିଲା। ଗତ କାଲି ଏ ନେଇ କାଉନସିଲର ଶ୍ରୀମତୀ ପଟ୍ଟନାୟକ ପୌରପାଳିକାର ଏମ୍‌ଇ ଏବଂ ଜେଇଙ୍କୁ ଡାକି ଉକ୍ତ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ପେଭର ବ୍ଲକ ଉଠାଇ କଂକ୍ରିଟ କରାଯିବା ପରେ ପୁଣି ପେଭର ବ୍ଲକ ବିଛାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଦିନ କାଉନସିଲର ଶ୍ରୀମତୀ ପଟ୍ଟନାୟକଙ୍କ ଉପସ୍ଥିତରେ ପେଭର ରାସ୍ତା ଖୋଳା ଯାଇଥିଲା।

# ଶଶ୍ମାନ ଜମି ବିବାଦ : ୧୦ଘଣ୍ଟା ପଡିରହିଲା ମୃତଦେହ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଶଶ୍ମାନ ଜମି ବିବାଦ ଯୋଗୁଁ ଦୁଇ ସାହିର ଗ୍ରାମବାସୀଙ୍କ ମଦ୍ୟକ୍ଷର ଦେଖାଯାଇଥିଲା ମୁହାଁମୁହିଁ ପରିସ୍ଥିତି । ଫଳରେ ୧୦ଘଣ୍ଟା ଧରି ପଡି ରହିଲା ମୃତଦେହ। ଶେଷରେ ପ୍ରଶାସନ ଉପସ୍ଥିତିରେ କରାଗଲା ଶବଦାହ । ଗତ ରାଖୀ ପୂର୍ଣ୍ଣିମା ଦିନ ଦୁର୍ଗାପୁର ଗାଁ ଦଳେଇ ସାହି ଗ୍ରାମର ଶତାଧିକ ମହିଳା ପୁରୁଷ ମିଶି ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ମାଆ ପାଇଁ ଗଛଟିଏ ଅଭିଯାନରେ ସାମିଲ ହୋଇ ସ୍ଥାନୀୟ ମହୁଲପତଡି ପଡିଆରେ ୫ଶହରୁ ଅଧିକ ଗଛ ଲଗାଉଥିବା ସମୟରେ ସ୍ଥାନୀୟ ଦୁର୍ଗାପୁର ଗ୍ରାମର ଶତାଧିକ ଏହାକୁ ବାରଣ କରିଥିଲେ । ଏହି କଥାକୁ ନେଇ ସେତେବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା । ପରେ ପ୍ରଶାସନ ହସ୍ତକ୍ଷେପରେ ଅସ୍ଥାୟୀ ସମଧାନ ହୋଇଥିଲା। ତେବେ ଏହି ଘଟଣାର ମାସେ ପରେ ଗୁରୁବାର ରାତିରେ ଦୁର୍ଗାପୁର ଗ୍ରାମର ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ ପୁଅ ବେଣୁଧର ପ୍ରଧାନ(୮୮)ଙ୍କ ଦେହାନ୍ତ ଘଟିଥିଲା । ପରିବାର ଓ ସାହିପଡିଶା ଲୋକ ବେଣୁଧରଙ୍କ ଅନ୍ତିମ ସଂସ୍କାର ପାଇଁ ସ୍ଥାନୀୟ ମଶାଣି କାଠ ଚିରିବାକୁ ଯାଇଥିଲେ । ଦଳେଇ ସାହିର ଶତାଧିକ ଲୋକ ତାଙ୍କୁ କାଠ ହାଣିବାକୁ ବାରଣ କରିବା ସହିତ ସେଠାରେ ଶବଦାହ କରିବାକୁ ମନା କରିଥିଲେ । ଘଟଣାସ୍ଥଳରେ ଦୁଇ ଗ୍ରାମର ଲୋକଙ୍କ ମଧ୍ୟରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଥିଲା । ମୃତକଙ୍କ ପରିବାର ଲୋକ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ । ଏନେଇ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାର , ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ , ସମିତି ସଭ୍ୟା ସରସ୍ୱତୀ ଦାସ , ଭିଏଲଡବ୍ଲ୍ୟୁ କାର୍ତ୍ତିକଚନ୍ଦ୍ର ସାହୁ , ବୈଶିଙ୍ଗା ଆରଆଇ ଏବଂ ଅନ୍ୟ ପ୍ରାଶାସନିକ ଅଧିକାରୀଙ୍କ ପହଞ୍ଚି ଉତେଜିତ ଲୋକ ମାନଙ୍କୁ ବୁଝାସୁଝା କରିଥିଲେ ।ଏହା ସହ ଦୁଇ ଗ୍ରାମର ଲୋକଙ୍କ ଉପସ୍ଥିତିରେ ଉକ୍ତ ପଡିଆରେ ୧୫ ଡିସମିଲର ମଶାଣି ଜମି ଚିହ୍ନଟ କରାଯାଇଥିଲା।ଏହା ପରେ ମୃତ୍ୟର ପ୍ରାୟ ୧୦ଘଣ୍ଟା ପରେ ବେଣୁଧରଙ୍କ ମୃତଦେହ ଦାହ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ଘଟଣା ସାରା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଥିଲା ।

# ଜଗନ୍ନାଥ ସାହିରୁ ଚୋରି

ଅସୁରାଳି,(ସବ୍ୟୁ) :ଗୁରୁବାର ରାତିରେ ଧୂଷୁରୀ ଥାନା ଅନ୍ତର୍ଗତ ସାହସପୁର ପଞ୍ଚାୟତର ଜଗନ୍ନାଥସାହିରୁ ବଡ଼ ଧରଣର ଚୋରି ହୋଇଛି। ଜଗନ୍ନାଥସାହି ଅଂଚଳର ସଜଉଦ୍ଦିନ ସାହାଜିଙ୍କ ସ୍ତ୍ରୀଗୁଡ଼ିଆ ବିବି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗୁରୁବାର ରାତିରେ କେହି ନଥିବାବେଳେ ରାତିରେ ଘର କବାଟ ତାଲା ଭାଙ୍ଗି ଅଜଣା ଦୁର୍ବୃତ୍ତମାନେ ତାଙ୍କ ଘରୁ ଚୋରି କରିଛନ୍ତି। ଚୋରମାନେ ଏକ ବୁଲେଟ ମଟର ସାଇକେଲ,ସୁନା ମଙ୍ଗଳସୂତ୍ର,କାନ ଫୁଲ,ରୂପା ବ୍ରେସଲେଟ ଆଦି ଅଳଙ୍କାର ସହିତ ନଗଦ ୮୫ ହଜାର ଟଙ୍କା ନେଇ ଯାଇଛନ୍ତି। ଅଭିଯୋଗ ଆଧାରରେ ଧୂଷୁରୀ ଥାନାରେ କେସ ନଂ-୪୪୦/୨୫ରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଏଏସଆଇ ତ୍ରିନାଥ ଭୋଇ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଛନ୍ତି।

# ନିଖୋଜ ମୋରଡା ବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦ୍ଧାର

ବେତନଟୀ ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଥାନା ଅଧୀନ ଇଦର ଗ୍ରାମର ନୟନ କୁମାର ମୁର୍ମୁଙ୍କ ପୁଅ ହରିରାମ ମୁର୍ମୁ ମୋରଡା ବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବରେ କାଯ୍ୟ କରୁଥିବା ବେଳେ ଗତ ଅଗଷ୍ଟମାସ ୬ତାରିଖରେ ହଠାତ ରହିସ୍ୟଜନକ ଭାବରେ ନିଖୋଜ ହୋଇଯାଇଥିଲେ । ପରିବାରବର୍ଗ ବ୍ୟସ୍ତବିବ୍ରତ ହୋଇପଡିଥିବା ବେଳେ ଶେଷରେ ନିରାଶହୋଇ ବାପା ନୟନ ମୁର୍ମୁ ଗତମାସ ୨୩ତାରିଖରେ ବେତନଟୀ ଥାନାରେ ପୁଅ ନିଖୋଜ ହୋଇଯାଇଥିବା ନେଇ ଏତଲା ଦାଏର କରିଥିଲେ । ଏନେଇ ବେତନଟୀ ଥାନାରେ ୫୭ /୨୫ ନମ୍ବରରେ ଏକ ନିଖୋଜ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିଲେ । ମାମଲାର ତଦନ୍ତକାରୀ ଅଧିକାରୀ ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଅଶେଷ କୁମାର ଦାସ କଟକ ଜିଲ୍ଲାର ମାଲଗୋଦାମ ଥାନା ଏରିଆ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି କରି ନିରାଶ ହୋଇ ଫେରିଥିଲେ। ତେବେ ବିଶ୍ୱସ୍ତ ସୁତ୍ରରୁ ଖବରପାଇ ଭୁବନେଶର – ରେଳଷ୍ଟେସନ ନିକଟ ଶ୍ରୀଜଗନ୍ନାଥ ନାମକ ଏକ ହୋଟେଲରେ ଚଢାଉକରି ହରିରାମଙ୍କୁ ଉଦ୍ଧାର କରିବାରେ ସଫଳ ହୋଇ ହରିରାମଙ୍କୁ ସାଙ୍ଗରେ ନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଅଶେଷ କୁମାର ଦାସ ବେତନଟୀ ପ୍ରତ୍ୟାବର୍ତ୍ତନ କରିଥିଲେ । ପରେ ଫାଣ୍ଡି ଅଧିକାରୀ ବାପା ହରିରାମଙ୍କ ଜିମାରେ ପୁଅକୁ ଛାଡିଛନ୍ତି । ତେବେ ମୋରଡା ବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ହରିରାମ ଚାକିରୀ କରୁଥିଲେ ହେଁ ଏହା ୨ବର୍ଷ ପାଇଁ ଚୁକ୍ତିଭିତ୍ତିକ ଥିଲା । ଚୁକ୍ତିନାମା ଅନୁସାରେ ଦୁଇବର୍ଷ ପୂରଣ ହୋଇଯାଇଥିବାରୁ ମାନସିକସ୍ତରରେ ବିଚଳିତ ହୋଇ ସେ ଏକାକୀ ସମୟ ବିତାଇବାକୁ ପଳାଇଥିଲେ ବୋଲି ଉଦ୍ଧାର ପରେ ପ୍ରକାଶ କରିଛନ୍ତି ।

# ଆଉଟ୍ ସୋର୍ସିଂ ନିଯୁକ୍ତିରେ ସ୍ୱଚ୍ଛତା ପାଇଁ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ଦାବି



ବାଲେଶ୍ୱର,(ସବ୍ୟୁ): ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟ୍ ସୋର୍ସିଂ ନିଯୁକ୍ତିରେ ସରକାରୀ ଦଳର ନେତା ଏବଂ ସମ୍ପୃକ୍ତ ଆଉଟ୍ ସୋର୍ସିଂ ସଂସ୍ଥାର କେତେକ କର୍ମଚାରୀ ମିଳିତ ଭାବରେ ନିଯୁକ୍ତି ନାମରେ ଲକ୍ଷ ଲକ୍ଷ ଟଙ୍କା ଉତ୍କଚ ନେଇଥିବାର ଅଭିଯୋଗ ହୋଇଆସୁଥିଲା । ଏହି ନିଯୁକ୍ତିରେ କୌଣସି ନୀତି ନିୟମକୁ କାର୍ଯ୍ୟକାରୀ କରାନଯାଇ ମନଇଚ୍ଛା ନିଯୁକ୍ତି ଦିଆଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ଯୋର ଧରିଥିଲା । ଫକୀରମୋହନ ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବାଲେଶ୍ୱର ପୌରପାଳିକାରେ ପ୍ରତ୍ୟୁଷ, କେୟାର, ଏଲ ଏଣ୍ଡ କେ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଭାରତ ସିକ୍ୟୁରିଟି ସର୍ଭିସେସ୍ ବିଭିନ୍ନ ଅସ୍ଥାୟୀ କର୍ମଚାରୀମାନଙ୍କୁ ଆଉଟ୍ ସୋର୍ସିଂ କର୍ମଚାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଏହିସବୁ ସରକାରୀ ଅନୁଷ୍ଠାନ ଓ ପ୍ରତିଷ୍ଠାନଗୁଡ଼ିକରେ ରକ୍ଷଣାବେକ୍ଷଣ, ଆଟେଣ୍ଡାଂଟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉପରଲିକ୍ଷିତ ସଂସ୍ଥାଗୁଡ଼ିକ ଟେଣ୍ଡର ମାଧ୍ୟମରେ ନିଯୁକ୍ତି ଦେଉଛନ୍ତି। ତେବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନେତାଙ୍କ ପ୍ରଭାବ ଓ ପ୍ରରୋଚନାରେ ପଡ଼ି ନେତା ଓ କୁଜିନେତାଙ୍କ ନିର୍ଦ୍ଦେଶ ମୁତାବକ ଏଭଳି ନିଯୁକ୍ତି ଦିଆଯାଉଛି ବୋଲି ଜିଲ୍ଲାପାଳଙ୍କୁ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଆଜି ଲିଖିତ ଭାବେ ଜଣାଇଛନ୍ତି। ପୂର୍ବତନ ବିଧାୟକ ଶ୍ରୀ ଦାସ ପତ୍ରସଂଖ୍ୟା ୩୩୬/୨୫ରେ ଏଭଳି ଅଭିଯୋଗ ଉତ୍‌ଥାପନ କରିବା ସହ ଆଉଟସୋର୍ସ ସଂସ୍ଥା ପ୍ରତ୍ୟୁଷ, ଏଲ ଏଣ୍ଡ କେ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଭାରତ ସିକ୍ୟୁରିଟି ସର୍ଭିସେସ୍ ପ୍ରବନ୍ଧକମାନଙ୍କୁ ଏହାର କପି ପ୍ରଦାନ କରିଛନ୍ତି।

# ୨୫ ବାଲି ମାଫିଆଙ୍କ ଉତ୍ପାତ ଭୁଜାଲି ଦେଖାଇ ନେଇଗଲେ ଟ୍ରାକ୍ଟର

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଞ୍ଚଳରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ସୋନ ନଦୀର କାଂଶ ନିକଟ ତିନଦେଶ ଘାଟରୁ ବେଆଇନ ଭାବେ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ବାଲି ଉଠା ଯାଉଥିବା ଖବର ମିଳିବା ପରେ ଘଟଣା ସ୍ଥଳରେ ଦୁଇ ଜଣ ଖଣିଅଧିକାରୀ ତଥା ବାଲେଶ୍ୱରର କନିଷ୍ଠ ଖଣି ଅଧିକରୀ ସମ୍ବିତ୍ କୁମାର ମଣି ଓ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ କରି ନୀଳଗିରି ପୁଲିସ ସହାୟତାରେ ଚଢ଼ାଉ କରିଥିଲେ। ଘଟଣା ସ୍ଥଳରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ସିଜ କରିବା ପରେ ଅଯୋଧା ଫାଣ୍ଡିକୁ ଆଣୁଥିବା ବେଳେ ପ୍ରତାପପୁର ଛକ ନିକଟରେ ୧୫ରୁ ଉର୍ଦ୍ଧ ବାଇକରେ ୨୫ରୁ ଉର୍ଦ୍ଧ ବାଲି ମାଫିଆ ସେଠାରେ ରୁଣ୍ଡ ହେବାସହ ଖଣି ଅଧିକାରୀଙ୍କୁ ଅଟକାଇ କନଷ୍ଟେବଳଙ୍କ ବେକରେ ଭୁଜାଲି ଦେଖାଇ କନିଷ୍ଠ ଖଣି ଅଧିକାରୀ ଓ ପୋଲିସ ଟିମ୍ ଠାରୁ ଛଡ଼ାଇନେଲେ ଟ୍ରାକ୍ଟର। ନୀଳଗିରି ଥାନାରେ ନୀଳଗିରି କନିଷ୍ଠ ଖଣି ଅଧିକାରୀ ବାଲି ମାଫିଆଙ୍କ ନାମରେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ନୀଳଗିରି ଥାନା ପକ୍ଷରୁ କେଶ୍ ନମ୍ବର ୩୬୩/୨୫ ଏକ ମାମଲା ରୁଜୁ କରିବା ସହ ଜଣକୁ ଅଟକ ରଖି ତଦନ୍ତ କରୁଛି ।

# ନର୍ସିଂ ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱରରେ ଜଣେ ନର୍ସିଂ ଛାତ୍ର ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ଛାତ୍ର ୨୦ ବର୍ଷୀୟ ରୋମିଓ ରଞ୍ଜନ ସାମଲ। ଘରେ କେହି ନଥିବା ବେଳେ ଫ୍ୟାନରେ ବେଡସିଟ ବାନ୍ଧି ଝୁଲିପ ସେ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ବାପା ମୃତ୍ୟୁଞ୍ଜୟ ସାମଲ ହସ୍ପିଟାଲ କର୍ମଚାରୀ ହୋଇଥିବା ବେଳେ ରୋମିଓ ତାଙ୍କର ଏକମାତ୍ର ପୁଅ । ସର୍ଜରୀ ଓଟିରେ ପ୍ରାକ୍ଟିକାଲ ଡ୍ୟୁଟି ଥିବା ବେଳେ ଏହା ପୂର୍ବରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆତ୍ମହତ୍ୟାର କ କାରଣ ଅସ୍ପଷ୍ଟ ରହିଛି।ମୃତଦେହ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଚାକିର କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ

ସୋର, (ସବ୍ୟୁ): ସୋର ପୌର ପାଳିକା ଆଶ୍ରମଛକରେ ସେଲୁନ କରିଥିବା ଜଣେ ଯୁବକଙ୍କୁ ଭଦ୍ରକ ରିଜର୍ଭ ପୁଲିସରେ ବାରିକ ଚାକିରୀ କରାଇ ଦେବାକୁ କହି ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସିମୁଳିଆ ଥାନା ଆଙ୍କୁଲା ଗ୍ରାମର ରଘୁନାଥ ଦତ୍ତଙ୍କ ପୁତ୍ର ମନୋଜ କୁମାର ଦତ୍ତ ନିଜକୁ ପୁଲିସ ବିଭାଗର ଜଣେ ଅଧିକାରୀ ବୋଲି ପରିଚୟ ଦେଇ ବଂଶୀଧରଙ୍କୁ ଭଦ୍ରକ ରିଜର୍ଭ ପୁଲିସ ବିଭାଗରେ ବାରିକ ଚାକିରୀ କରାଇ ଦେବାକୁ କହି ଫୋନ ପେ ମାଧ୍ୟମରେ ଦୁଇଟି ଆକାଉଣ୍ଟକୁ ୩୮ ହଜାର ୯୫ ଟଙ୍କା ଏବଂ ନଗଦ ୧ ଲକ୍ଷ ୧୦ ହଜାର, ମୋଟ ଏକ ଲକ୍ଷ ୪୮ ହଜାର ୯୫ ଟଙ୍କା ନେଇଥିଲେ।ବଂଶୀଧର ଉକ୍ତ ଟଙ୍କା ଧାର କରି, ଗହଣା ବନ୍ଧା ପକାଇ ମନୋଜକୁ ଦେଇଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି।ପରେ ତାଙ୍କୁ ଓଡିଶା ପୁଲିସର ଲୋଗୋ ଥିବା ଏକ ନିଯୁକ୍ତି ପତ୍ର ଦେଇ ବଂଶୀଧରଙ୍କୁ ଖୋଲିବାକୁ ମନା କରିଥିଲେ। କିନ୍ତୁ ବଂଶୀଧର ଘରକୁ ଆସି ଲଫାଫା ଖୋଲି ଦେଖିବା ବେଳକୁ ସେଥିରେ ଜାଲ ନିଯୁକ୍ତି ପତ୍ର ସହ ଭିନ୍ନ ଭିନ୍ନ ନାମରେ ଦୁଇଟି ଏଟିଏମ କାର୍ଡ ଏବଂ ଅନ୍ୟ ଜଣଙ୍କର ଏକ ପାସପୋର୍ଟ ଫଟୋ ଥିବା ଦେଖିଥିଲେ। ଫଳରେ ସେ ଠକେଇର ଶିକାର ହୋଇଥିବା ଜାଣିପାରି ସୋର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରୟାସ

# ଭାରୀ ଯାନ ଚଳାଇବାକୁ ୧୦ଯୁବତୀଙ୍କୁ ଲାଇସେନ୍ସ ପ୍ରଦାନ




କେନ୍ଦୁଝର ,(ଜିପ୍ର/ସବ୍ୟୁ): ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସହ ସାମାଜିକ ପ୍ରତିବନ୍ଧକ ଦୂର କରିପାରିଛନ୍ତି ଯୋଡା ଅଞ୍ଚଳର ୧୦ ଜଣ ଆଦିବାସୀ ଯୁବତୀ। ଦୃଢ଼ ସଂକଳ୍ପ ଓ ଅଭିଳାଷ ଯୋଗୁଁ ସେମାନେ ଆଜି ସମାଜର ଚିରାଚରିତ ଧାରାକୁ ଭାଙ୍ଗି ସଫଳତାର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଭାରି ମୋଟର ଯାନ ଡ୍ରାଇଭିଂ ସାର୍ଟିଫିକେଟ ହାସଲ କରି ପରିବାରକୁ ଆର୍ଥିକ ସହାୟତା କରିବା ପାଇଁ ଆଗକୁ ଆସି ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।ସେମାନଙ୍କ ମଧ୍ୟରୁ ଜଣେ ସଫଳ ଯୁବତୀ ହେଉଛନ୍ତି କେନ୍ଦୁଝର ଜିଲ୍ଲାର ଗୁଆଳି ଗ୍ରାମ ପଞ୍ଚାୟତର ଦୀପା ଲୋହାର। ଏକ ସାଧାରଣ ଆଦିବାସୀ ପରିବାରରେ ଜନ୍ମିତ ଦୀପା, ମୌଳିକ ଶିକ୍ଷା ପରେ ଆଗକୁ ପାଠ ପଢିବାର ସୁଯୋଗ ପାଇ ନଥିଲେ। ହେଲେ ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ସେ ଦୃ ସଂକଳ୍ପ ନେଇଥିଲେ। ଏବେ ମାତ୍ର ୨୩ ବର୍ଷ ବୟସରେ ସେ ଭାରି ମୋଟର ଯାନ (ଏଚଏମ୍ଭି) ଡ୍ରାଇଭିଙ୍ଗ ଲାଇସେନ୍ସ ହାସଲ କରିଛନ୍ତି। ଏ ସମ୍ପର୍କରେ ଗୁଡାସାହିର ଦୀପା କହିଛନ୍ତି, ଆମ ଛଅ ଜଣିଆ ପରିବାରରେ କେବଳ ମୋ ଭଉଣୀ ରୋଜଗାର କରୁଥିଲେ। କିନ୍ତୁ ଏହି ଗାଡି ଚାଳନା ତାଲିମ ଯୋଗୁଁ ଦକ୍ଷତା ତାଲିମ ସହ ପରିବାର ଚଳାଇବା ପାଇଁ ମୋ ଭଉଣୀଙ୍କୁ ମଧ ମୁଁ ସହଯୋଗ କରିବାପାଇଁ ଆଗକୁ ଆସି ପାରିଛି । ସେହିଭଳି ପାର୍ଶ୍ୱବର୍ତ୍ତୀ ସୁନ୍ଦରଗ ଜିଲ୍ଲାର ମାଲଦା ପଞ୍ଚାୟତ ଅଧୀନରେ ଥିବା ଗେଡ୍ରାଗୋ ଗ୍ରାମର ସସ୍ମିତା ପାତ୍ରଙ୍କ କାହାଣୀ ମଧ ଦୀପାଙ୍କ ଭଳି ସାହସର ଏକ ଯାତ୍ରା ଥିଲା। ଦାଦଶ ଶ୍ରେଣୀ ଯାଏଁ ପାଠ ପଢିଥିବା ସସ୍ମିତା, ପିତାଙ୍କ ମୃତ୍ୟୁ ପରେ ନିଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଭିତରେ ଥିଲେ। କିନ୍ତୁ ଯେତେବେଳେ ତାଙ୍କୁ ଡ୍ରାଇଭିଂ ଶିଖିବାର ସୁଯୋଗ ମିଳିଥିଲା, ସେ ଏହାକୁ ହାତଛଡା କରିନଥିଲେ। ବଣାଇସ୍ଥିତ ଅଶୋକ ଲେଲ୍ୟାଣ୍ଡ ଇନ୍‌ଷ୍ଟିଚ୍ୟୁଟ ଅଫ ଡ୍ରାଇଭର ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ସୋସାଇଟିରେ ଏକ ଇଣ୍ଟେନ୍ସିଭ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଏହି ଯୁବତୀମାନଙ୍କ ଯାତ୍ରା ଆଗକୁ ବିଛି। ଏକାଧିକ ସପ୍ତାହ ଧରି ୧୦ ଜଣ ମନୋନୀତ ପ୍ରାର୍ଥୀ ଏକ ପାଠ୍ୟକ୍ରମରେ ସାମିଲ ହୋଇଥିଲେ। ସେଠାରେ ଶ୍ରେଣୀଗୃହ ଶିକ୍ଷା ସହ ପ୍ରାକ୍ଟିକାଲ ସେସନ୍ସ ଦିଆଯାଇଥିଲା। ପ୍ରାର୍ଥୀମାନଙ୍କୁ ପେସାଦାର ଗା ଚାଳନା ଟ୍ରେନିଂ ସାଙ୍ଗକୁ ସ ସୁରକ୍ଷା, ମେନାକିକ ଓ ଡିଫେନ୍ସିଭ ସହ ସଫ୍ଟ ସ୍କିଲ୍ସ ଏବଂ ବ୍ୟକ୍ତିତ୍ୱ ବିକାଶ ଭଳି ବ୍ୟାପକ ତାଲିମ ପ୍ରଦାନ କରାଯାଇଥିଲା। ଏହି ଯୁବତୀମାନେ କେବଳ ଏକ ଜୀବିକା ଦକ୍ଷତା ଅର୍ଜନ କରୁନାହାନ୍ତି ସେମାନେ ଚିରାଚରିତ ଧାରା ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି ଏବଂ ଅନେକଙ୍କୁ ଅନୁସରଣ କରିବାକୁ ପ୍ରେରଣା ଦେଉଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ପଦକ୍ଷେପ ଆଦିବାସୀ ମହିଳାମାନଙ୍କ ପାଇଁ ଧୀରେ ଧୀରେ ଦ୍ୱାର ଖୋଲୁଛି। ୨୭ ଜଣ ଯୁବତୀଙ୍କର ଏକ ଦଳ ପ୍ରଥମେ ଲଘୁ ମୋଟର ଯାନ ଚାଳନା ପ୍ରଶିକ୍ଷଣ ନେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଦୀପା ଏବଂ ସସ୍ମିତାଙ୍କ ସମେତ ୧୦ ଜଣ ବର୍ତ୍ତମାନ ଏଚଏମ୍ଭି ଚାଳକ ଭାବରେ ଯୋଗ୍ୟତା ଅର୍ଜନ କରିଛନ୍ତି। ନିଜ ସମୁଦାୟ ପାଇଁ ଏହି ଯୁବତୀମାନଙ୍କର ରୋଜଗାର ଏକ ଲାଇସେନ୍ସଠାରୁ ଅଧିକ ହୋଇଥିବା ବେଳେ ତାହା ପାଲଟିଛି ମର୍ଯ୍ୟାଦା, ସ୍ୱାଧୀନତା ଏବଂ ପ୍ରତିବନ୍ଧକ ଦୂର କରିବାର ପ୍ରତୀକ।

# ଆସନ୍ତା ୨୪ରେ ବଡ ସରକାର ବାବାଙ୍କ ବାର୍ଷିକ ଫାତେହା

ଭଦ୍ରକ,(ସବ୍ୟୁ):ଭଦ୍ରକ ବାଇପାସ ରୋଡ ସ୍ଥିତ ସରକାର ନଗର ଖାନକାହା ପରିସରରେ ଗୁଲଶନେ ଗୌସପାକ ଟ୍ରଷ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଟ୍ରଷ୍ଟର ସଭାପତି ହାଜି ଓ ହାଫିଜ ଶେଖ ମହମ୍ମଦ ଇସହାକଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଶେଖ ଅତା ମୋହିଉଦ୍ଦିନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସିଦ୍ଧାନ୍ତ ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ସୁଫି ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ ସରକାର ବାବା (ର.ଅ)ଙ୍କ ୧୧ତମ ଫାତେହା ଉତ୍ସବ ଚଳିତ ସେପଟ୍ମେର ୨୪ତାରିଖ ବୁଧବାର ଦିନ ବହୁ ଆଡମ୍ବର ଓ ଶାନ୍ତିଶୃଙ୍ଖଳା ସହିତ ପାଳନ କରାଯିବ । ବୈଠକ ନିଷ୍ପତ୍ତି ଅନୁଯାୟୀ ଉକ୍ତ ଉତ୍ସବ ପୂର୍ବଦିନ ତଥା ସେପଟ୍ମେର ୨୩ତାରିଖ (ମଙ୍ଗଳବାର ) ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଖାନକାହା କମିଟି ଠାରେ ଫାତେହା ଉତ୍ସବ ପାଇଁ ଫଳ ସାମଗ୍ରୀ ପହଂଚାଇ ଦେବେ ଓ ଅର୍ଦ୍ଧରାତ୍ରିରୁ ବାବାଙ୍କ ଗୋସାଲଖନୀ (ସ୍ନାନ) ଆରମ୍ଭ ହେବ ଏବଂ ୨୪ତାରିଖ ବୁଧବାର ସକାଳ ନମାଜ ପାଠ ପରେ କୁରାନ ପାଠ,ମିଲାଦ ଶରିଫ ଓ ଫାତେହାର ଆୟୋଜନ କରାଯିବ ଓ ଫାତେହା ସରିଲା ଭକ୍ତଙ୍କୁ ପ୍ରସାଦ(ଶିରିଣି)ବଣ୍ଟନ କରାଯିବ ଓ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତମାନେ ବୁଧବାର ସକାଳରୁ ବାବାଙ୍କ ସମାଧି ଠାରେ ଚାଦର ଚଢ଼ାଇ ଦର୍ଶନ କରିପାରିବେ ।ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ସମସ୍ତ ସଭ୍ୟ ଯୋଗଦାନ କରିଥିଲେ। ଶାନ୍ତିଶୃଙ୍ଖଳା ସହିତ ଫାତେହା ଉତ୍ସବକୁ ପାଳନ କରିବାକୁ ଟ୍ରଷ୍ଟର ସମ୍ପାଦକ ଶେଖ ଅତା ମୋହିଉଦ୍ଦିନ ସମସ୍ତଙ୍କୁ ନିବେଦନ କରିଛନ୍ତି। ସେହିପରି କାଦରୀ ବୀରାଦରାନ କମିଟିର ପ୍ରସ୍ତୁତି ବୈଠକ ଖାନକାହା ପରିସର ବାହାରେ ଗୁଲଶନେ ନସିମ ପରିସରରେ ସଭାପତି ଜାୱେଦ ଅଖତରଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଶେଖ ଜାଫରଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା। ସଭା ଆରମ୍ଭ ହେବା ପୂର୍ବରୁ କବିମାନଙ୍କ ଦ୍ୱାରା ମିଲାଦ ସରିଫ ହୋଇଥିଲା। କମିଟିର ଆଡ଼ଭାଇ ଜର ଶେଖ ହବିବୁଲ୍ଲାଙ୍କ ବିବରଣୀ ପାଠରେ ଆଲୋଚନା ହୋଇ ସିଦ୍ଧାନ୍ତ ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ପରି ଚଳିତ ବର୍ଷ ସୁଫି ହଜରତ ବଡ଼ ସରକାର ବାବାଙ୍କ ୧୧ତମ ବାର୍ଷିକ ଉତ୍ସବରେ ଉର୍ଷେ କାଦରିଆରେ ଖାନକାହା ପରିସର ବାହାରେ ବାହାରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଚଳିତ ସେପଟ୍ମେର ୨୩ତାରିଖ ମଙ୍ଗଳବାର ସନ୍ଧ୍ୟାରେ(ଲଙ୍ଗର)ଖାଇବା ବ୍ୟବସ୍ଥା କରାଯାଇଅଛି। ସେପଟ୍ମେର ୨୪ତାରିଖ ବୁଧବାର ସନ୍ଧ୍ୟା ୭ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏକ ସର୍ବଭାରତୀୟ ଧର୍ମସଭା ଓ ମୁଶାଏରାର ଆୟୋଜନ ହେବ। ଏଥିରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଉତ୍ତରପ୍ରଦେଶ କିଛୋଛା ସରିଫରୁ ସୈୟଦ ଶାହା ଆଜମଲ ଅସରଫି ଅଲ ଜିଲାନି,ରାଜସ୍ଥାନ ଦିଶାନଗର ରୁ ସୈୟଦ ଶାହା ମହମ୍ମଦ ଅଲି କାଦରୀ, ଉତ୍ତରପ୍ରଦେଶ ମକନପୁରରୁ ସଜର ଅଲି ମଦାରୀ ମକନପୁରୀ ଏବଂ ବିଭିନ୍ନ ରାଜ୍ୟରୁ ମୌଲାନା (ପଣ୍ଡିତ), ସାଏର (କବି)ମାନେ ବିଭିନ୍ନ ରାଜ୍ୟରୁ ଆସି ଯୋଗଦାନ କରିବେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୯)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ ମୋହନମାତ୍ମନଃ ।**
**ନିଦ୍ରାଲସ୍ୟପ୍ରମାଦୋତ୍ଥଂ ତତ୍ତାମସମୁଦାହୃତମ୍ ।। ୩୯ ।।**

(ତାମସଂ ସୁଖଂ ଆହ)– ଯତ୍ ତ୍ ସୁଖଂ ଅଗ୍ରେ (ପ୍ରଥମକ୍ଷଣେ), ଅନୁବନ୍ଧେ ଚ (ପଶ୍ଚାତ୍ ଅପି) ଆତ୍ମନଃ ମୋହନଂ (ମୋହକରଂ), ନିଦ୍ରା,ସ୍ୟପ୍ରମାଦୋତ୍ଥଂ ( ନିଦ୍ରା ଚ ଆଳସ୍ୟଂ ଚ ପ୍ରମାଦଃ କର୍ତ୍ତବ୍ୟାବଧାନରାହିତ୍ୟେନ ମନୋଜାଡ୍ୟ ଚ–ଏତେଭ୍ୟଃ ସମୁତ୍ପନ୍ନଂ) ତତ୍ (ସୁଖଂ) ତାମସଂ ଉଦାହୃତମ୍ (କଥିତଂ) ।। ୩୯ ।।

# କଳୁଷିତ ରାଜନୀତି, ଦୋଷ ଦେବା କାହାକୁ ?

ପ୍ରାୟ ୭୮ ବର୍ଷ ତଳେ ଭାରତ ଦ୍ୱିଖଣ୍ଡିତ ହୋଇ ଭାରତ ଓ ପାକିସ୍ତାନ ଏହି ପରି ଦୁଇଗୋଟି ରାଷ୍ଟ୍ରରେ ପରିଣତ ହୋଇଥିଲା । ପାକିସ୍ତାନରେ ଗଣତନ୍ତ୍ର ଭୁଷୁଡି ପଡ଼ିଥିବା ବେଳେ ଭାରତରେ ସେପରି ଅବସ୍ଥା ହୋଇ ନାହିଁ । ସାଧାରଣତନ୍ତ୍ରର ୭୫ ବର୍ଷରେ ଭାରତର ଗଣତନ୍ତ୍ର ହୁଏତ ବହୁ ବାଧାବିଘ୍ନକୁ ଅତିକ୍ରମ କରିଛି । ମାତ୍ର ଭୁଷୁଡ଼ିବା ପରି ଅବସ୍ଥାକୁ ଆସି ନାହିଁ । ପଚାଶ ବର୍ଷ ତଳେ ଦେଶରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଜରୁରୀକାଳୀନ ଅବସ୍ଥା ଜାରି କରିଥିଲେ । ତାହାର ସୁଫଳ ମିଳି ନଥିଲା । ଦେଶବାସୀ ସେପରି ଅବସ୍ଥାର ପ୍ରତିରୋଧ କରିଥିଲେ । ଫଳରେ ସେ ବ୍ୟବସ୍ଥାର ପରିବର୍ତ୍ତନ ସମ୍ଭବ ହେଲା ଓ ଭାରତରେ ଅଣ କଂଗ୍ରେସ ଶାସନ ପ୍ରତିଷ୍ଠାର ମୂଳଦୁଆ ଏମରଜେନ୍ସି ବା ଜରୁରୀକାଳୀନ ଅବସ୍ଥା ପରେ ସମ୍ଭବ ହୋଇଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଦେଶରେ ଏମରଜେନ୍ସିକୁ ଯେଉଁ ତୁଙ୍ଗ ନେତା ଜଣକ ବିରୋଧ କରି ଅଣକଂଗ୍ରେସ ରାଜନୀତିକ ଦଳଗୁଡ଼ିକୁ ଏକାଠି କରିଥିଲେ, ସେହି ଜୟପ୍ରକାଶ ନାରାୟଣଙ୍କ ଅବଦାନକୁ ଆମ ଦେଶବାସୀ ପାଶୋରି ପକାଇଲେ । ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ୧୯୭୪ରେ 'ସମ୍ପୂର୍ଣ୍ଣ କ୍ରାନ୍ତି ବା ବିପ୍ଳବ' (Total Revolution) ସମଗ୍ର ଭାରତରେ ସେତେବେଳେ ଚହଳ ପକାଇଥିଲା । ସେହି ବିପ୍ଳବ ଛାତ୍ରମାନଙ୍କୁ ଖୁବ୍ ଆକୃଷ୍ଟ କରି ପାରିଥିଲା । ତତ୍କାଳୀନ ଛାତ୍ର ନେତା ଲାଲୁପ୍ରସାଦ ଯାଦବ ଓ ନୀତିଶ କୁମାର ସେହି ଆନ୍ଦୋଳନକୁ ସେତେବେଳେ ଜୋରଦାର କରିଥିଲେ ମଧ୍ୟ ପରିସ୍ଥିତି ବଦଳିଗଲା । ବର୍ଷ ବର୍ଷ ଧରି କଂଗ୍ରେସ ଶାସନର ଅବସାନ ସେତେବେଳେ ଘଟିଲା ଆଉ ଅଣକଂଗ୍ରେସ ସରକାର କ୍ଷମତାସୀନ ହୋଇଥିଲା । ଏମରଜେନ୍ସି ପରେ ଅଣକଂଗ୍ରେସ ସରକାର ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଭାରତରେ ପ୍ରଥମ ଥର ଲାଗି ଗଠିତ ହେଲା ସତ, କିନ୍ତୁ ଜେପିଙ୍କ 'ସମ୍ପୂର୍ଣ୍ଣ ବିପ୍ଳବ' ଆଉ ସମ୍ଭବ ହେଲା ନାହିଁ । ସୁବିଧାବାଦୀ ରାଜନୀତି ଭିତରେ ଲାଲୁପ୍ରସାଦ ଓ ନୀତିଶ କୁମାର ରହିଗଲେ ଆଉ ଜେପିଙ୍କ ନୀତି ଓ ଆଦର୍ଶକୁ ପ୍ରାୟ ଭୁଲିଗଲେ ବୋଲି ଅଭିଯୋଗ ହେଲା ।

ଆମ ଗଣତାନ୍ତ୍ରିକ ବା ସାଧାରଣତାନ୍ତ୍ରିକ ବ୍ୟବସ୍ଥାର ୭୫ ବର୍ଷ ପୂର୍ତ୍ତି ହେଲାଣି । ତଥାପି ସ୍ୱାର୍ଥତ୍ୟାଗ କରି ଲୋକଙ୍କ ହିତସାଧନ ପାଇଁ କେହି ରାଜନୀତି କରୁନାହାନ୍ତି । ଆମେ ଜାତିର ଜନକ ଗାନ୍ଧିଜୀଙ୍କୁ ଭୁଲି ଯାଇ ନାହୁଁ । ମାତ୍ର ତାଙ୍କ ନୀତି ଓ ଆଦର୍ଶକୁ ସତେ ଯେପରି ଏଡାଇ ଦେଇଛୁଁ । ସେଥିପାଇଁ ତ ଗାନ୍ଧିଜୀ ବଞ୍ଚି ରହିଛନ୍ତି କେବଳ ପ୍ରତିମୂର୍ତ୍ତି ଭିତରେ ବା ପାଠ୍ୟପୁସ୍ତକମାନଙ୍କ ପୃଷ୍ଠାରେ । ଗାନ୍ଧିଜୀ ସ୍ୱାଧୀନତା ପରେ ନିଜେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିବାକୁ ଚାହିଁ ନଥିଲେ କିମ୍ବା ଦେଶର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ପଦରେ ରହିବାକୁ ଇଚ୍ଛା କରି ନଥିଲେ । ଏପରିକି ୧୯୪୭ ଅଗଷ୍ଟ ୧୫ ତାରିଖ ସକାଳେ ଭାରତର ରାଜଧାନୀ ଦିଲ୍ଲୀରେ ସ୍ୱାଧୀନତା ଦିବସ ପାଳନ ପାଇଁ ଯେତେବେଳେ ଉତ୍ସବମୁଖର ଥିଲା, ତାହା ଉପଭୋଗ କରିବାକୁ ଗାନ୍ଧିଜୀ ଦିଲ୍ଲୀରେ ନଥିଲେ । ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଧର୍ମ ସଂପ୍ରଦାୟଙ୍କ ମଧ୍ୟରେ ଦଙ୍ଗା ଉପୁଜିବାର ଆଶଙ୍କା ଥାଏ । ଅଥଚ ଗାନ୍ଧିଜୀଙ୍କ ଉପସ୍ଥିତିରେ ସେଠାରେ ସାଂପ୍ରଦାୟିକ ଦଙ୍ଗା ହୋଇ ନଥିଲା । ସେଠାରେ ସେ ଲୋକଙ୍କ ଗହଣରେ ରହି ସେବା କାର୍ଯ୍ୟ କରିବାକୁ ଚାହିଁଥିଲେ । ମାତ୍ର ବଙ୍ଗ ଦେଶର ନୂଆଖାଲି ପ୍ରଭୃତି ଅଞ୍ଚଳରେ ହିନ୍ଦୁ–ମୁସଲମାନ ଦଙ୍ଗା ଭୟାବହ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଥିବାରୁ ଗାନ୍ଧିଜୀ ସେଠାରୁ ରେଳଗାଡ଼ିରେ ଚଢ଼ି ସେ ଆଡ଼କୁ ଯାତ୍ରା କରିଥିଲେ । ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଚାଲିଥିବା ଦଙ୍ଗା ଗାନ୍ଧିଜୀଙ୍କ ଉପସ୍ଥିତିରେ ନିର୍ବାପିତ ହୋଇଥିଲା ଅତି ଅଦ୍‌ଭୁତ ଭାବରେ ।

ଏବେ ତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦଶବର୍ଷର ଶାସନକାଳ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗାଗୋଳ କୌଣସିଠାରେ ହୋଇନାହିଁ । ଗାନ୍ଧିଜୀଙ୍କ ଅହିଂସା ନୀତିର ଅବଲମ୍ବନରେ ମୋଦିଜୀ କେବଳ ଭାରତରେ ନୁହେଁ, ଭାରତ ବାହାରେ, ବିଦେଶରେ ମଧ୍ୟ ଜଣେ ଶ୍ରେଷ୍ଠ କୂଟନୀତିଜ୍ଞ ଭାବେ ସୁନାମ ଅର୍ଜନ କରି ଭାରତର ମର୍ଯ୍ୟାଦା ବଢ଼ାଇ ପାରିଛନ୍ତି ।

ଦୁଃଖ ହେଉଛି, ଗତ ଉପରାଷ୍ଟ୍ରପତି ନିର୍ବାଚନରେ ଦେଶର ବିରୋଧୀ ଦଳମାନେ କ୍ରସ ଭୋଟିଂ ଜରିଆରେ ଶାସକ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀ ସି.ପି. ରାଧାକ୍ରିଷ୍ଣନଙ୍କୁ ଜୟଯୁକ୍ତ କରିଛନ୍ତି । ବିରୋଧୀ ଦଳର ୧୫ ଜଣ ସାଂସଦ କୁଆଡ଼େ ଏହି କ୍ରସ ଭୋଟିଂ କରିଛନ୍ତି ବୋଲି ବିଜେପି ଦଳର ସାଂସଦ ଓ ମନ୍ତ୍ରୀ କିରନ୍ ରିଜ୍ଜୁ ପ୍ରକାଶ କରିଛନ୍ତି । ବିରୋଧୀ କଂଗ୍ରେସ ଦଳର ସହଯୋଗୀ ଇଣ୍ଡିମେଣ୍ଟ ମଧ୍ୟ ବିରୋଧୀ ଦଳ ସପକ୍ଷରେ ନଥିବାରୁ, ବିରୋଧୀ ଦଳର ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀଙ୍କର ଶୋଚନୀୟ ଭାବେ ପରାଜୟ ଘଟିଲା ଓ ବିଜେପି ତଥା ଏନଡିଏ ମେଣ୍ଟର ପ୍ରାର୍ଥୀ ଶ୍ରୀ ସି.ପି. ରାଧାକ୍ରିଷ୍ଣନ ବିଜୟୀ ହୋଇ ଶପଥ ମଧ୍ୟ ଗ୍ରହଣ କରିଛନ୍ତି । ଅତୀତରେ ରାଜ୍ୟସଭା ନିର୍ବାଚନ ବେଳେ ଉଭୟ ଶାସକ ଓ ବିରୋଧୀ ଦଳ ପକ୍ଷରୁ କ୍ରସ ଭୋଟିଂ ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଥିଲେ ମଧ୍ୟ ସେଗୁଡ଼ିକ ପ୍ରମାଣ କରିବା ସମ୍ଭବ ହୋଇନଥାଏ । ଏପରି କଳୁଷିତ ରାଜନୀତିକ ପ୍ରଥାର ଅବସାନ ଘଟୁ । ଏଥିପାଇଁ ଆମେ ଦୋଷ ଦେବା କାହାକୁ ?

## ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଏକ ରାଷ୍ଟ୍ର ଏକ ନିର୍ବାଚନର ପ୍ରାସଙ୍ଗିକତା



କିଶୋର ଚନ୍ଦ୍ର ଜେନା

ଆମ ଦେଶ ଭାରତ ପୃଥିବୀରେ ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଏବଂ ଏଠାରେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ପରିଚାଳନା କରିବା ପାଇଁ ନିୟମିତ ଭାବେ ନିର୍ବାଚନ ସଂଗଠିତ ହେଉଅଛି । ଏହା ସହିତ ଆମ ସମ୍ବିଧାନର ଧାରା ୮୩ ଅନୁଯାୟୀ ବିଧାନସଭାର ଆୟୁ ୫ ବର୍ଷ ହେଉଥିବାରୁ ଲୋକସଭାର ୫ ବର୍ଷ କାର୍ଯ୍ୟକାଳ ପୂରଣ ହେବା ବେଳକୁ ମଧ୍ୟବର୍ତ୍ତୀକାଳରେ ଗଠିତ ବିଧାନସଭା ଅବଧି ପୂରଣ ହେଉନଥିବା ଦେଖାଯାଉଛି । ଏହିପରି ବର୍ଷର ବିଭିନ୍ନ ସମୟରେ କେବେ କୌଣସି ଲୋକସଭା ନିର୍ବାଚନ ତ କେବେ ଏକ ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାରେ ଲାଗିଛି ।

ନିର୍ବାଚନ ପ୍ରକ୍ରିୟା ସହିତ ବ୍ୟୟ ବରାଦ, କର୍ମଚାରୀ ନିଯୁକ୍ତି, ମଡ଼େଲ କୋଡ଼ ଅଫ୍ କଣ୍ଡକ୍ଟ, ବିଦ୍ୟାଳୟଗୁଡ଼ିକର ବିନିଯୋଗ ଆଦି ଆନୁସଙ୍ଗିକ ବ୍ୟବସ୍ଥା ସବୁ ଲାଗିରହିଛି । ପାଞ୍ଚବର୍ଷରେ ଥରେ ଏହି ସମସ୍ତ ବ୍ୟୟଭାର ବହନ କରିବା ସହିତ ସରକାର ସଦା ସର୍ବଦା ପ୍ରସ୍ତୁତ ରହିଥାଆନ୍ତି । ମାତ୍ର ବାରମ୍ବାର ନିର୍ବାଚନର ବୋଝ ବହନ କରିବା ପାଇଁ ସରକାରୀ କଳ ସହିତ ରାଜନୈତିକ ଦଳ ଏବଂ ସର୍ବୋପରି ସାଧାରଣ ଜନତା ବ୍ୟସ୍ତ ବିବ୍ରତ ହୋଇ ପଡୁଛନ୍ତି । ଲାଗ ଲାଗ ନିର୍ବାଚନ ହେବା ବିରୋଧରେ ବିଭିନ୍ନ ସମୟରେ ଜନମତ ପ୍ରକାଶ ପାଇଛି ଏବଂ ବିଭିନ୍ନ ସରକାରୀ ବିଭାଗ ମଧ୍ୟ ଏଥି ଉପରେ ମତାମତ ଦେଇଛନ୍ତି । ଏ ସବୁ ପ୍ରସଙ୍ଗକୁ ଦେଖିଲେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ 'ଏକ ରାଷ୍ଟ୍ର–ଏକ ନିର୍ବାଚନ' ଆଜି ଦେଶ ସମ୍ମୁଖରେ ଏବଂ ରାଷ୍ଟ୍ର ହିତ ପାଇଁ ପ୍ରାସଙ୍ଗିକତା ମନେ ହେଉଛି । ଦେଶରେ ବିଭିନ୍ନ ସରକାରୀ ସଂସ୍ଥାର ମତାମତକୁ ନିମ୍ନରେ ଆଲୋଚନାର ପରିଧିକୁ ନିଆଯାଇପାରେ । **ଭାରତ ସରକାରଙ୍କ ଲ' କମିଶନ ତରଫରୁ ଏ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି ଏବଂ ଏକକ ନର୍ବାଚନ କରାଯିବା ପାଇଁ ଭାରତ ସରକାରଙ୍କୁ ପରାମର୍ଶ ଦିଆଯାଇଛି । ସମ୍ବିଧାନ ସମୀକ୍ଷା କମିଶନ ରିପୋର୍ଟ– ୨୦୨୨ ମସିହାରେ ସମ୍ବିଧାନର ସମୀକ୍ଷା କରିବା ପାଇଁ ଭାରତ ସରକାର ଗୋଟିଏ କମିଶନ ଗଠନ କରିଥିଲେ ଏବଂ ଏହି କମିଟି ନିଜ ରିପୋର୍ଟରେ ଏକକ ନିର୍ବାଚନ ସପକ୍ଷରେ ମତ ପ୍ରଦାନ କରି ସରକାରଙ୍କୁ ଜଣାଇଥିଲେ । ଆଇନ ଓ ନ୍ୟାୟ ବିଭାଗର ଷ୍ଟାଡିଙ୍ଗ କମିଟି ରିପୋର୍ଟ–କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ବିଭାଗ ଷ୍ଟାଣ୍ଡିଙ୍ଗ କମିଟି ଏକକ ନିର୍ବାଚନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି ଏହାର ରିପୋର୍ଟ ପ୍ରଦାନ କରିଛନ୍ତି । ୧୯୮୩ ମସିହାରେ କମିଶନଙ୍କ ରିପୋର୍ଟରେ ଦିଆଯାଇଥିବା ପ୍ରସ୍ତାବକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ଗ୍ରହଣ କରିନେଇଥିଲେ, ମାତ୍ର ଲାଗୁ କରିପାରି ନଥିଲେ ।** ଦେଶର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସଭାପତିତ୍ୱରେ ଗୋଟିଏ ଉଚ୍ଚସ୍ତରୀୟ କମିଟି ୨୦୨୩ରେ ଗଠନ କରାଯାଇଥିଲା ଏବଂ ଏହି କମିଟି ନିଜର ରିପୋର୍ଟ ଦାଖଲ କରି ଏକକ ନିର୍ବାଚନ ସପକ୍ଷରେ ମତ ପ୍ରଦାନ କରିଛନ୍ତି । ଏହି କମିଟି ଦେଶରେ ସମସ୍ତ ରାଜନୈତିକ ଦଳ (୪୭ଟି ଦଳ) ସହିତ ଏ ପ୍ରସଙ୍ଗରେ ଆଲୋଚନା କରିଥିଲେ ଏବଂ ତା'ଭିତରୁ ୩୨ଟି ଦଳ ପ୍ରସ୍ତାବ ସପକ୍ଷରେ ମତ ପ୍ରଦାନ କରିଛନ୍ତି । ସେହିପରି ଦେଶର ସାଧାରଣ ଜନତା ତଥା ବିଭିନ୍ନ ଅନୁଷ୍ଠାନଙ୍କ ନିକଟରୁ ଏ ପ୍ରସଙ୍ଗରେ ମତାମତ ସଂଗ୍ରହ କରାଯାଇଥିଲା। ମୋଟ ୨୧,୫୫୮ଟି ମତାମତ ମିଳିଥିଲା ଏବଂ ତା'ଭିତରୁ ୮୦ ପ୍ରତିଶତ ମତ ଏକକ ନିର୍ବାଚନ ସପକ୍ଷରେ ଆସିଥିଲା ।

**ଏକକ ନର୍ବାଚନର ବିରୋଧାଭାଷ**

ବିନ୍ଦୁଗୁଡ଼ିକ ହେଲା–ତିନୋଟି ବିନ୍ଦୁରେ ଏକକ ନିର୍ବାଚନକୁ ବିରୋଧ କରାଯାଉଥିବା ଦେଖାଯାଉଛି । ଏହା ସମ୍ବିଧାନ ମୂଳ ସିଦ୍ଧାନ୍ତ (ବେସିକ୍ ଷ୍ଟ୍ରକଚର)ର ବରୋଧୀ, ଏହା ଆଞ୍ଚଳିକ ଦଳମାନଙ୍କର ଶକ୍ତି ହ୍ରାସ କରିବ ଏବଂ ଜାତୀୟ ଦଳମାନଙ୍କୁ ଶକ୍ତିଶାଳୀ କରିବ । ଏହା ଗଣତନ୍ତ୍ରର ପରିପନ୍ଥୀ ଏବଂ ସଂଘୀୟ (ଫେଡେରାଲିଜମ୍) ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି ।

ଏକକ ନିର୍ବାଚନ ସପକ୍ଷରେ ଆସିଥିବା ବିଭିନ୍ନ ବିନ୍ଦୁମାନଙ୍କୁ ସଂକଳିତ କରିବା ସମୟରେ ନିର୍ବାଚନ କମିଟି ଦ୍ୱାରା ୧୯୮୩ ମସିହାରେ ପାରିତ ରିପୋର୍ଟଟି ବେଶ ପ୍ରଣିଧାନଯୋଗ୍ୟ । ସପକ୍ଷବାଦୀ ବିନ୍ଦୁଗୁଡ଼ିକ ହେଲା ସମଗ୍ର ଦେଶରେ ଅନୁଷ୍ଠିତ ନିର୍ବାଚନ ମହାପର୍ବ ପାଇଁ ହେଉଥିବା ବହୁ ପରିମାଣର ଖର୍ଚ୍ଚ ବନ୍ଦ ହେବ । ସରକାରୀ ଖର୍ଚ୍ଚ, ରାଜନୈତିକ ଦଳ ତଥା ପ୍ରାର୍ଥୀମାନଙ୍କର ଖର୍ଚ୍ଚ ଅନେକ ପରିମାଣରେ କମିଯିବ । ଏହି ଖର୍ଚ୍ଚ ୫ ବର୍ଷରେ ଥରେ ହେବ ଯାହା ବର୍ତ୍ତମାନ ବର୍ଷକୁ ହାରାହାରି ୪ ଥର ହେଉଥିବା ଦେଖାଯାଉଛି । ଗତ ସାଧାରଣ ନିର୍ବାଚନରେ ମୋଟ ଖର୍ଚ୍ଚ ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବା ଜଣାଯାଏ ।

ଭୋଟର ତାଲିକା ପ୍ରସ୍ତୁତି ପାଇଁ ଖର୍ଚ୍ଚ ପାଞ୍ଚବର୍ଷରେ ଥରେ ହେବ ଯାହାକି ବର୍ତ୍ତମାନ ଅତି କମ୍‌ରେ ଦୁଇଥର ହେଉଅଛି । ନିର୍ବାଚନ ପରିଚାଳନା ପାଇଁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀ ଏବଂ ତଦନୁସାରେ ପୋଲିସ ବାହିନୀ ବିନିଯୋଗ ହୋଇଥାଆନ୍ତି । ଏହାଫଳରେ ଏହି କର୍ମଚାରୀମାନଙ୍କ ଦ୍ୱାରା ସମ୍ପାଦିତ ଦୈନନ୍ଦିନ କାର୍ଯ୍ୟସବୁ ସେହି ସମୟ ପାଇଁ ବ୍ୟାହତ ହୋଇଥାଏ । ନିର୍ବାଚନ ସମୟରେ 'ମଡ଼େଲ କୋଡ୍ ଅଫ୍ କଣ୍ଡକ୍ଟ' ଲାଗୁହେବା ଫଳରେ ଏବଂ ମନ୍ତ୍ରିମଣ୍ଡଳ ଭିତରେ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ସରକାରୀ କଳ କୌଣସି ଗରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ପଛଘୁଞ୍ଚା ଦେଇଥାଆନ୍ତି । ଏହି ସମୟରେ ଦଳ ଏକପ୍ରକାର ନିଷ୍କ୍ରିୟ ପାଲଟିଯାଏ । ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ କିଛି ଅଧିକାରୀମାନଙ୍କୁ ସ୍ଥାନାନ୍ତରିତ କରାଯାଇଥାଏ । ଏହା ସହିତ ସରକାରୀ କଳର ସୁପରିଚାଳନା ପାଇଁ କିଛି ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ୟ ସ୍ଥାନାନ୍ତରଣ କରାଯିବାର ଆବଶ୍ୟକ ପଡ଼ିଥାଏ । ମାତ୍ର ସରକାରୀ କଳ ନିର୍ବାଚନ ସମୟରେ ନୀରବଦ୍ରଷ୍ଟା ହୋଇ ରହିଥାଏ ।

ଏ ସମ୍ପର୍କରେ ଗୋଟି ଗୋଟି କରି ତର୍ଜମା କଲେ ନିମ୍ନଲିଖିତ ତଥ୍ୟସବୁ ସାମନାକୁ ଆସିଥାଏ । ସମ୍ବିଧାନ ପ୍ରଣେତାମାନେ ଏକକ ନିର୍ବାଚନକୁ ଆଖି ଆଗରେ ରଖି ଉଭୟ ଲୋକସଭା ଏବଂ ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ ରଖିଥିଲେ (ଧାରା–୮୩ ଏବଂ ଧାରା–୧୭୨) ଯାହାଫଳରେ ଉଭୟ ସଭାର କାର୍ଯ୍ୟକାଳ ଏକ ସଙ୍ଗରେ ପୂରଣ ହେବ ଏବଂ ନୂତନ ସଦସ୍ୟ ନିର୍ବାଚନ କାର୍ଯ୍ୟ ଏକ ସଙ୍ଗରେ ହୋଇପାରିବ । ସମ୍ବିଧାନର ଆବଶ୍ୟକ ସଂଶୋଧନ (ଧାରା–୮୩ ଏବଂ ଧାରା–୧୭୨)କୁ ସଂଶୋଧନ କରାଯାଇ ପୂର୍ବ ବିଧିବ୍ୟବସ୍ଥାକୁ ଫେରାଇ ଆଣିବା ପାଇଁ ଦେଶର ପାର୍ଲାମେଣ୍ଟ ହାତରେ କ୍ଷମତା ରହିଛି । ଦ୍ୱିତୀୟରେ ଆଞ୍ଚଳିକ ଦଳମାନଙ୍କର ମନରେ ଥିବା ଆଶଙ୍କା ପଛରେ କୌଣସି କାରଣ ନାହିଁ । ବରଂ ଓଡ଼ିଶା, ଆନ୍ଧ୍ରପ୍ରଦେଶ ପରି ରାଜ୍ୟରେ ଏକ ସଙ୍ଗରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେଉଥିବା ବେଳେ ଅନେକବାର ଆଞ୍ଚଳିକ ଦଳମାନେ ସଂଖ୍ୟାଗରିଷ୍ଠତା ହାସଲ କରୁଥିବା ଦେଖାଯାଉଛି । ଓଡ଼ିଶାରେ ବିଜୁ ଜନତା ଦଳ ଏବଂ ଆନ୍ଧ୍ରରେ ୱାଇ.ଏସ୍.ଆର କଂଗ୍ରେସ ପାର୍ଟି ବିରୋଧରେ ଥିଲେ ସୁଦ୍ଧା ଜୟଯୁକ୍ତ ହୋଇଥିବାର ଉଦାହରଣ ରହିଛି । ଦ୍ୱିତୀୟରେ ଏକକ ନିର୍ବାଚନ ପରିଚାଳନା ଦାୟିତ୍ୱ ନିର୍ବାଚନ କମିଶନଙ୍କ ଉପରେ ନ୍ୟସ୍ତ ଅଛି ଏବଂ ଏହା ଭବିଷ୍ୟତରେ ରହିବ । ବିଧାନସଭା ନିର୍ବାଚନ ଲୋକସଭା ସହିତ ଏକ ସମୟରେ କରାଯାଇ ବିଧାନସଭା ଗଠନ କରାଗଲେ, ରାଜ୍ୟମାନଙ୍କର କ୍ଷମତା ସଙ୍କୁଚିତ ହେବାର ନାହିଁ ଏବଂ ରାଜ୍ୟ ପ୍ରସଙ୍ଗରେ କେନ୍ଦ୍ରର ହସ୍ତକ୍ଷେପ କରିବା ପ୍ରଶ୍ନ ଉଠୁନାହିଁ ।

ଏକ ରାଷ୍ଟ୍ର–ଏକ ନିର୍ବାଚନ ପାଇଁ ବିପକ୍ଷବାଦ ଏବଂ ସପକ୍ଷବାଦ ବିନ୍ଦୁ ସମୂହକୁ ଆଲୋଚନା ଓ ପର୍ଯ୍ୟାଲୋଚନା କଲେ, ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏକ ରାଷ୍ଟ୍ର–ଏକ ନିର୍ବାଚନ ଦେଶ ପାଇଁ ଅତ୍ୟନ୍ତ ଜରୁରୀ ଏବଂ ଦେଶହିତ ଏବଂ ରାଷ୍ଟ୍ରହିତକୁ ଅଧିକ ରୁଦ୍ଧିମନ୍ତ, ଦିପ୍ତୀମନ୍ତ ଓ ପ୍ରାଣବନ୍ତ କରିବାରେ ଅଧିକ ସହାୟକ ହେବ ଏଥିରେ କୌଣସି ଦ୍ୱିମତର ଅବକାଶ ନାହିଁ ।

**(ଉପାସନା) ଜଗନ୍ନାଥ ନଗର, ଭୁବନେଶ୍ୱର,ମୋ–୯୪୩୭୦୪୧୩୦୦**

**ଦେଶର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସଭାପତିତ୍ୱରେ ଗୋଟିଏ ଉଚ୍ଚସ୍ତରୀୟ କମିଟି ୨୦୨୩ରେ ଗଠନ କରାଯାଇଥିଲା ଏବଂ ଏହି କମିଟି ନିଜର ରିପୋର୍ଟ ଦାଖଲ କରି ଏକକ ନିର୍ବାଚନ ସପକ୍ଷରେ ମତ ପ୍ରଦାନ କରିଛନ୍ତି । ଏହି କମିଟି ଦେଶରେ ସମସ୍ତ ରାଜନୈତିକ ଦଳ (୪୭ଟି ଦଳ) ସହିତ ଏ ପ୍ରସଙ୍ଗରେ ଆଲୋଚନା କରିଥିଲେ ଏବଂ ତା'ଭିତରୁ ୩୨ଟି ଦଳ ପ୍ରସ୍ତାବ ସପକ୍ଷରେ ମତ ପ୍ରଦାନ କରିଛନ୍ତି । ସେହିପରି ଦେଶର ସାଧାରଣ ଜନତା ତଥା ବିଭିନ୍ନ ଅନୁଷ୍ଠାନଙ୍କ ନିକଟରୁ ଏ ପ୍ରସଙ୍ଗରେ ମତାମତ ସଂଗ୍ରହ କରାଯାଇଥିଲା । ମୋଟ ୨୧,୫୫୮ଟି ମତାମତ ମିଳିଥିଲା ଏବଂ ତା'ଭିତରୁ ୮୦ ପ୍ରତିଶତ ମତ ଏକକ ନିର୍ବାଚନ ସପକ୍ଷରେ ଆସିଥିଲା ।**

# ପାଦରୁ ଜାଣିହେବ ସ୍ୱାସ୍ଥ୍ୟ ସମସ୍ୟା !



ଡାକ୍ତର ଗୁରୁପଦ ମିଶ୍ର

ଆପଣଙ୍କ ଶରୀର ଗଠନରେ ପାଦର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଏମିତିରେ କହିବାକୁଗଲେ ଆମ ଓଡ଼ିଆରେ ଏକ ପ୍ରାଚୀନ ଲୋକ କଥା ଅଛି ତାହା ହେଉଛି – 'ଜଣଙ୍କ ପାଦରୁ ତାଙ୍କ ବ୍ୟକ୍ତିତ୍ୱ ଓ ପରିଚୟ ଜାଣିହୁଏ'। ଆମ୍ଭମାନଙ୍କ ଭିତରୁ ଅନେକେ ପାଦର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣି ନଥାନ୍ତି, ସେ ସମ୍ପର୍କରେ ଏକ ଛୋଟିଆ ଆଲୋଚନା ଏଠାରେ ରଖୁଛୁ ।

ଯଦି ଆପଣଙ୍କ ପାଦର ବୁଢ଼ା ଅଙ୍ଗୁଳି ସବୁବେଳେ ଥଣ୍ଡା ରହୁଥାଏ, ଏହାର ଏକ କାରଣ ହୋଇପାରେ ଖରାପ ରକ୍ତ ସଞ୍ଚାଳନ । ଧୂମପାନ, ଉଚ୍ଚରକ୍ତଚାପ, ହୃଦ୍ ସମ୍ବନ୍ଧୀୟ ରୋଗ ଯୋଗୁ ବି ଏହା ହୋଇପାରେ । ମଧୁମେହ ନିୟନ୍ତ୍ରଣ ବାହାରକୁ ଚାଲିଗଲେ, ପାଦର ସ୍ନାୟୁ ଖରାପ ହୋଇଯାଏ । ହାଇପୋଥାଇରଏଡିଜମ୍ ଏବଂ ଏନିମିଆ ମଧ୍ୟ ଏହାର କାରଣ । ତେବେ ପାଦ ଥଣ୍ଡା ହେବାର କାରଣ ଏସବୁରୁ କିଛି ନା କେବଳ କୋଲ୍ଡ଼ ଫିଟ ସମସ୍ୟା ଏହା ଡାକ୍ତର ହିଁ ଚିହ୍ନଟ କରିପାରିବେ । ସେହିପରି ଯଦି ବହୁତ ସମୟ ପର୍ଯ୍ୟନ୍ତ କାମ କରିବା ପରେ ଆପଣ ଘରେ ପହଞ୍ଚୁଛନ୍ତି ଏବଂ ପାଦରେ ଯନ୍ତ୍ରଣା ହେଉଛି, ତେବେ ଏହାକୁ ଜୋତାର ଖରାପ ଫିଟିଂ ବୋଲି ଭାବି ପାରନ୍ତି । ହେଲେ ହାଇହିଲ୍ ଯୋଗୁଁ ଯନ୍ତ୍ରଣା ହେଉନଥିଲେ ଏହା ଷ୍ଟ୍ରେସ୍ ଫ୍ରାକ୍ଚର, ହାଡ଼ରେ ହାଲ୍‌କା କ୍ରାକ୍ ବା ଫାଟ ଯୋଗୁଁ ବି ହୋଇପାରେ । ଯଦି ମାତ୍ରାଧିକ ଏକ୍ସରସାଇଜ କରୁଥିବେ ବା ଅଧିକ ବାସ୍କେଟବଲ, ଦୌଡ଼ିବା ପରି ପରିଶ୍ରମର ଖେଳ ଖେଳୁଥିବେ – ଏହା ମଧ୍ୟ ପାଦ ଯନ୍ତ୍ରଣାର କାରଣ ହୋଇପାରେ । ଅଷ୍ଟିଓପୋରୋସିସ୍ ବା ଅସ୍ଥି ସୁଶୀରତା ରୋଗ ତଥା ଦୁର୍ବଳ ହାଡ଼ କାରଣରୁ ବି ପାଦ ଯନ୍ତ୍ରଣା ହୋଇପାରେ ।

ଅନେକ ହୁଏତ ଜାଣିନଥାନ୍ତି ରେନଡ଼୍‌ସ ରୋଗରେ ପ୍ରଥମେ ପାଦର ବୁଢ଼ାଆଙ୍ଗୁଳି ଧଳା ହୋଇଯାଏ, ତା ପରେ ନୀଳ ଏବଂ ପରେ ଗାଢ଼ ଲାଲ ରଙ୍ଗର ହୋଇଯାଏ । ଏହାପରେ ପୁଣି ସାଧାରଣ ଦିଶେ । ହଠାତ ଧମନୀ ସଙ୍କୁଚିତ ହେବା କାରଣରୁ ଏହା ହୋଇଥାଏ, ଯାହାକୁ ଭେସୋପାଜ୍‌ମ ବୋଲି କହନ୍ତି । ଟେନ୍‌ସନ ବା ହଠାତ୍ ତାପମାତ୍ରାରେ ପରିବର୍ତ୍ତନ କାରଣରୁ ଭେସୋପାଜମ୍ ପରି ସ୍ଥିତି ସୃଷ୍ଟି ହୋଇପାରେ । ଫଳରେ ସ୍ୱାସ୍ଥ୍ୟ ସମ୍ପର୍କିତ ଏକାଧିକ ସମସ୍ୟା ଦେଖାଯାଏ । ଅନେକ କ୍ଷେତ୍ରରେ ର୍ୟୁମାଟଏଡ଼ ଆର୍ଥ୍ରାଇଟିସ୍, ଥାଇରଏଡ଼ ପରି ସମସ୍ୟା ଯୋଗୁଁ ବି ରେନ୍‌ଡସ ସୃଷ୍ଟି ହୋଇପାରେ । ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ଜଣାପଡ଼େ, କ୍ଲମ୍ବିଙ୍ଗରେ ବୁଢ଼ାଆଙ୍ଗୁଳିର ଆକାର ବଦଳେ ଏବଂ ଅନେକଥର ଅଙ୍ଗୁଳି ଉପରେ ପ୍ରଭାବ ବି ପଡ଼ିଥାଏ । ନଖ ଉପର ଦିଗରେ ଅଧିକ ଗୋଲାକାର ଏବଂ ତଳପଟକୁ ମୋଡ଼ି ହୋଇଥିବା ପରି ରହେ । ଏହା ଫୁସ୍‌ଫୁସ, ହୃଦ୍ ସମ୍ବନ୍ଧୀୟ କିମ୍ବା ଯକୃତ, ପାଚନତନ୍ତ୍ର ସମସ୍ୟାର ମୁଖ୍ୟ ଲକ୍ଷଣ ହୋଇପାରେ । ବିନା ସମସ୍ୟାରେ ବି ବଂଶଗତ କାରଣରୁ ଏପରି ନଖ ଦେଖାଯାଇଥାଏ ।


ଆମମାନଙ୍କ ଭିତରୁ ଅନେକଙ୍କୁ ଏହା ଅଜଣା ଯେ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହିବା କିମ୍ବା ବସ୍ ବା ଫ୍ଲାଇଟ୍‌ରେ ଦୀର୍ଘ ଯାତ୍ରା କାରଣରୁ ପାଦ ଫୁଲିଥାଏ । ବିଶେଷକରି ଗର୍ଭବତୀମାନଙ୍କ କ୍ଷେତ୍ରରେ ଏହା ଦେଖାଯାଏ । ଏହା ବ୍ୟତୀତ କିଡ଼୍‌ନୀ ସମସ୍ୟା କିମ୍ବା ଅଣ୍ଡରଆକ୍ଟିଭ ଥାଇରଏଡ୍ କାରଣରୁ ବି ପାଦଫୁଲା ହୋଇପାରେ । ବାରମ୍ବାର ଏପରି ହେଲେ ଡାକ୍ତରଙ୍କ ପରାମର୍ଶ ତୁରନ୍ତ ନିଅନ୍ତୁ । ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନାଟି ହେଉଛି, ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଫେରିଫେରାଲ ନର୍ଭ ଡ୍ୟାମେଜ୍ ସମସ୍ୟା ହେଲେ ପାଦରେ ପୋଡ଼ାଜଳା ଏକ ସାଧାରଣ ଲକ୍ଷଣ । ନଚେତ୍ ଭିଟାମିନ ବି ଅଭାବ, ଆଥଲେଟିକ୍ ଫୁଟ୍‌ସ, କ୍ରନିକ କିଡ଼ନୀ ରୋଗ, ପାଦ ତଥା ତଳିପାଦରେ ରକ୍ତସଞ୍ଚାଳନରେ ସମସ୍ୟା ମଧ୍ୟ ଏହାର କାରଣ ହୋଇପାରେ ।

ଅନେକ ଏହାକୁ ହାଲକା ଭାବେ ଗ୍ରହଣ କରନ୍ତି କିନ୍ତୁ ଅସଲ କଥାଟି ହେଉଛି ପାଦର ବୁଢ଼ା ଆଙ୍ଗୁଳି ଗଣ୍ଠିରେ ହଠାତ୍ ହୋଇଥିବା ଯନ୍ତ୍ରଣା ଗାଉଟ୍‌ର କାରଣ ହୋଇପାରେ । ଯନ୍ତ୍ରଣା ସହିତ ଲାଲ୍ ପଡ଼ିବା ଏବଂ ଫୁଲା ବି ହୋଇଥାଏ । ଅଷ୍ଟିଓଆର୍ଥ୍ରାଇଟିସ୍ ଏପରି ସମସ୍ୟାର ମୂଳ ହୋଇପାରେ । ସେହିପରି ଆମମାନଙ୍କ ଭିତରୁ ଅଧିକାଂଶ ଗୋଟିଏ ଶାରୀରିକ ସମସ୍ୟା ସାମ୍ନା କରିଥାନ୍ତି ତାହା ହେଉଛି, ଅନେକ କ୍ଷେତ୍ରରେ ଆଘାତ ଲାଗିବା କିମ୍ବା ପେଟ୍ରୋଲିୟମ ଆଧାରିତ ଉତ୍ପାଦର ଅଧିକ ସଂସ୍ପର୍ଶରେ ଆସିବା ପରେ ନଖର ଆକାର ଚାମଚ ପରି ହୋଇଯାଏ । ଆଇରନ୍ ଅଭାବ ବି ଏପରି ଆକାରର କାରଣ ହୋଇପାରେ ।

ଆପଣଙ୍କର ଭଲ ଭାବେ ମନେରଖିବା ଉଚିତ ଯେ ଆମ ଶରୀରର ସମ୍ପୂର୍ଣ୍ଣ ଧାରଣ ଓ ଗଠନ କ୍ଷମତା ସହିତ ପାଦର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ତେଣୁ ପାଦକୁ ଅବହେଳା କଲେ ଏବଂ ପାଦର ସମସ୍ୟାକୁ ଅଣଦେଖା କଲେ ଅନେକଙ୍କ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଏହା ଜଟିଳ ସମସ୍ୟା ସୃଷ୍ଟି କରିଥାଏ ।

**ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

# ନିରବତାରେ ଥାଏ ଶାନ୍ତି



ଡାକ୍ତର ରାମ ପ୍ରସାଦ ରାୟ

ନିରବତାର ଶକ୍ତି ଅପାର । ଏହା ଉଭୟ ମନ ଓ ତନ ପାଇଁ ଭଲ । କେହି ଜଣେ କହିଥିଲେ ନିରବତା ମଧ୍ୟରୁ ସମସ୍ତ ସୃଷ୍ଟି । ନିରବତାର ଶୂନ୍ୟତା ମଧ୍ୟରୁ ସବୁକିଛି ଜନ୍ମ ନିଏ । ନିରବତାର ସ୍ୱର ସବୁଠାରୁ ଶକ୍ତିଶାଳୀ । ତେଣୁ ନିରବତାର ଜୟଗାନ ପାଇଁ ନିରବ ଦିବସର ସୃଷ୍ଟି । ବୌଦ୍ଧ ସନ୍ୟାସୀଙ୍କ ଦ୍ୱାରା ଅନୁପ୍ରାଣିତ ଜଣେ ମାର୍କିନ୍ ଶିଳ୍ପପତି, କିଛି ବର୍ଷ ତଳେ ସ୍ୱଦେଶରେ ସେପ୍ଟେମ୍ବର ତେରରେ ଏହି ଦିବସ ପାଳନ ଆରମ୍ଭ କରିଥିଲେ ।

ଆଜିର ମଣିଷ କୋଳାହଳପୂର୍ଣ୍ଣ ବାତାବରଣର ଶିକାର । ଏଭଳି ସ୍ଥିତିରେ ସାମଗ୍ରିକ ଶାନ୍ତି ପାଇଁ ଆସନ୍ତୁ ତୁନିରହି ପାଳନ କରିବା ଏହି ଦିବସ ।

ପରମାତ୍ମା ବା ବ୍ରହ୍ମ ହେଉଛନ୍ତି ପରମ ଶାନ୍ତ, ସମ୍ପୂର୍ଣ୍ଣ ମୌନ । ଆତ୍ମା ଶାନ୍ତ । ଶାନ୍ତି ମୌନ । ଆତ୍ମା ମୌନ । ମୌନ ହେଉଛି ବ୍ରହ୍ମଙ୍କ ଭାଷା । ମୌନ ହେଉଛି ହୃଦୟର ଭାଷା । ମୌନ ହେଉଛି ଋଷିଙ୍କର ଭାଷା । ମୌନ ହେଉଛି ଏକ ଅପାର ଶକ୍ତି । ମୌନ ଏକ ବିରାଟ ବାଗ୍ମିତା । ନିରବ ରହିବାର ବ୍ରତକୁ ମୌନ କୁହାଯାଏ । ମୌନ ନାନା ପ୍ରକାରର । କଥା କହିବାରେ ସଂଯମ ରକ୍ଷା କରିବାକୁ ବାକ୍‌ମୌନ ବୋଲାଯାଏ। ବାକ୍‌ଇନ୍ଦ୍ରିୟକୁ ନିଶ୍ଚଳ ରଖିଲେ ବାକ୍‌ମୌନ ପାଳିତ ହୁଏ ।

ବୃଥା ବାକ୍ୟାଳାପ ଓ ଅଯଥା ଆଲୋଚନାରେ ଶକ୍ତି କ୍ଷୟ ହୁଏ । କିନ୍ତୁ ସାଂସାରିକ ଲୋକେ ଏହା ହୃଦୟଙ୍ଗମ କରିପାରନ୍ତି ନାହିଁ । ମୌନ ଶକ୍ତି ସଂରକ୍ଷଣ କରେ । ସେହି ସଂରକ୍ଷିତ ଶକ୍ତି ଦ୍ୱାରା ଆପଣ ଅଧିକ ପରିମାଣରେ ମାନସିକ ତଥା ଶାରୀରିକ କାର୍ଯ୍ୟ କରିପାରିବେ । ବହୁ ପରିମାଣରେ ଧ୍ୟାନ ମଧ୍ୟ କରିପାରିବେ । ମୌନ ମସ୍ତିଷ୍କ ତଥା ସ୍ନାୟୁ–ମଣ୍ଡଳକୁ ଚମତ୍କାର ଭାବରେ ଶାନ୍ତ, ଶୀତଳ କରିଦିଏ । ମୌନବ୍ରତ ଧରିଲେ ବାକ୍‌ଶକ୍ତି ଧୀରେ ଧୀରେ ଓଜଃଶକ୍ତିରେ ବା ଆଧ୍ୟାତ୍ମିକ ଶକ୍ତିରେ ବଦଳିଯାଏ । ମୌନ ମନୋବଳ ବିକାଶ କରେ, ସଂକଳ୍ପର ବଳକୁ ସଂଯତ କରେ, ବାକ୍‌ର ଆବେଗକୁ ହ୍ରାସ କରେ ଏବଂ ମାନସିକ ଶାନ୍ତି ପ୍ରଦାନ କରେ । ମୌନ ଅବଲମ୍ବନ କଲେ, ସହନଶୀଳ ହେବାକୁ ଶକ୍ତି ମିଳେ । ମୌନର ମିଥ୍ୟ କହିବାର ସୁଯୋଗ ରହେ ନାହିଁ । ବାକ୍–ସଂଯମ କରିହୁଏ ।

ମନକୁ ନିର୍ମଳ ଓ ପବିତ୍ର ରଖି ଧ୍ୟାନ କରନ୍ତୁ । ପ୍ରଶାନ୍ତ ହୋଇ ରହନ୍ତୁ ଏବଂ ଜାଣନ୍ତୁ ଯେ, ଆପଣ ପରମାତ୍ମାଙ୍କର ଅଂଶବିଶେଷ । ମନକୁ ସ୍ଥିର କରନ୍ତୁ । ବିକ୍ଷୁବ୍ଧ ଚିନ୍ତା ଓ ଉଦ୍‌ବେଳିତ ଆବେଗକୁ ଶାନ୍ତ–ନିରବ କରିଦିଅନ୍ତୁ । ଅନ୍ତରର ଗଭୀରତମ ପ୍ରଦେଶରେ ନିମଜ୍ଜିତ ହୋଇଯାଆନ୍ତୁ ଏବଂ ମହାନ ମୌନ ଉପଭୋଗ କରନ୍ତୁ । ଅତି ରହସ୍ୟମୟ ସେହି ମୌନ । ସେହି ଅଗାଧ ମୌନ ଭିତରେ ପ୍ରବେଶ କରିଯାଆନ୍ତୁ । ସେହି ଅନନ୍ତ ମୌନକୁ ହୃଦୟଙ୍ଗମ କରନ୍ତୁ । ସ୍ୱୟଂ ସେହି ଅସୀମ ମୌନରେ ପରିଣତ ହୋଇଯାଆନ୍ତୁ । ଜଣେ ମହାମୌନୀ ହୋଇଯାଆନ୍ତୁ । ଏହି ଧୂଳିର ଧରଣୀରେ ଏହି ଜୀବଦ୍ଦଶାରେ ଭଗବତ–ସାକ୍ଷାତକାର ପ୍ରାପ୍ତ ହୁଅନ୍ତୁ ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
ମୋ–୮୨୬୦୪୦୮୮୩୬

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁଶିଳା...

ତେବେ ଏହି ଶୂନ୍ୟତାକୁ ପୂରଣ କରିବା ପାଇଁ ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କୀଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି । ନେପାଳର ଜେନ୍ ଜେଡ୍ ଗ୍ରୁପ୍ ପକ୍ଷରୁ ଏହି ଘୋଷଣା କରାଯିବା ସହ କେତେକ ସର୍ତ୍ତ ମଧ୍ୟ ରଖାଯାଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ ଆମେ ନେପାଳୀ ଗ୍ରୁପ୍ ଏକ ସିଦ୍ଧାନ୍ତରେ ପହଞ୍ଚୁଛୁ । ଗ୍ରୁପ୍‌ର ସଭାପତି ସୁଦାନ ଗୁରୁଙ୍ଗ କହିଛନ୍ତି ଯେ ବର୍ତ୍ତମାନର ସଂସଦକୁ ଭଙ୍ଗ କରିବା ଆମର ମୁଖ୍ୟ ଦାବି ରହିଛି । ନେପାଳ ରାଷ୍ଟ୍ରପତି ଖୁବ୍‌ଶୀଘ୍ର ସଂସଦକୁ ଭଙ୍ଗ କରିବେ ବୋଲି ସୂଚନା ମିଳୁଛି । ତେବେ କ୍ୟାବିନେଟ୍ ଗଠନ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି ।

## ଉପରାଷ୍ଟ୍ରପତି...

ପରେ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ ରାଜଘାଟ ଯାଇ ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସେ ମଧ୍ୟ ସେଦିବ ଅଟଳ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦିନଦୟାଲ ଉପାଧ୍ୟାୟ ମାର୍ଗରେ ଥିବା ସ୍ମାରକୀରେ ପଣ୍ଡିତ ଦିନଦୟାଳ ଉପାଧ୍ୟାୟଙ୍କୁ ଓ କିଷାନ ଘାଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ୧୯୫୭ ମେ ୪ରେ ତାମିଲନାଡୁର ତିରୁପୁରରେ ଏହାଙ୍କର ଜନ୍ମଗ୍ରହଣ କରିଥିଲେ । ଆର୍‌ଏସ୍‌ଏସ୍ ସଙ୍ଘ ସେବକ ଭାବେ ସେ କାର୍ଯ୍ୟ ଆରମ୍ଭ କରିଥିଲେ । ବାଣିଜ୍ୟ ପ୍ରଶାସନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ସାର୍ବଜନୀନ ଜୀବନରେ ପ୍ରବେଶ କରିବା ପୂର୍ବରୁ ଜଣେ ବୟନ ସାମଗ୍ରୀର ରପ୍ତାନୀକାରୀ ଭାବେ ଏକ ଦୀର୍ଘ ଓ ସଫଳ କ୍ୟାରିୟର ଥିଲା । ୧୯୯୬ରେ ଶ୍ରୀରାଧାକ୍ରିଷ୍ଣନ୍ ତାମିଲନାଡୁରେ ବିଜେପି ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୯୮ରେ କୋଏମ୍ବାଟୁରରୁ ପ୍ରଥମ ଥର ଲାଗି ଲୋକସଭାକୁ ନିର୍ବାଚିତ ହୋଇଥିଲେ ଓ ୧୯୯୯ରେ ପୁନର୍ବାର ନିର୍ବାଚିତ ହୋଇଥିଲେ । ୨୦୦୪ ରୁ ୨୦୦୭ ମଧ୍ୟରେ ତାମିଲନାଡୁର ରାଜ୍ୟ ବିଜେପି ସଭାପତି ଭାବେ ଦାୟିତ୍ୱ ନେଇଥିଲେ । ୨୦୨୩ ଫେବ୍ରୁଆରୀ ୧୮ରେ ସେ ଝାଡଖଣ୍ଡ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ । ଏହାପରେ ସେ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଲଘୁଚାପ...

ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି । ଆସନ୍ତା ଦୁଇଦିନ ଭିତରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ଏବଂ ପାଶ୍ୱବର୍ତ୍ତୀ ଦକ୍ଷିଣ ଛତିଶଗଡ଼ ଅତିକ୍ରମ କରିବ । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ାରେ ୫୮ ମିମି ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ରେ ୩୮ ମିମି, ସୋନପୁରରେ ୨୩ ମିମି, ବୌଦ୍ଧରେ ୩୮ ମିମି, ରାୟଗଡ଼ାରେ ୨୧ ମିମି ବର୍ଷା ହୋଇଛି । ସେହିପରି ଶୁକ୍ରବାର ସକାଳ ସାଢ଼େ ୮ ଟାରୁ ସନ୍ଧ୍ୟା ୫.୩୦ ମଧ୍ୟରେ ରାୟଗଡ଼ାରେ ୪୧ ମିମି, ନୟାଗଡ଼ରେ ୩୩ ମିମି, କୋରାପୁଟରେ ୨୦ ମିମି, ଝାରସୁଗୁଡ଼ାରେ ୧୮ ମିମି ବର୍ଷା ରେକର୍ଡ ହୋଇଛି ।

ଆସନ୍ତାକାଲି(ଶନିବାର) କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ଭଦ୍ରକ, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ ଓ ରାୟଗଡ଼ା ଆଦି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

## ଭିଜିଲାନ୍ସ...

ଟଙ୍କା ନଦେଲେ କାମ ହେବ ନାହିଁ ବୋଲି କହିଥିଲେ ବାମରା ତହସିଲ ଅଫିସ ବୌଦିବା ପରେ କାମ ନହେବାରୁ ଭିକି ସମ୍ବଲପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଡ୍ରାଇଭର ପି. ପ୍ରବୀଣ କୁମାର ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡି ବସିଥିଲା। ତହସିଲଦାର ଅଶ୍ୱିନୀ ପଣ୍ଡା ଓ ତାଙ୍କ ଡ୍ରାଇଭର ପ୍ରବୀଣ କୁମାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ଭିଜିଲାନ୍ସ ପକ୍ଷରୁ ତହସିଲଦାରଙ୍କ ଭୁବନେଶ୍ୱର ମେ ଫେୟାର ରୋଡ, ବାମରା ପିଡବ୍ଲୁଡି ଆଇବିରେ ରହୁଥିବା ରୁମ ଓ ତାଙ୍କ ଅଫିସରେ ଏକକାଳୀନ ଚଢଉ କରାଯାଇଛି। ଚଢଉ ବେଳେ ୪ଲକ୍ଷ ୭୩ହଜାର ଟଙ୍କା ସହ ସୁନାଗହଣା ଜବତ କରାଯାଇଛି। ଘଟଣାର ଯାଞ୍ଚ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି ପିକେ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଗିରଫ ତହସିଲଦାର ଅଶ୍ୱିନୀ ୨୦୧୯ ବ୍ୟାଚର ଓଏଏସ୍ ଟପ୍ପର ହୋଇଥିଲେ। ବାଲେଶ୍ୱର ଟିଆରଓ ଭାବେ ୩୦ଡିସେମ୍ବର, ୨୦୨୧ରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ୧ଜୁନ, ୨୦୨୩ରୁ ମୟୂରଭଞ୍ଜ ଜିଲ୍ଲା ଶାମଖୁଣ୍ଟା ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ବଦଳି ପରେ ସେ ୧ଜୁଲାଇ ୨୦୨୫ରୁ ବାମରା ତହସିଲଦାର ଭାବେ କାର୍ଯ୍ୟରତ ଥିଲ ।

## ଦିଲ୍ଲୀ...

କୌଣସି ସନ୍ଦେହଜନକ ସାମଗ୍ରୀ ପାଇନଥିଲେ । ଇ-ମେଲ୍ ଜରିଆରେ କାନିମୋଝୀ ତେବିଦ୍ୟାରେ ଏହି ମେସେଜ୍ ଆସିଥିଲା । ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ଦିଲ୍ଲୀ ହାଇକୋର୍ଟର ବିଚାରପତିମାନଙ୍କ ପ୍ରକୋଷ୍ଠକୁ ଖୁବ୍‌ଶୀଘ୍ର ଧ୍ୱଂସ କରିଦିଆଯିବ । ୧୯୯୮ରେ କୋଏମ୍ବାଟୁରରେ ହୋଇଥିବା ବିସ୍ଫୋରଣର ପୁଣି ପୁନରାବୃତ୍ତି ହେବ । ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ଧର୍ମନୀରପେକ୍ଷ ଦଳଗୁଡ଼ିକ ପରିବାର ବାଦ ରାଜନୀତିକୁ ପ୍ରୋତ୍ସାହନ ଦେଉଛନ୍ତି । ଏଥିରେ ଆହୁରି ଉଲ୍ଲେଖ କରାଯାଇଥିଲା ଯେ ଧର୍ମନୀରପେକ୍ଷ ନେତାମାନଙ୍କର ଏକ ନୂଆ ମୂଲ୍ୟାୟନ ସୃଷ୍ଟି କରାଯିବ । କି ଛି ଲୋକଙ୍କୁ ବାଦ୍ ଦିଆଯିବ । ଏହି ମେଲ୍‌ରେ ମଧ ପଠାଇଥିବା ବ୍ୟକ୍ତିଙ୍କ ନାମ, ଫୋନ୍ ନମ୍ବର ଉଲ୍ଲେଖ କରାଯାଇଥିଲା ।

## ଯବାନଙ୍କ...

ଅପରେସନ କରୁଥିବା ବେଳେ ୨ ନକ୍ସଲଙ୍କର ମୃତଦେହକୁ ଠାବ କରିବା ସହ ୩୦୩ ବନ୍ଧୁକ ସହ ବିପୁଳ ମାତ୍ରାରେ ବିସ୍ଫୋରକ ଜବତ କରିଛି ।

ପୁଲିସ ସୂଚନା ଅନୁସାରେ ଜଂଗଲରେ ଯବାନ ସର୍ଚ୍ଚ ଅପରେସନ କରୁଥିବାରୁ ସଠିକ ରିପୋର୍ଟ ଯବାନ ଫେରିବା ପରେ ହିଁ ଦିଆଯାଇପାରିବ ବୋଲି କୁହାଯାଇଛି । ଗୁରୁବାର ଏନକାଉଣ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ସମେତ ୧୦ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା । ଯାହାକି ଗରିଆବନ୍ଦ ଅଞ୍ଚଳରେ ଏହା ଦ୍ୱିତୀୟ ବଡ ଘଟଣା । ଗତ ୭ ମାସ ତଳେ ଏହି ମେନପୁର ପାହାଡରେ ହିଁ ପୁଲିସ ଏନକାଉଣ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ଚାଲପତି ନିହତ ହୋଇଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କରିଥିବା ଟାର୍ଗେଟ ପାଖେଇ ଆସୁଥିବା ବେଳେ ମାଓବାଦୀ ମଧ ମୂଳପୋଛ ହେବେ ବୋଲି କୁହାଯାଇଛି ।

## ଅର୍ଚ୍ଚନା...

ସାଙ୍ଗକୁ ସତ୍ୟବିହାରରେ ୩ ମହଲା ବିଳାସପୂର୍ଣ୍ଣ ବଙ୍ଗଳା ସାଙ୍ଗକୁ ରାଜକୀୟ ଠାଣିର ଆସବାବପତ୍ର ସେ କେଉଁଠୁ ଆଣିଲେ ବୋଲି ପୀଡିତାଙ୍କୁ ପଚାରିଥିବା ବେଳେ ସେ ତା'ର ସଠିକ୍ ଉତ୍ତର ଦେଇପାରି ନଥିଲେ । ଆୟ କେଉଁ କେଉଁ ସୂତ୍ରରେ ହେଉଛି, ଇଡି ଜାଣିବାକୁ ଚାହିଁଥିବା ବେଳେ ଅର୍ଚ୍ଚନା ବିଭ୍ରାନ୍ତିକର ତଥ୍ୟ ଦେଇଥିଲେ । ଯାହା ଫଳରେ ତାଙ୍କୁ ଗିରଫ କରାଯାଇଥିଲା । ଶୁକ୍ରବାର ଇଡି ପକ୍ଷରୁ ଘରକୁ ଆଟାଚ କରାଯିବା ସହ ଘର ସାମ୍ନାରେ ନୋଟିସ୍ ଝୁଲାଇ ଦିଆଯାଇଛି । ଇଡି ଅର୍ଚ୍ଚନାଙ୍କ ଘରେ ତାଲା ପକାଇ ତାହାକୁ ସିଲ୍ କରିଛି ।

## ପ୍ରଫୁଲ୍ଲ...

ନିଲମ୍ବିତ କରିବା ଏକ ପ୍ରହସନ । ୨୦୦୦ ମସିହାରେ ପୂର୍ବତନ ସାଂସଦ ପ୍ୟାରୀ ମୋହନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଜେଡିରୁ କାମାକ୍ଷନଗର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଘୋଷଣା କରାଯାଇଥିଲା । ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତ କରି ନିବୀନଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ସମ୍ପର୍କରେ ବିଭିନ୍ନ ସଭାସମିତିରେ ପ୍ରଚାର କରି ଦଳରକୁ ସୁଦୃଢ଼ କରିଥିଲୁ । ୨୦୨୪ ନିର୍ବାଚନରେ କିଛି ମୁଷ୍ଟିମେୟ ଲୋକ ଦଳୀୟ ଟିକେଟ ଦେଇ ନଥିବାରୁ ଦଳ ଶୋଚନୀୟ ପରାସ୍ତ ହେଲା । ଦଳର ନୀତି, ଆଦର୍ଶ ଓ ସମ୍ମାନ ମଧ ନାହିଁ । ପ୍ରତାପ ଜେନା ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ଭିତ୍ତିହୀନ । ଆଗାମୀ ଦିନରେ ସେ ସାମାଜିକ ସଙ୍ଗଠନରେ କାର୍ଯ୍ୟ କରିବେ । କେଉଁ ଦଳକୁ ଯିବେ ତାହା ସପଷ୍ଟ କରିନାହାନ୍ତି ।

# ମହାନଦୀ ପଠାରେ ଫସି ରହିଛନ୍ତି ୧୭ ଟିକିଆ ହାତୀପଲ



ବାଙ୍କୀ, (ସବ୍ୟୁ): ଗତ ଗୁରୁବାର ରାତିରେ ଆଠଗଡ଼ ସୁକାଶନ ଜଙ୍ଗଲ ରୁ ଚନ୍ଦକା ଡମପଡ଼ା ଅଭୟାରଣ୍ୟକୁ ହାତୀ ପଲ ମହାନଦୀ ପାର୍ ହୋଇ ଆସୁ ଥିବା ବେଳେ ସକାଳ ହୋଇ ଯିବାରୁ କିମ୍ବା ମହାନଦୀରେ ପାଣି ସ୍ରୋତ ଜୋର୍ ଥିବାରୁ ମହାନଦୀ ଭଗିପୁର୍ ପଠା ଠାରେ ଫସି ରହିଛନ୍ତି ୧୭ ଟିକିଆ ହାତୀ ପଲ । । ଏହି ଖବର ଗ୍ରାମବାସୀମାନଙ୍କ ଠାରୁ ପାଇ ଡମପଡ଼ା ବନ ବିଭାଗ, ଭଗିପୁର, ଓ ବାଙ୍କୀ ବନ ବିଭାଗ ପହଞ୍ଚି ପାଣିରେ ଫସି ରହି ଥିବା ହାତୀପଲଙ୍କ ଗତି ବିଧି ଉପରେ ନଜର ରଖିଛନ୍ତି ଡମପଡ଼ା ଚନ୍ଦକା ବନ ବିଭାଗ । ହାତୀ ଦେଖିବା ପାଇଁ ହେଉ କି କାଳେ ହାତୀ ପଲ ଫସଲ ନଷ୍ଟ କରିବେ ସେ ନେଇ ଚାଷୀମାନେ ସେମାନ ହାତୀ ପଲ ଉପରେ ନଜର ରଖିଛନ୍ତି । ଲୋକଙ୍କ ଗହଳି ଲାଗି ରହି ଥିବାରୁ ସେମାନେ ମହାନଦୀ ପାର ହୋଇ ଚନ୍ଦକା ଅଭୟାରଣ୍ୟକୁ ଫେରୁ ନାହାଁନ୍ତି ।ସେପଟେ ସନ୍ଧ୍ୟା ହେଲେ ଡମପଡ଼ା ଚନ୍ଦକା ଅଭୟାରଣ୍ୟ କୁ ଫେରିବେ ବୋଲି ସୁଚନା ଦେଇଛନ୍ତି ଡମପଡ଼ା ଚନ୍ଦକା ଅଭୟାରଣ୍ୟ ରେଞ୍ଜର ନିରଞ୍ଜନ ମହାପାତ୍ର, କିନ୍ତୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ହାତୀ ପଲ ମହାନଦୀ ରେ ଥିଲେ । ବିଳମ୍ବିତ ରାତିରେ ଫେରିବେ ବୋଲି ଆଶା କରା ଯାଉଛି ।


### ଦ.ପୂ. ରେଳପଥ-ଟେଣ୍ଡର

ଓପନ ଇ-ଟେଣ୍ଡର ନୋଟିସ୍ ନଂ. ଆରଏସ୍-ବାଟା-୦୮-୨୦୨୫-୨୬ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଏସ୍) / ବାଟା, ଦ.ପୂ. ରେଳପଥ ନିମ୍ନ ସୂଚିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଇ-ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ବିବରଣୀ : ଇଏଲ୍‌ଏସ୍ / ବାଟା ଠାରେ ଓଇଏମ୍ ଯଥା ମେସର୍ସ ଫେଭଲି ଟ୍ରାନ୍ସପୋର୍ଟ ରେଲ ଟେକ୍ନୋଲୋଜିଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ସିଙ୍ଗଲ ଟେଣ୍ଡର ଭିତ୍ତିରେ ଇ-୭୦ କାର୍ଡରେ ହେୟାର ପାର୍ଟସ୍‌ର ମରାମତି/ପୁନଃ ସ୍ଥାପନ (ପରିମାଣ-୧୦ ଲୋକୋ ସେଟସ୍) । ଟେଣ୍ଡର ମୂଲ୍ୟ : ଟ. ୩୬,୦୫,୪୨୪.୧୦ । ଇଏମ୍‌ଡି : ଟ. ୬୨,୧୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ଶୂନ୍ୟ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୪.୧୦.୨୦୨୫ ରିଖ ୧୨.୦୦ ଘଟିକା । ଟେଣ୍ଡର ଖୋଲା ତାରିଖ : ଟିଆରଏସ୍ / ବାଟା ଠାରେ ୦୪.୧୦.୨୦୨୫ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖିବାକୁ ମିଳିପାରିବ । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ । ଯଦି ଖୋଲା ତାରିଖ ବନ୍ଦ କିମ୍ବା ଛୁଟି ପଡେ ତେବେ ଟେଣ୍ଡର ପରବର୍ତ୍ତୀ କାର୍ଯ୍ୟ ଦିବସର ସମାନ ସମୟରେ ଖୋଲାଯିବ । (PR-622)

**PARADIP PORT AUTHOTIRY**
**HARBOUR WORKS DIVISION No.I**
**e-TENDER CALL NOTICE**
e-TCN No.CE/HWDI/ACCTS-07/25/293, dtd.10.09.2025.
Name of the work: "Construction of Concrete approach and follow up connecting road along with drainage facility and Paving to the surroundings of Weigh Bridge No.1, 2 & 4 inside Harbour area". Put to tender value: Rs.1,87,34,037.66 plus GST as applicable. Last date & time of submission of tender through online bidding is 06.10.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Sd/- Executive Engineer
Harbour Works Division No.I,
Paradip Port Authority
PPA/PR/40/2025-2026 dtd. 12.09.2025

### AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated. 12.09.2025 I, Tuni Sethy, W/o-Manguli Sethi Resident of Village Grameswar, P.O-Bolagarh, P.S-Bolagarh, Dist- Khurdha, PIN-752066 declare that I have changed my minor Son's name from Swodhin Sethi to Swadhin Sethi. Henceforth, he shall be known as Swadhin Sethi for all purposes.
Sd/- Tuni Sethy

### AFFIDAVIT

By virtue of an affidavit sworn before Executive Magistrate Narasinghpur date 09.09.2025.I Sumitra Badhei, At. Kuranjamalisahi, Po. Balijhari, Ps. Kanpur,Dist. Cuttack, Odisha, 754037. Declare that I have changed my daughter's name Sonalipriyadarshin to Sonali Priyadarshini Badhei henceforth. She shall be known as Sonali Priyadarshini Badhei for all purposes.


# ଟାଟା ଷ୍ଟିଲ୍‌ର ଯୋଡ଼ା ୱେଷ୍ଟ ମାଇନ୍ସ ଓ ଗୋପାଳପୁର ପ୍ଲାଣ୍ଟକୁ ସିଆଇଆଇ ଏସ୍‌ଏଚ୍‌ଇ ଏକ୍ସଲେନ୍ସ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ) : କେନ୍ଦୁଝର ଜିଲ୍ଲାରେ ଥିବା ଟାଟା ଷ୍ଟିଲ୍ ଯୋଡ଼ା ୱେଷ୍ଟ ଲୁହାପଥର ଓ ମାଙ୍ଗାନିଜ ଖଣି ଏବଂ ଗଞ୍ଜାମର ଗୋପାଳପୁରରେ ଥିବା ଫେରୋ ଆଲୟଜ ପ୍ଲାଣ୍ଟ (ଏଫ୍‌ଏପି)କୁ ସମ୍ମାନଜନକ ସିଆଇଆଇ ଏସ୍‌ଏଚ୍‌ଇ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି । କୋଲକାତାଠାରେ ଭାରତୀୟଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ଆୟୋଜିତ ୧୯ତମ ସୁରକ୍ଷା ସିମ୍ପୋଜିୟମ୍ ଓ ଏକ୍ସପୋଜିସନରେ ଏହି ଆୱାର୍ଡ ମିଳିଛି । ଏହି ଦୁଇଦିନିଆ ସମ୍ମିଳନୀରେସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶଜନିତ (ଏଚ୍‌ଏସ୍‌ଇ) ଉତ୍କୃଷ୍ଟତାକୁ ଆଗକୁ ବଢାଇବାକୁ ପ୍ରତିବଦ୍ଧ ଥିବା ଶିଳ୍ପସଂସ୍ଥାର ଲିଡର୍ମାନେ ଅଂଶଗ୍ରହଣ କରିଥିଲେ । ଟାଟା ଷ୍ଟିଲ୍‌ର ଫେରୋ ଆଲୟଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି) ଅଧୀନରେ ପରିଚାଳିତ ୱେଷ୍ଟ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ଏକସୁରକ୍ଷିତ ଓ ସ୍ଥାୟୀ କର୍ମକ୍ଷେତ୍ର ସୃଷ୍ଟି କରିବା ଦିଗରେ ନିରନ୍ତର ଉଦ୍ୟମ ପାଇଁ ରାଜ୍ୟ ସ୍ତରୀୟ ଓ ଆଂଚଳିକସ୍ତରୀୟ ବିଜେତା ପୁରସ୍କାର ପ୍ରଦାନ କରାଯାଇଛି ।କମ୍ପାନିର ଏଫ୍‌ଏଏମ୍‌ଡି ଡିଭିଜନର ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ ମୁଖ୍ୟ ରାଜେଶ କୁମାର ରଞ୍ଜନ ଓ ଏରିଆ ମ୍ୟାନେଜର (ସୁରକ୍ଷା) ପୁଲୁରୀ ଶଶାଙ୍କ କମ୍ପାନିତରଫରୁ ପୁରସ୍କାର ଗ୍ରହଣ କରିଥିଲେ ।

ସେହିପରି, ଏଫ୍‌ଏପି ଗୋପାଳପୁରକୁ ସୁରକ୍ଷା ନବସୃଜନ ଓ କର୍ମଚାରୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତା ପାଇଁ ବୃହତ୍ କ୍ଷେତ୍ର ନିର୍ମାଣ (୨୫୦୦ ପର୍ଯ୍ୟନ୍ତ କର୍ମଚାରୀ) ବର୍ଗରେ ରାଜ୍ୟ ସ୍ତରୀୟ ବିଜେତା ପୁରସ୍କାର ଓ ଆ*ଳିକ ସ୍ତରୀୟ ପ୍ରଥମ ରନର୍ ଅପ୍ (ଉପ ବିଜେତା) ପୁରସ୍କାର ପ୍ରଦାନ କରାଯାଇଥିଲା । ଏଫ୍‌ଏଏମ୍‌ଡିରସୁରକ୍ଷା ମୁଖ୍ୟ ଅଟ୍‌ଲା ରାମବାବୁ ଓ ଏଫ୍‌ଏପି ଗୋପାଳପୁରର ସୁରକ୍ଷା ପ୍ରବନ୍ଧକ ବଳରାମ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ । ଚଳିତ ବର୍ଷ ସୁରକ୍ଷା ସିମ୍ପୋଜିୟମ୍ ଓ ଏକ୍ସପୋଜିୟମ୍‌ର ବିଷୟବସ୍ତୁ ଥିଲା ଇନୋଭେଟ୍ ଏସ୍‌ଏଚ୍‌ଇ-ଏଲିଭେଟ୍ ୱେଲ୍‌ନେସ୍- କର୍ମଚାରୀ କଲ୍ୟାଣ ଓ ଅଭିନବସୁରକ୍ଷା ପ୍ରଥାକୁ କମ୍ପାନୀର ସ୍ଥାୟୀ ସଂଚାଳନର ଆଧାର ମାନିବା । ଏହି ସମ୍ମାନ ସୁରକ୍ଷା କ୍ଷେତ୍ରରେ ନେତୃତ୍ୱକାରୀ ଭୂମିକା, ସ୍ଥାୟୀ ଅଭିବୃଦ୍ଧି ଓ ଦୟିତ୍ୱବାନ ଖଣି କାର୍ଯ୍ୟ ପ୍ରତି ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି ।


### ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର

ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନ

**ଜାତୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ ୨୦୨୫-୨୦୨୬**

**ଜ୍ୟୋର୍ତିବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୁନିଅର ବିଜ୍ଞାନରେ**

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନଭେମ୍ବର ୨୨ ଏବଂ ୨୩, ୨୦୨୫ ରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସ ଟିଚର୍ସ (ଆଇଏପିଟି) ଦ୍ୱାରା ପରିଚାଳିତ ଅନୁରୂପ ଜାତୀୟ ମାନକ ପରୀକ୍ଷା (ଏନ୍‌ଏସ୍‌ଇଏସ୍) (ବିଜ୍ଞାନ ବିଷୟ ପାଇଁ) ରେ ଉପସ୍ଥିତ ହେବାକୁ ପଡିବ ।

ଶିକ୍ଷାଗତ ଯୋଗ୍ୟତା ହେଉଛି ୨୦୨୬ ର ଅନୁରୂପ ଅନ୍ତର୍ଜାତୀୟ ଅଲିମ୍ପିଆଡ୍ ରେ ଅଂଶଗ୍ରହଣ ପାଇଁ ପ୍ରଥମ ପଦକ୍ଷେପ ।

ନାମଲେଖା ପାଇଁ :

ଏନ୍‌ଏସ୍‌ଇଏସ୍ : https://www.iapt.org.in (ଅଗଷ୍ଟ ୨୧ – ସେପ୍ଟେମ୍ବର ୧୪, ୨୦୨୫)

ଅଧିକ ବିବରଣୀ ପାଇଁ : https://olympiads.hbcse.tifr.res.in
https://www.iapt.org.in

CBC 48143/12/0008/2526

### AFFIDAVIT

By virtue of an affidavit sworn before Executive Magistrate, Hindol, dated 12.09.2025 I, Gulabe Devi, Village-Kurunti, Po-Kusupanga, Ps-Motanga, Dist- Dhenkanal, State-Odisha, Pin-759121 declare that I have changed my name from Golap Nayak to Gulabe Devi. Henceforth I shall be known as Gulabe Devi for all purposes.
Gulabe Devi
(New Name)

C-1043

**OFFICE OF THE GENERAL MANAGER, WATCO DIVISION, BERHAMPUR**
e-mail:gmwatcobam@gmail.com / Ph No. 06802233978
Government of Odisha "e" Procurement Notice
NATIONAL COMPETITIVE BIDDING
Bid Identification No. WATCOBAM-08/2025-26 DTD. 11.09.2025

| | | |
|---|---|---|
| 1. | Name of work | Shifting of Water Supply Pump House inside the University from the Air Strip area in connection with Improvement to existing Airstrip at Rangailunda 2B category for the year 2023-24 under Deposit. |
| 2. | Estimated cost | 97.89 Lakhs (appox.) |
| 3. | Period completion | 3 (Three) months. |
| 4. | Date & Time of availability of bid document in the Portal | From 11.00 Hrs. of Dt. 15.09.2025. To 17.30 Hrs. of Dt. 02.10.2025. |
| 5. | Last date / Time for Bidding in the Portal | 17.30 Hrs. of Dt. 02.10.2025. |
| 6. | Date of opening of Tender | On Dt. 03.10.2025 at 11.00 Hrs. |
| 7. | Name and address of the Officer inviting tender: General Manager, WATCO Division, Berhampur. | |

Further details can be seen from the e-procurement Portal : https://tendersodisha.gov.in.
Sd/- General Manager,
WATCO Division, Berhampur
OIPR : 13210/11/0007/2526

### AFFIDAVIT

By virtue of an affidavit no. 3118 before the Executive Magistrate, Kujang, dated. 09.09.2025, I, Rita Rani Munda, W/o Pitar Munda, Mundapada, Madhuban, Paradip declare that I have changed my name from Rita Rani Mohapatra to Rita Rani Munda. Henceforth I shall be known as Rita Rani Munda for all purposes.

### AFFIDAVIT

By virtue of an affidavit sworn before the Executive Magistrate Bhuban on dated 1552/ 18.07.2025. I Mr Jyotiranjan Mohanty, S/o Ajay Kumar Mohanty, Address Kansargoda, PO- Baruan(B), PS- Bhuban, Dist- Dhenkanal have changed my name from Chinmay Ranjan Mohanty to Jyotiranjan Mohanty. Henceforth I shall be known as "Jyotiranjan Mohanty" for all purpose.
Jyotiranjan Mohanty


# ମଦ କାରଖାନା ଉପରେ ଅବକାରୀ ବିଭାଗର ମିଳିତ ଚଢ଼ାଉ

ବେତନଟୀ,(ସବ୍ୟୁ): ବେତନଟୀ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବୈଶିଙ୍ଗା ଥାନା ଅଧୀନ ବାମଡ଼ା ଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମିଳିତ ଭାବରେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଜବତ ପୂର୍ବକ ନଷ୍ଟ କରିଦିଆଯାଇଛି ।ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ପ୍ରତ୍ୟେକ୍ଷ ତ%୦ାବଧାନରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଉଦଳା ରେଞ୍ଜ ଇନସ୍ପେକ୍ଟର ସଞ୍ଜୟ କୁମାର କାଣ୍ଡି , ଉଦଳା ଅବକାରୀ ଥାନାଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ସଦଳବଳେ ବୈଶିଙ୍ଗା ଥାନା ଅଧୀନ ବାମଡ଼ା ଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଚଢ଼ାଉ କରାଯାଇ ୮ ହଜାର ୨୦୦ଶହ କେଜି ମହୁଲରେ ପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୬ଶହ ୨୦ଲିଟର ରନ୍ଧାମଦ ଜବ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥିସହି ଏହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ ଏବଂ ଆଲୁମିନିୟମ ଡେକଚି ଜବତ କରାଯାଇଥିଲା । ଚଢାଉ ସମୟରେ ମଦମାଫିଆମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଚମ୍ପଟ ମାରିଥିଲେ । ଏ ନେଇ ଅବକାରୀ ବିଭାଗ ତରଫରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ନେଇ ଥାନାଧିକାରୀ ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଛନ୍ତି ।


ଏକାଦଶାହ କ୍ରିୟା ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶଶିକାନ୍ତ ଶଙ୍ଖୁଆ
ଗ୍ରାମ-ଭଗବାନପୁର, ଧାମନଗର, ଭଦ୍ରକ
ଆବିର୍ଭାବ - ୧୨.୦୩.୧୯୭୭
ତିରୋଧାନ - ୦୩.୦୯.୨୦୨୫
ଭାଇ, ଆପଣଙ୍କ ଅବର୍ତ୍ତମାନରେ ଆଜକୁ ଏଗାର ଦିନ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଆପଣଙ୍କର ହତଭାଗ୍ୟ ଭାଇ ସୋମନାଥ ଶଙ୍ଖୁଆ, ସାନବାପା ପଦ୍ମନାଭ ଶଙ୍ଖୁଆ, ପୁଅ ପାର୍ଥସାରଥୀ ଶଙ୍ଖୁଆ, ସଂଗୀତା ଶଙ୍ଖୁଆ, ବନ୍ଧୁ ସ୍ୱଜନ ଏବଂ ଶଙ୍ଖୁଆ ପରିବାରବର୍ଗ ।

**ODISHA BIODIVERSITY BOARD**
Forest, Environment & Climate Change Dept., Govt. of Odisha
Regional Plant Resource Centre Campus
Ekamrakanan, Nayapalli, Bhubaneswar-751015, Tel.0674-2552006
Email: odishabiodiversityboard@gmail.com, www.odishabiodiversityboard.in
F. No. 221/ OBB/2023/9430 Date: 12.09.2025
**WALK-IN-INTERVIEW FOR SENIOR PROJECT FELLOWS & JUNIOR PROJECT FELLOWS**
Interested candidates fulfilling the eligibility criteria are invited to a **walk-in interview on 24th September 2025 at 9.00 AM** in the office of Odisha Biodiversity Board for filling up of temporary positions of **Senior Project Fellows (SPF)** and **Junior Project Fellows (JPF)** under various projects to be implemented in the Odisha Biodiversity Board. Candidates should bring with them all original certificates, biodata in prescribed format along with copies of relevant documents/certificates in support of their educational qualifications, age, research experience and other documents for verification at the time of interview. Preferences shall be given to candidates having experience in Biodiversity inventories/ field-based research or training on biodiversity documentation and skills to identify plants, animals and microorganisms when required in the respective projects. In case of large number of candidates arriving, the walk-in-interview may be extended to the next day. Allotment of interview serial of candidates will be based on "first come, first served". No TA/DA is admissible for attending the interview.
Details on projects, eligibility criteria, format for biodata, etc. can be obtained from the OBB website (**www.odishabiodiversityboard.in**) or can be collected from the office during working hours.
Sd/-
Member Secretary
Odisha Biodiversity Board

### ଡକ୍ୟୁମେଣ୍ଟ ହଜିଯାଇଛି

ତା.୦୫.୦୮.୨୦୨୫ରିଖ ନୋଟାରୀ ପବ୍ଲିକ୍, ଜଗତସିଂହପୁରଙ୍କ ନିକଟରେ ଏକ ସତ୍ୟପାଠ ଦ୍ୱାରା ମୁଁ "ପ୍ରହଲ୍ଲାଦ ଖୁଣ୍ଟିଆ", ବୟସ ୭୫ ବର୍ଷ, ପିତା- ୰ ଗୋପିନାଥ ଖୁଣ୍ଟିଆ, ଗ୍ରାମ/ପୋ: ଶିଆଁପୁର, ଥାନା/ଜିଲ୍ଲା: ଜଗତସିଂହପୁର, ଏତଦ୍ୱାରା ଜଣାଇ ଦେଉଅଛି ଯେ ପ୍ରହଲ୍ଲାଦ ଖୁଣ୍ଟିଆଙ୍କ ନାମରେ ଥିବା ଏକ ମୂଳ ବିକ୍ରୟ ଦଲିଲ ନଂ. ୧୩୮୬, ତା.୦୭.୦୬.୧୯୮୯ରିଖ, ମୌଜା: ଶିଆଁପୁର ଏବଂ ପ୍ରହଲ୍ଲାଦ ଖୁଣ୍ଟିଆଙ୍କ ନାମରେ ଥିବା ଗୋଟିଏ ମୂଳ ଆର୍.ଓ.ଆର୍. ଯାହାର ଖତିୟାନ ନଂ. ୮୨୯, ମୁଁ ଗତ ତା.୨୯.୦୭.୨୦୨୫ ରିଖରେ ମୋର ବାସସ୍ଥାନରୁ ଜଗତସିଂହପୁର, ସାନବଜାରରେ ଉକ୍ତ ଦଲିଲ ଗୁଡ଼ିକ ଜେରକ୍ସ କରିବା ପାଇଁ ଯିବା ସମୟରେ କେଉଁଠାରେ ହଜିଯାଇ ଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଡକ୍ୟୁମେଣ୍ଟଗୁଡ଼ିକ ପାଇଛନ୍ତି/ପାଆନ୍ତି ତେବେ ନିମ୍ନଦର୍ଶିତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ।
ଯୋଗାଯୋଗ: ପ୍ରହଲ୍ଲାଦ ଖୁଣ୍ଟିଆ, ମୋବାଇଲ ନଂ. ୯୧୭୮୨୬୧୦୬୬


# ଦେବଗଡ଼ରେ ଦନ୍ତାହାତୀର ମୃତ୍ୟୁ, କାରଣ ଅସ୍ପଷ୍ଟ

ଦେବଗଡ଼,(ସବ୍ୟୁ): ଦେବଗଡ଼ ଜିଲ୍ଲା ରିଆମାଳ ବନାଞ୍ଚଳ ପଳସମା ସେକ୍ସନ କୋହ୍ଲବସା ପଞ୍ଚାୟତ ଅନ୍ତର୍ଗତ ଚିରଗୁଣିକୁଦର ଗ୍ରାମରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି । ଚିରଗୁଣିକୁଦର ନୁଆଁକଟା ଠାରେ ଶୁକ୍ରବାର ସକାଳ ୮ ଟାରେ ଏକ ଦନ୍ତାହାତୀ ମୃତ୍ୟୁ ଘଟିଥିବା ଜନସାଧାରଣ ଦେଖିଥଲେ । ପରେ ସେମାନେ ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ରେଞ୍ଜର ନିରଞ୍ଜନ ଧରୁଆ ପହଞ୍ଚି ତଦନ୍ତ କରିଥିଲେ । ଏହାପରେ ଡିଏଫଓ ରଶ୍ମି ଜି, ଏସିଏଫ୍ ସ୍ୱାଧୀନତା ସାହାଣୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଖବର ପାଇ ରେଞ୍ଜର ନିରଞ୍ଜନ ଧରୁଆ ପହଞ୍ଚି ତଦନ୍ତ କରିଥିଲେ । ଏହାପରେ ଡିଏଫଓ ରଶ୍ମି ଜି, ଏସିଏଫ୍ ସ୍ୱାଧୀନତା ସାହାଣୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସେହିପରି ବନବିଭାଗ ସହ ସାଇଣ୍ଟିଫିକ୍ ଟିମ୍,ବିଦ୍ୟୁତ ବିଭାଗ ପହଞ୍ଚି ପରୀକ୍ଷାନିରୀକ୍ଷା କରୁଛନ୍ତିଛ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ୍ ରିପୋର୍ଟ ଆସିବା ପରେ ଜଣା ପଡିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି ।

# ସ୍କୁଲ ବାରଣ୍ଡାରେ ଶିକ୍ଷକ ଅଚେତ୍, ଡାକ୍ତରଖାନାରେ ମୃତ୍ୟୁ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ସରକାରୀ ବାଳକ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅତିଥି ଗଣିତ ଶିକ୍ଷକଙ୍କ ଛାତି ଯନ୍ତ୍ରଣାରେ ମୃତ୍ୟୁ ହୋଇଯାଇଛି । ସେ ହେଲେ ଅଭିରାମ ମାଣ୍ଡିଙ୍ଗି (୩୦) ।

ସୂଚନା ଅନୁଯାୟୀ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅଭିରାମ ମାଣ୍ଡିଙ୍ଗି ଛାତ୍ରଛାତ୍ରୀଙ୍କୁ ପାଠ ପାଇ ଖାଇବାକୁ ଆସୁ ଥିବା ବେଳେ ବିଦ୍ୟାଳୟ ବାରଣ୍ଡାରେ ପେଟ ବ୍ୟଥା ସହ ଛାତି ଯନ୍ତ୍ରଣା ହୋଇଥିଲା । ସେହି ସମୟରେ ବିଦ୍ୟାଳୟର କିରାଣୀ ପ୍ରୀତି ରଞ୍ଜନ ଜେନା ପାଖରେ ଉପସ୍ଥିତ ଥିଲେ । ପରେ ତୁରନ୍ତ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା । ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ପ୍ରିନ୍ସପାଲ ସରୋଜ କୁମାର ତରାଇଙ୍କ କାର ରେ ନିଳାବାଡି ଗ୍ରାମ ପର୍ଯ୍ୟନ୍ତ ଆସୁଥିବା ବେଳେ ବାଟରେ ଆମ୍ବୁଲାନ୍ସକୁ ଦେଖି ଅଭିରାମଙ୍କୁ ଛଡ଼ାଇ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପହଞ୍ଚାଇ ଥିଲେ । ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ମୃତ ଅଭିରାମ ମାଣ୍ଡିଙ୍ଗି ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅଧୀନ ଚାନ୍ଦିଲି ଥାନା ସିନ୍ଧୁବାଇ ଗ୍ରାମର ବାସିନ୍ଦା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ହୋଇ ଥିବାରୁ ପୁଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ମେଡିକାଲରେ ରଖିଛି । ମୃତ୍ୟୁ ଖବର ତାଙ୍କ ପରିବାର ଜାଣିବା ପରେ ମେଡିକାଲରେ ପହଞ୍ଚି ଥିବା ଜାଣିବାକୁ ମିଳିଛି ।


**JEYPORE MUNICIPALITY, JEYPORE**
Phone No.-06854231098, Fax No.- 06854230104, email-ulbjeypore@g.mail.com & jayporem.hud@nic.in
C-1059
**Quotation call Advertisement**
Sealed quotations as per the prescribed format in the quotation call notice are hereby invited from travel agencies tour operators and individuals for "providing one (01) vehicle having seating capacity 7-10 Nos (including driver) which shall conform to the terms and conditions for official use in the Office of the Executive Office, Jeypore Municipality on a monthly rental basis".

| No of Works | 01 |
|---|---|
| Details of the work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e., www.jeyporemuncipality.in |
| Date & Time of Bidding | From 12.09.2025 at 11:00 Hours to 23.09.2025 up to 11:00 Hours |
| Offline Documents Received through Speed Post | 13.09.2025 at 11:00 Hours to 23.09.2025 Up to 11:00 Hours (Working Days Only) |
| Offline Documents shall be opened in the presence of the Participating Bidders | 24.09.2025 at 16:00 Hours onwards |
| Paper Cost (INR) | Rs. 600/- |
| Security Deposit (INR) | Rs. 4000/- |

OIPR : 13079/11/0065/2526
Sd/- Executive Officer,
Jeypore Municipality


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ତନେଇରା ପକ୍ଷରୁ ଫେଷ୍ଟିଭ୍ କଲେକ୍ସନ୍ ନିଆରା

# ସ୍ୱତନ୍ତ୍ର ଅଫର ଗୋଲଡେନ୍ କୋକୁନ୍ ପରଚେଜ୍ ପ୍ଲାନ୍

ଭୁବନେଶ୍ୱର (ସବ୍ୟୁ): ହାଉସ୍ ଅଫ୍ ଟାଟାର ମହିଳା ଏଥେନିକ୍ ୱେର ବ୍ରାଣ୍ଡ ତନେଇରା ଏହାର



ଫେଷ୍ଟିଭ୍ କଲେକ୍ସନ୍ ନିଆରା ସହିତ ପାର୍ବଣକୁ ସ୍ୱାଗତ କରିଛି। ରେସମ ସୁତା, ଟସର ଏବଂ ବିବିଧ ବୟନ ପରମ୍ପରାର ମିଶ୍ରଣରେ ପ୍ରସ୍ତୁତ ଏହି କଲେକ୍ସନ୍ ସୁଲଭ ମୂଲ୍ୟରେ ବହୁବିଧ ଡ୍ରେସ୍ ପ୍ରଦାନ କରେ ଯାହା ପ୍ରତ୍ୟେକ ଉତ୍ସବ ପାଇଁ ଉପଯୁକ୍ତ। ଷ୍ଟୋରରେ ୧୦ହଜାର ଟଙ୍କା କିମ୍ବା ଅଧିକ ବ୍ୟୟ କରୁଥିବା ଗ୍ରାହକ ପ୍ରତି ୧୦ହଜାର ଟଙ୍କା କ୍ରୟ ଉପରେ ୧ହଜାର ଟଙ୍କାର ଗିଫ୍ଟ ଭାଉଚର ପାଇବେ। ଏହା ପରବର୍ତ୍ତି କ୍ରୟ ସମୟରେ ରିଡିମ୍ ହେବ। ଏହା ସହିତ ୫୦ହଜାର ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ମୂଲ୍ୟର କ୍ରୟ କରୁଥିବା ଗ୍ରାହକମାନେ ୦.୨ ଗ୍ରାମର ଏକ ତନିସ୍କ ଗୋଲ୍ଡ କଏନ୍ ପାଇବେ। ୫ତାରିଖରୁ ଆରମ୍ଭ ହୋଇଥିବା ଏହି ଅଫର ଆସନ୍ତା ମାସ ୨୦ତାରିଖ ପର୍ଯ୍ୟନ୍ତ ବୈଦ୍ଧ ରହିବ। ଏହି ପରିପ୍ରେକ୍ଷୀରେ ଟାଇଟନ୍ କମ୍ପାନୀ ଲିମିଡେଟ୍‌ର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଶାହା ଗୌରବ କ୍ରିଷ୍ଣା କହିଛନ୍ତି ବର୍ଷର ସବୁଠାରୁ ଆନନ୍ଦ ସମୟ ହେଉଛି ପୂଜା। ଏଥର ପାର୍ବଣରେ ଆମେ ନିଆରାକୁ ଉନ୍ମୋଚନ କରି ଆମେ ଅତ୍ୟନ୍ତ ଆନନ୍ଦିତ।

## ଗେଟ ନଂ ୨୧୯ ଲାଗି ଟ୍ରେନ ବିଳମ୍ବ ୧୬ ଘଣ୍ଟା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ରେଳବାଇ ରେଳ ଫାଟକ ୨୧୯ ନମ୍ବର ଦୀର୍ଘ ବର୍ଷ ଧରି ଚର୍ଚ୍ଚାରେ ରହି ଆସିଛି । ରେଳ ଫାଟକ ପଡ଼ିଲେ ଅସମ୍ଭବ ଭିଡ, ଉଭୟ ପାର୍ଶ୍ୱରେ ଜରୁରୀ କାଳୀନ ଯାନବାହାନ ଅଟକି ଧନ ଜୀବନ ପ୍ରତି ବିପଦ ସୃଷ୍ଟି, ଯାତ୍ରୀମାନଙ୍କ ମଧ୍ୟରେ ଜଲଦି ଯିବାକୁ ନେଇ ମାଡପିଟ, ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଓ ପରୀକ୍ଷାରେ ଅନେକ ସମୟରେ ବାଧା ସୃଷ୍ଟି ହେବା ସହିତ ଅଧିକ ସବୁଠାରୁ କ୍ଷତି ସହୁଛି ରେଳ ବିଭାଗ । ଏହି ରେଳ ଫାଟକ ଦେଇ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ଲୋକ ଏହି ନୂଆ ଜଗନ୍ନାଥ ସଡ଼କ ଦେଇ ତୀର୍ଥ କ୍ଷେତ୍ର ପୁରୀକୁ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିବାରୁ ରେଳ ଫାଟକ ଜଗୁଆଳି ଅନେକ ସମୟରେ ରେଳ ଫାଟକ ପକାଇବାର ଅସହାୟ ପ୍ରକାଶ କରୁଛି । ଫଳରେ ବିଭିନ୍ନ ଟ୍ରେନ ଗୁଡ଼ିକ ଆସି ସିଗ୍ନାଲ ନିକଟରେ ଛିଡା ହେବାକୁ ବାଧ୍ୟ ହେଉଛି । ଯାହାଦ୍ୱାରା ରେଳ ଯାତାୟତ ରେ ବିଳମ୍ବ ହେବା ସହିତ ବିଭାଗ କ୍ଷତି ସହିବାକୁ ପଡୁଛି । ସୂଚନା ଅଧିକାର ଆଇନ ସାହାଯ୍ୟରେ ମିଳିଥିବା ଗତ ଜୁଲାଇ ମାସ ରିପୋର୍ଟ ଅନୁଯାୟୀ ନିରାକାରପୁରତାପଙ୍ଗ ମଧ୍ୟରେ ଭାରୀ ଟ୍ରେନ ଯାତାୟାତ ଜୁଲାଇରେ ୩,୨୮ ୯ଟି ଟ୍ରେନ (ଦିନକୁ ହାରାହାରୀ ୧୦୬) ଯାତାୟତ କରିଥିବାବେଳେ ଏହି ଗେଟ ନମ୍ବର ୨୧୯ ବିଳମ୍ବରେ ପଡୁଥିବା କାରଣରୁ ୧୬.୦୮ ଘଣ୍ଟା ବିଳମ୍ବ ଅର୍ଥାତି ପ୍ରତିଦିନ ୩୧ ମିନିଟ ଟ୍ରେନ ଯାତାୟତରେ ବିଳମ୍ବ ହେଉଥିବା ସୂଚାଉଛି । ତେଣୁ ରାଜ୍ୟ ସରକାର ଓ ରେଳ ବିଭାଗ ଉଚିତି ପଦକ୍ଷେପ ଗ୍ରହଣ କରି ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

## ଦେବୀ ସମ୍ମାନରେ ସମ୍ମାନିତ ହେଲେ ଯଶୋଦା ମା ନିବେଦିତା ଲେଙ୍କା

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଏକ ହୋଟେଲର କନଭେନ୍ସନ ସେଣ୍ଟରରେ ଅନୁଷ୍ଠିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଅସାଧାରଣ କାର୍ଯ୍ୟ କରୁଥିବା ନାରୀ ମାନଙ୍କ ପାଇଁ ଦେବୀ ସମ୍ମାନର ୩୩ ତମ ସଂସ୍କରଣରେ ଯଶୋଦା ମା ଫାଉଣ୍ଡେସନ ର ପ୍ରତିଷ୍ଠାତ୍ରୀ ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନିବେଦିତା ଲେଙ୍କାଙ୍କୁ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ଏଡିଟୋରିଆଲ ଡିରେକ୍ଟର ପ୍ରଭୁ ଚାଉଲା, ଓଡ଼ିଶା ରେସିଡେଣ୍ଟ ଏଡ଼ିଟର ଶିବ ମହାନ୍ତିଙ୍କ ଉପସ୍ଥିତିରେ ଦେବୀ ସମ୍ମାନରେ ସମ୍ମାନିତ




କରାଯାଇଛି। ପରିଣତ ବୟସରେ ମଧ୍ୟ ଥକି ନଯାଇ ଗରିବ,ଅଭାବୀ ଓ ମେଧାବୀ ପିଲା ମାନଙ୍କ ପାଇଁ ତାଙ୍କ କାର୍ଯ୍ୟ ତାଙ୍କୁ ଆଜି ଦେଇଛି ନୂତନ ପରିଚୟ ଓ ବିଞ୍ଚିବାର ନୂଆ ରାହା ଓ ସାହା। ଏହି ସମ୍ମାନ ଦ୍ୱାରା ନିବେଦିତା ଲେଙ୍କା ଓଡ଼ିଶାର ଆଗାମୀ ପିଢ଼ି ପାଇଁ ପ୍ରେରଣା ହେବେ ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

# ମାଲାବାର ଗୋଲ୍ଡର ବ୍ରାଇଡାଲ୍ ଶୋ' ଅଭିଯାନ

ଭୁବନେଶ୍ୱର(ସବ୍ୟୁ): ବିଶ୍ୱର ସର୍ବବୃହତ ଏବଂ ବିଶ୍ୱସ୍ତ ଅଳଙ୍କାର ସମଷ୍ଟି ମଧ୍ୟରୁ ଅନ୍ୟତମ ଦାୟୀତ୍ୱବାନ ଅଳଙ୍କାର ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ସହିଦ ନଗର ଶୋ'ରୁମରେ ବ୍ରାଇଡାଲ୍ ଶୋ' ଅଭିଯାନ ଆରମ୍ଭ କରିଛି । ଏହାର ପ୍ରମୁଖ ବଧୂ ଅଳଙ୍କାର ଅଭିଯାନର ଏକ ଅଂଶ ଭାବରେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହି ବର୍ଷ ସୁନା, ହୀରା, ପୋଲକି, ମୂଲ୍ୟବାନ ମଣିପଥର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ବଧୂ ଅଳଙ୍କାର ସଂଗ୍ରହ ଆରମ୍ଭ କରିଛି । ଏହି ଶୋ'କୁ କୃତିକ୍ ସାହୁ, ଶ୍ରୀମତୀ ଏ. ରାମେଶ୍ୱରୀ, ଲେଖକ, ଅଭିନେତ୍ରୀ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଅନ୍ୟାନ୍ୟ ପରିଚାଳନା କର୍ମଚାରୀଙ୍କ ଦ୍ୱାରା ଆରମ୍ଭ କରାଯାଇଛି ।ଏହା ବ୍ୟତୀତ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ଆଗୁଆ ବୁକିଂ ସୁବିଧା ପ୍ରଦାନ କରେ ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରିମ ଦେଇ ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ହାର କିମ୍ବା ପ୍ରଚଳିତ ହାରରେ ଅଳଙ୍କାର ପାଇପାରିବେ,ଯାହା କମ୍ ।ବ୍ରାଇଡାଲ୍ ଶୋ'ର ଶୁଭାରମ୍ଭ



ସମ୍ପର୍କରେ ମତାମତ ଦେଇ, ମାଲାବାର ଗ୍ରୁପ୍ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ପ୍ରତିବର୍ଷ ଆମେ ପ୍ରଚଳନ କରୁଥିବା ଅନନ୍ୟ ଡିଜାଇନ୍ ନୂତନତ୍ୱ ଏବଂ ଆକର୍ଷଣୀୟ ଅଫର ଯୋଗୁଁ ବ୍ରାଇଡାଲ୍ ଶୋ' ଅଭିଯାନ ନୂତନ ଯୁଗର ବଧୂମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ବଧୂ ଅଳଙ୍କାର ଅଭିଯାନ ଭାବରେ ଉଭା ହୋଇଛି । ମାଲାବାର ଗୋଲ୍ଡ ଏବଂ ଡାଇମଣ୍ଡ ଏକ ଭାରତ ଏକ ସୁନା ହାର ଯୋଜନା ପରି ପଦକ୍ଷେପ ମାଧ୍ୟମରେ ଏହାର ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ଏବଂ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ, ଯାହା ଭାରତର ସମସ୍ତ ମାଲାବାର ଶୋ'ରୁମରେ ସୁନା ପାଇଁ ସ୍ଥିର ମୂଲ୍ୟ ସୁନିଶ୍ଚିତ କରିଥାଏ ।

## ଚଳିତ ପାର୍ବଣ ରତୁରେ ସମସ୍ତ ପୂଜା ପେଣ୍ଡାଲରେ

# ଆଇନ ସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ : ଟିପିଡବ୍ଲୁଓଡିଏଲ୍

ଭୁବନେଶ୍ୱର (ସବ୍ୟୁ): ଚଳିତ ପାର୍ବଣ ରତୁରେ ବିଭିନ୍ନ ଦେବା ଦେବୀଙ୍କ ନିମନ୍ତେ ପେଣ୍ଡାଲ୍ ତିଆରି କରାଯାଇ ଉତ୍ସବ ପାଳନ କରାଯାଇଥାଏ । ଏହି ପେଣ୍ଡାଲମାନଙ୍କରେ ବିଭିନ୍ନ ଆଲୋକର ସାଜସଜ୍ଜା ମଧ୍ୟ କରାଯାଇଥାଏ । ଏହି ସବୁ ପେଣ୍ଡାଲକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଆୟୋଜକ କମିଟିମାନଙ୍କୁ ଟିପିଡବ୍ଲୁଓଡିଏଲ୍ ତରଫରୁ ଅନୁରୋଧ କରାଯାଉଅଛି ଯେ, ସମସ୍ତ କମିଟି ନିକଟସ୍ଥ ବିଦ୍ୟୁତ୍ ବିତରକ କମ୍ପାନୀ କାର୍ଯ୍ୟାଳୟରେ ଯୋଗାଯୋଗ କରି ଆଇନ ସମ୍ମତ ଆସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ । ଅସ୍ଥାୟୀ ରୂପେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଆଇନରେ ପ୍ରବିଧାନ ଉପଲବ୍ଧ ଅଛି । ଏଣୁ ବିଦ୍ୟୁତ୍ ସଂଯୋଗ ପାଇଁ କୌଣସି ପ୍ରକାରର ଅନୈତିକ ଉପାୟ କିମ୍ବା ହୁକିଂ କରନ୍ତୁ ନାହିଁ । ବେଆଇନ ଭାବରେ ବିଦ୍ୟୁତ୍ ସଂଯୋଗ କରିବା ଦ୍ୱାରା ଅସରୁକ୍ଷିତ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ କୌଣସି ପ୍ରକାର ବୈଦ୍ୟୁତିକ ଦୁର୍ଘଟଣା ଦ୍ୱାରା ଧନଜୀବନ ହାନୀ ହେବା ସମ୍ଭାବନା ହେବା ସଙ୍ଗେ ଉତ୍ସବ ପରିବେଶ ନଷ୍ଟ ହୋଇପାରେ । ଏହା ଦ୍ୱାରା ଆବଶ୍ୟକ ଥିବା ବିଦ୍ୟୁତ୍ ଚାହିଦାର ଅନୁମାନ କରାଯାଇପାରେ ନାହିଁ । ଯାହା ଫଳରେ କି ସେହି ଅଞ୍ଚଳର ଟ୍ରାନ୍ସଫରମର ଉପରେ ଅତ୍ୟଧିକ ଲୋଡ ପଡିଲେ, ତାହା ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ ବି କରିପାରେ । ଏଣୁ ନୈତିକ ଉପାୟରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଦରଖାସ୍ତ ଦେବା ଫଳରେ ବିଦ୍ୟୁତ୍ ବିତରକ କମ୍ପାନୀର କର୍ମକର୍ତ୍ତା ଆବାଶ୍ୟକତାକୁ ଅନୁମାନ କରି ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ । ଏଣୁ କମ୍ପାନୀ ତରଫରୁ ଆଇନ ସମ୍ମତ ପ୍ରକ୍ରିୟାରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିନିତ ଅନୁରୋଧ କରାଯାଉଅଛି ।

## ଅବକାରୀ ଚଢ଼ାଉ ଜଣେ ଗିରଫ

ବାଲୁଗାଁ ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଟିମ ଶୁକ୍ରବାର ପୃଥକ ଭାବେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ୧୨୫୦ ଲିଟର ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଶାଳିଆ ଡ୍ୟାମ ନିକଟ ପଣସ ଡିହ ଗ୍ରାମର ରବି ଶବର । ତାଙ୍କ ଠାରୁ ୩୦୦ଲିଟର ମଦ ଜବତ କରାଯାଇଛି । ସେହିପରି ଆଦିବାସୀ ଅଧ୍ୟୁଷିତ ମନ୍ଦାର ଗ୍ରାମ ନିକଟରୁ ବେଆଇନ ପ୍ରସ୍ତୁତ ୯୫୦ ଲିଟର ମଦ ଜବତ କରାଯିବା ସହ ୯୪୦୦ ଲିଟର ପୋଚ ନଷ୍ଟ କରାଯାଇଛି ।ବିଭାଗୀୟ ପକ୍ଷରୁ ଏ ସଂକ୍ରାନ୍ତରେ ୫ ଗୋଟି ମାମଲା ରୁଜୁ ହୋଇଛି । ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନରେ ଖୋର୍ଦ୍ଧା ମୋବାଇଲ ଟିମ ସମେତ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି,ଟାଙ୍ଗୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ବେଗୁନିଆ ଅଧିକାରୀ ମିତ୍ରା ପରିଡା, ମୋବାଇଲ ଟିମ ଅଧିକାରୀ ସୁଜିତ କୁମାର ନାଗ ଏବଂ ବାଣପୁର ପୋଲିସ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

## ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତା ପାଇଁ ମନୋନୀତ ହେଲେ

# କଳାହାଣ୍ଡିର ବେଦାନ୍ତ କ୍ରୀଡା କାର୍ଯ୍ୟକ୍ରମର ୨୧ ଜଣ ଯୁବ ତୀରନ୍ଦାଜ

ଭୁବନେଶ୍ୱର (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରୁଛି । ସମ୍ପ୍ରତି, ଏହି କ୍ରୀଡାବିତମାନଙ୍କ ମଧ୍ୟରୁ ୨୧ ଜଣ ଯୁବ ତୀରନ୍ଦାଜ ଆଗାମୀ ୨୬ତମ ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତା ୨୦୨୫ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବେଦାନ୍ତର ସହାୟତାରେ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଲାଞ୍ଜିଗଡ଼ର ଏସ୍‌ଏସ୍‌ଡି ସ୍କୁଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପରୀକ୍ଷଣରୁ ଏହି ଯୋଗ୍ୟତା ହାସଲ କରିଛନ୍ତି, ଯେଉଁଠାରେ ମୋଟ ୪୦ ଜଣ ତୀରନ୍ଦାଜ ଭାରତୀୟ ରାଉଣ୍ଡ, କମ୍ପାଉଣ୍ଡ ଏବଂ ରିକର୍ଭ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

୨୦୧୮ରେ ଆରମ୍ଭ ହୋଇଥିବା ବେଦାନ୍ତ ଲାଞ୍ଜିଗଡ଼ର କ୍ରୀଡା ପଦକ୍ଷେପ କଳାହାଣ୍ଡିର ଯୁବ ପ୍ରତିଭାକୁ ବୃତ୍ତିଗତ ତାଲିମ, ଜାତୀୟ ସ୍ତରୀୟ ପ୍ରଶିକ୍ଷଣ, ଆଧୁନିକ ଉପକରଣ ଏବଂ କିଟ୍, ଲଜିଷ୍ଟିକ୍ ସହାୟତା ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦାନ



କରି ସେମାନଙ୍କୁ ପ୍ରୋତ୍ସାହିତ କରୁଛି। ବର୍ତ୍ତମାନ, ୪୦ ଜଣ ଛାତ୍ର ତୀରନ୍ଦାଜୀରେ ଏବଂ ଅନ୍ୟ ୪୦ ଜଣ ଆଥଲେଟିକ୍ସରେ ତାଲିମ ନେଉଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ଯୁବା ତାଲିମ ପାଇଛନ୍ତି। ଏହି ପଦକ୍ଷେପ ଲଗାତାର ପ୍ରଭାବଶାଳୀ ଫଳାଫଳ ପ୍ରଦାନ କରିଆସୁଛି, ପ୍ରଶିକ୍ଷାର୍ଥୀମାନେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟସ୍ତରୀୟ ଇଭେଣ୍ଟରେ ୩୭ ପଦକ ଜିତିଛନ୍ତି, ଜାତୀୟ ପ୍ରତିଯୋଗିତାରେ ୨୦ରୁ ଅଧିକ ପ୍ରତିନିଧିତ୍ୱ କରିଛନ୍ତି ଏବଂ ଦ୍ୱିତୀୟ ଜନ ଜାତୀୟ ଖେଳ ମହୋତ୍ସବ ୨୦୨୪ରେ ଗୋଟିଏ ଜାତୀୟ ପଦକ ଜିତିଛନ୍ତି।

ଏହି ଗୌରବର ମୁହୂର୍ତ୍ତରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଆନନ୍ଦ ପ୍ରକାଶ କରି କହିଛନ୍ତି, "ଏହି ସଫଳତା କେବଳ ଯୁବ ତୀରନ୍ଦାଜଙ୍କ ପାଇଁ ନୁହେଁ ବରଂ କଳାହାଣ୍ଡିର ସମଗ୍ର ସମ୍ପ୍ରଦାୟ ପାଇଁ ଏକ ଗର୍ବର ମୁହୂର୍ତ୍ତ। କମ୍ପାନୀ ୫୦୦ରୁ ଅଧିକ ଯୁବକଙ୍କୁ ତୀରନ୍ଦାଜୀ, ହକି, କରାଟେ ଏବଂ ଫୁଟବଲ୍ ତାଲିମ ଦେଇଛି, ଯେତେବେଳେ ଏହାର ବୃହତ ସାମାଜିକ ପ୍ରଭାବ କାର୍ଯ୍ୟକ୍ରମ ୫୦୦ଟି ଗାଁର ୪.୫ ଲକ୍ଷ ଲୋକଙ୍କ ଜୀବନକୁ ଛୁଇଁଛି, ଯାହା ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତିକୁ ବ୍ୟାପିଛି। ଏହାର ପ୍ରମୁଖ 'ନନ୍ଦଘର' ପ୍ରକଳ୍ପର ଅଂଶ ଭାବରେ, ବେଦାନ୍ତ ଓଡ଼ିଶାରେ ୫୩୧ଟି ଆଧୁନିକ ଅଙ୍ଗନୱାଡି ପ୍ରତିଷ୍ଠା କରିଛି, ଯାହା ରାଜ୍ୟରେ ମହିଳା ଏବଂ ଶିଶୁ ବିକାଶକୁ ପ୍ରୋତ୍ସାହିତ କରୁଛି।

## ଲାଞ୍ଚ ନେଇ ଗିରଫ ହେଲେ ଜିଲ୍ଲା ଶ୍ରମ ଅଧିକାରୀ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ବେଆଇନ ଲାଞ୍ଚ କାରବାର କରି ଭିଜିଲାନ୍ସଦ୍ୱାରା ଗିରଫ ହୋଇଛନ୍ତି । ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲାର ଜଣେ ଗରୀବ ଶ୍ରମିକଙ୍କୁ ଶ୍ରମ ବିଭାଗ ପରିଚୟ ପତ୍ର ପ୍ରଦାନ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀ ୬ ହଜାର ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ । ଶ୍ରମ ଅଧିକାରୀ ରାଉତଙ୍କ ନୟାଗଡ଼ସ୍ଥିତ ସରକାରୀ ଦପ୍ତରରୁ ଭିଜିଲାନ୍ସ ଦଳ ଗିରଫ କରିଛି । ଗିରଫ ପରେ ଭିଜିଲାନ୍ସ କୋର୍ଟରେ ହାଜର କରାଯିବାକୁ ଗିରଫ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଂଜନ ରାଉତ ଲାଞ୍ଚ ନେଇ ଭିଜିଲନ୍ସ ହାତରେ ଗିରଫ ହୋଇଛନ୍ତି । ଶ୍ରମ ବିଭାଗ ପରିଚୟ ପତ୍ର ପ୍ରଦାନ ପାଇଁ ଜଣେ ଗରୀବ ଶ୍ରମିକଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ । ଶୁକ୍ରବାର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ର ଏକ ସ୍ୱତନ୍ତ୍ର ଦଳ ନୟାଗଡ଼ ଶ୍ରମ କାର୍ଯ୍ୟାଳୟ ପରିସରରେ ଛକି ରହିଥିଲେ । ଆପତ୍ତିକାରୀ ଶ୍ରମିକ ଶୁକ୍ରବାର ଦିନ ଜିଲ୍ଲା ଶ୍ରମ ଅଧିକାରୀ ରାଉତଙ୍କୁ ଦାବି ମୁତାବକ ୬ ହଜାର ଲାଞ୍ଚ ଟଙ୍କା ପ୍ରଦାନ କରିଥିଲେ । ପୂର୍ବ ଯୋଜନା ଅନୁଯାୟୀ ଶ୍ରମ କାର୍ଯ୍ୟାଳୟ ରେ ଛକି ବସିଥିବା ଭିଜିଲନ୍ସ ଦଳ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦପ୍ତରରେ ଚଢ଼ାଉ କରିବା ସମୟରେ ଅଭିଯୁକ୍ତ ଶ୍ରମ ଅଧିକାରୀ ଚିତ୍ତରଂଜନ ରାଉତଙ୍କ ଠାରୁ ରଙ୍ଗ ହାତରେ ୬ ହଜାର ଲାଞ୍ଚ ଟଙ୍କା ଜବତ କରିଥିଲେ । ଅଭିଯୁକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଂଜନ ରାଉତଙ୍କ କାର୍ଯ୍ୟାଳୟ, ନୟାଗଡ଼ସ୍ଥିତ ଭଡ଼ା ବାସ ଭବନ ଓ କଟକ କନ୍ଦରପୁର ଫକିରପଡ଼ାସ୍ଥିତ ପୈଠିତୃକ ବାସ ଗୃହଠାରେ ଏକ ସମୟରେ ଭିଜିଲାନ୍ସ ଦଳ ଚଢ଼ାଉ କରିଥିଲେ । ଘଟଣାରେ ଗିରଫ ଜିଲ୍ଲା ଶ୍ରମ ଅଧିକାରୀ ରାଉତଙ୍କୁ ଅଧିକ ପଚରା ଉଚରା କରାଯିବା ସହିତ ଭିଜିଲାନ୍ସ କୋର୍ଟ ରେ ହାଜର କରିବାକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

## ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଭାରତର ୨୩ତମ ଭାରତୀୟ ବିଧି ଆୟୋଗ ଅଧକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦିନେଶ ମାହେଶ୍ୱରୀଙ୍କ ଦ୍ୱାରା କିଟ୍ ଲ ସ୍କୁଲରେ ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ମାହେଶ୍ୱରୀ କହିଲେ, ଆଇନ୍ ଛାତ୍ରଛାତ୍ରୀମାନେ ସର୍ବଦା ସେମାନଙ୍କ ବୃତ୍ତିରେ ଉତ୍କର୍ଷତା ବଜାୟ ରଖିବା ଉଚିତ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ଆଇନ୍ ଶିକ୍ଷାଲାଭ ସମୟରେ ଛାତ୍ରଛାତ୍ରୀଙ୍କୁ ମୁଟ୍ କୋର୍ଟ ପ୍ରତିଯୋଗିତାର ଯଥେଷ୍ଟ ଆବଶ୍ୟକତା ରହିଛି। ଆର୍‌ବିଟ୍ରେସନ୍ ଆଜି କେବଳ ଏକ ବିକଳ୍ପ ବିବାଦ ସମାଧାନର ବ୍ୟବସ୍ଥା ହୋଇନାହିଁ, ଏହା ଆଇନଗତ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି ବୋଲି ସେ କହିଥିଲେ। ସର୍ବଦା ସ୍ପଷ୍ଟବାଦୀ, ସଠିକତା ଏବଂ ସମାଲୋଚନାମୂଳକ ଚିନ୍ତାଧାରା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ପଷ୍ଟ ହେବାକୁ ଶିଖନ୍ତୁ, ପ୍ରଶ୍ନ ପଚାରି ଚାଲନ୍ତୁ, ସେମାନଙ୍କ ପାଇଁ ସଫଳତା ନିଶ୍ଚିତ ଆସିବ ବୋଲି ସେ କହିଥିଲେ। ଏହି ଅବସରରେ ସେ କୋର୍ଟ କାର୍ଯ୍ୟକଳାପରେ ନିଜକୁ ସଂପୂର୍ଣ୍ଣ ଭାବରେ ପ୍ରତିବଦ୍ଧ କରିବା ସହ ବିଶ୍ୱାସ ସୃଷ୍ଟି କରିବା ଏବଂ ଜଟିଳ ସୂଚନାରୁ ଅର୍ଥ ବାହାର



କରିବାର କ୍ଷମତା ବିକଶିତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଭଳି କାର୍ଯ୍ୟ ପାଇଁ ମୁଟ୍ କୋର୍ଟ ନିଶ୍ଚିତ ଭାବେ ସହାୟକ ହୋଇଥାଏ ବୋଲି ସେ କହିଥିଲେ।

ଜଷ୍ଟିସ୍ ମାହେଶ୍ୱରୀଙ୍କ ଦୁଇ ଦିନିଆ କିଟ୍ ଓ କିସ୍ ଗସ୍ତ ଅବସରରେ ଶୁକ୍ରବାର କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଜଷ୍ଟିସ୍ ମାହେଶ୍ୱରୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି ଦର୍ଶନର ଉଦାହରଣ ଦେଇ କହିଲେ, ସଫଳତା ପାଇବାକୁ ହେଲେ ନକାରାତ୍ମକତା ବିରୋଧରେ ଏକାଠି ହେବାକୁ ପଡ଼ିବ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଏବଂ କିଟ୍ ଲ ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗୀଜ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମୋରମ ଓ ମାଙ୍କଡା ପଥର ଚୋରାଚାଲଣ : ୧୦ଟି ଗାଡି ଜବତ

ପିପିଲି,(ସବ୍ୟୁ): ପିପିଲି ଜଟଣୀ ରାସ୍ତାରେ ବେଆଇନି ମୋରମ ଓ ମାଙ୍କଡା ପଥର ଚୋରାଚାଲଣ ହେଉଥିବା ବେଳେ ଶୁକ୍ରବାର ଭୋର ସମୟରେ ମାଇନ୍ସ ବିଭାଗ ପକ୍ଷରୁ ଅଚାନକ ଚଢାଉ କରାଯାଇଥିଲା । ସେଠାରୁ ମାଇନ୍ସ ବିଭାଗ ୯ଟି ମୋରମ ବୋଝେଇ ହାଇଓ ଗାଡି ସମେତ ୧ଟି ମାଙ୍କଡା ପଥର ଟ୍ରକକୁ ଜବତ କରି ପିପିଲି ପୋଲିସ ଜିମା ଦେଇଥିବା ସୁଚନା ମିଳିଛି । ତେବେ ମିଳିଥିବା ସୁଚନା ମୁତାବକ ପିପିଲି ଡେଲାଙ୍ଗ ଥାନା ଅଂଚଳରେ ଦୈନନ୍ଦିନ ଶହ ଶହ ଟ୍ରିପ ବେଆଇନି ମାଙ୍କଡା ପଥର ଓ ମୋରମ ଚୋରାଚାଲଣ ହେଉଥିବା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଜିଲ୍ଲା ମାଇନ୍ସ ବିଭାଗ ଅଧିକାରୀ ସମୀର କୁମାର ମିଶ୍ରଙ୍କ ତତ୍ୱାବଧାନରେ ଜୁନିୟର ଖଣି ବିଭାଗ ଅଧିକାରୀ ବିଶ୍ୱଜି ବେହେରା ,ପୁରୀ ଏପିଆର ପୋଲିସ ଫୋର୍ସ ସମେତ ପିପିଲି ପୋଲିସ ଏହି ଚଢାଉରେ ସାମିଲ ହୋଇଥିଲେ । ଜବତ ଗାଡି ଗୁଡିକର କାଗଜ ପତ୍ର ଯାଂଚ କରାଯାଇ ସେମାନଙ୍କୁ ନୋଟିସ କରାଯାଇ ଫାଇନ ଆଦାୟ କରାଯିବ ବୋଲି ଜିଲ୍ଲା ମାଇନ୍ସ ବିଭାଗ ଅଧିକାରୀ ଶ୍ରୀମିଶ୍ର ସୁଚନା ଦେଇଛନ୍ତି ।

## ଡେଲିଭରି ବେଗ ଦୁଇ ଗୁଣରୁ ଅଧିକ

# ବୃଦ୍ଧି କରିବା ପାଇଁ ଓଡିଶାରେ ଆମାଜନର ନିବେଶ

ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ସେପ୍ଟେମ୍ବର ୨୩ ତାରିଖରୁ ଆରମ୍ଭ ହେଉଥିବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ପୂର୍ବରୁ ଆମାଜନ ଇଣ୍ଡିଆ ଓଡିଶାରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା, ଗ୍ରାହକଙ୍କ ପାଇଁ ଅତୁଳନୀୟ ମୂଲ୍ୟ, ବେଗ ଓ ଚୟନ ଆଣିବା ପାଇଁ ପ୍ରସ୍ତୁତ ହୋଇଛି। ଏହାର ଭିତିଭୂମିକୁ ସୁଦୃଢ଼ କରି ଆମାଜନ ଇଣ୍ଡିଆ ଭୁବନେଶ୍ୱରରେ ଏକ ନୂଆ ଫୁଲଫିଲମେଣ୍ଟ ସେଣ୍ଟର ସହିତ ଏହାର ଅପରେଶନ୍ସ ନେଟ୍‌ୱର୍କକୁ ସମ୍ପ୍ରସାରଣ କରିଛି ଯାହା ରାଜ୍ୟର ୧୭୦୦୦ରୁ ଅଧିକ ସେଲରମାନଙ୍କୁ ଅଧିକ ଦ୍ରୁତ ବେଗରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ସଶକ୍ତ କରିଛି। ଏଥିସହିତ ଏହା ଅଂଚଳରେ ଶତାଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହାସହିତ ରାଜ୍ୟରେ ଆମାଜନର ପରିଚାଳନା ନେଟ୍‌ୱର୍କରେ ଏବେ ଆଉ ଏକ ନୂଆ ଫୁଲଫିଲମେଣ୍ଟ ସେଣ୍ଟର, ଏକ ସର୍ଟେଶନ ସେଂଟର, ୨୫୦ରୁ ଅଧିକ ଆଇ ହାଭ୍ ସ୍ପେଶ (ଆଇଏଚଏସ) ଷ୍ଟୋର ଓ ୬୦ରୁ ଅଧିକ ଡେଲିଭରି ଷ୍ଟେସନ ସାମଲ ହୋଇଛି। ଏହି ନିବେଶଗୁଡିକ ଆମାଜନକୁ ଭୁବନେଶ୍ୱରର ଗ୍ରାହକଙ୍କୁ ସମାନ ଓ ପରବର୍ତୀ ଦିନ ୨ ଗୁଣ ଅଧିକ ଉତ୍ପାଦ ଡେଲିଭର କରିବାକୁ ସକ୍ଷମ କରିବା ସହିତ ବାର୍ଷିକ ଆଧାରରେ ସେମ୍-ଡେ ଡେଲିଭରି ୧୯୦%ରୁ ଅଧିକ




ବୃଦ୍ଧି ପାଇବ ଏବଂ ନେକ୍ସଟ ଡେ ଡେଲିଭରି ୧୨୦%ରୁ ଅଧିକ ବୃଦ୍ଧି ହେବ।

ଗ୍ରାହକମାନେ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ଦ୍ରୁତତମ ବେଗରେ ଓ ଉନ୍ନତ ମୂଲ୍ୟରେ ପ୍ରଦାନ କରାଯାଉଥିବା ବିସ୍ତୃତ ସିଲେକ୍ସନ ପାଇଁ ସର୍ଫ କରିପାରିବେ। ଏହି ସମୟରେ ସ୍ମାର୍ଟଫୋନ, ଇଲେକ୍‌ଟ୍ରୋନିକ୍ସ, ଫ୍ୟାଶନ, ବିୟୁଟି, ହୋମ୍ ଏସେନ୍ସିଆଲ୍‌ସ, ଗ୍ରୋସରୀ ସମେତ ସମସ୍ତ ଲୋକପ୍ରିୟ ବର୍ଗଗୁଡିକରେ ଆକର୍ଷଣୀୟ ଡିଲ୍ ଉପଲବ୍ଧ ରହିବ। ଚଳିତ ପାର୍ବଣ ରତୁରେ

### ଭୁବନେଶ୍ୱରରେ ଏକ ନୂଆ ଫୁଲ୍‌ଫିଲମେଂଟ ସେଣ୍ଟର

ପ୍ରାଇମ ମେମ୍ବରମାନେ ମାଗଣା ଓ ଦ୍ରୁତ ଡେଲିଭରି, ସ୍ୱତନ୍ତ୍ର ସଂଚୟ, ୟର୍ଲି ଆକ୍‌ସେସ, ମନୋରଞ୍ଜନ କ୍ଷେତ୍ରରେ ରିହାତି ସମେତ ଏକାଧିକ ଲାଭ ପାଇପାରିବେ। ୩୯୯ ଟଙ୍କାରୁ ଆରମ୍ଭ ହେଉଥିବା ବାର୍ଷିକ ମେମ୍ବରସିପ ସହିତ ଆମାଜନ ପ୍ରାଇମକୁ ଆପଣଙ୍କର ପ୍ରତ୍ୟେକ ଦିନକୁ ଉତମ କରିବା ପାଇଁ ଡିଜାଇନ କରାଯାଇଛି। ପ୍ରାଇମ ମେମ୍ବରମାନେ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡର ବ୍ୟବହାର କରି ଆମାଜନ ଡଟ୍ ଇନରେ ସମସ୍ତ କ୍ରୟ ଉପରେ ୫%ର ଅନ୍‌ଲିମିଟେଡ କ୍ୟାଶବ୍ୟାକ ପାଇପାରିବେ, ଯାହା ସପିଙ୍ଗକୁ ଆହୁରି ଅଧିକ ରିୱାର୍ଡିଙ୍ଗ କରୁଛି। ଏହି ଅବସରରେ ଆମାଜନ ପ୍ରାଇମର ସିନିଅର ମ୍ୟାନେଜର ପଲ୍ଲବୀ ସିଂହ କହିଛନ୍ତି, "ଚଳିତ ପାର୍ବଣ ରତୁରେ ପ୍ରାଇମ ମେମ୍ବରମାନେ ୨୪ ଘଂଟା ପୂର୍ବରୁ ସେପ୍ଟେମ୍ବର ୨୨ ତାରିଖରେ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲକୁ ଉପଭୋଗ କରିପାରିବେ। ଓଡ଼ିଶାର ଗ୍ରାହକମାନେ ଆମାଜନ ପେ' ପାଇଁ ଡିଜିଟାଲ ପେମେଂଟର ମଜବୁତ ଗ୍ରହଣକାରୀ ଭାବେ ଉଭା ହୋଇଛନ୍ତି, ଯିଏ ଆମାଜନ ପେ ଟ୍ରାଞ୍ଜାକ୍ସନ ଦ୍ୱାରା ଶୀର୍ଷ ୧୦ଟି ସ୍ଥାନରେ ରହିଛନ୍ତି।

### ‘ଜ୍ଞାନ ଭାରତମ୍’ ଅନ୍ତର୍ଜାତୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଇତିହାସରେ ନଷ୍ଟ ହୋଇଛି କୋଟି କୋଟି ପାଣ୍ଡୁଲିପି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ, ଜ୍ଞାନ ଭାରତମ୍ ଉପରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବିଜ୍ଞାନ ଭବନ ଆଜି ଭାରତର ସୁବର୍ଣ୍ଣ ଅତୀତର ପୁନରୁଥାନର ସାକ୍ଷୀ ହେଉଛି । ସେ ଉଲ୍ଲେଖ କରିଥିଲେ ଯେ ମାତ୍ର କିଛି ଦିନ ପୂର୍ବରୁ ସେ ଜ୍ଞାନ ଭାରତମ୍ ମିଶନ ଘୋଷଣା କରିଥିଲେ ଏବଂ ଏତେ କମ୍ ସମୟ ମଧ୍ୟରେ ଜ୍ଞାନ ଭାରତମ୍ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଥିଲା ।




ଶ୍ରୀ ମୋଦୀ ସୂଚନା ଦେଇଥିଲେ ଯେ, ଏହି ମିଶନ ସହିତ ଜଡ଼ିତ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରାଯାଇଛି । ଏହା ଏକ ସରକାରୀ କିମ୍ବା ଏକାଡେମିକ୍ କାର୍ଯ୍ୟକ୍ରମ ନୁହେଁ ଦର୍ଶାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଜ୍ଞାନ ଭାରତମ୍ ମିଶନ ଭାରତର ସଂସ୍କୃତି, ସାହିତ୍ୟ ଏବଂ ଚେତନାର ଏକ ଘୋଷଣାରେ ପରିଣତ ହେବାକୁ ଯାଉଛି । ସେ ହଜାର ହଜାର ପିଢ଼ିର ଚିନ୍ତନଶୀଳ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଭାରତର ଜ୍ଞାନ, ପରମ୍ପରା ଏବଂ ବୈଜ୍ଞାନିକ ଐତିହ୍ୟକୁ ରେଖାଙ୍କିତ କରି ସେ ଭାରତର ମହାନ ଋଷି, ଆଚାର୍ଯ୍ୟ ଏବଂ ବିଦ୍ୱାନମାନଙ୍କ ଜ୍ଞାନ ଏବଂ ଅନୁସନ୍ଧାନକୁ ସ୍ୱୀକାର କରିଥିଲେ । ମୋଦୀ କହିଥିଲେ ଯେ ଜ୍ଞାନ ଭାରତମ୍ ମିଶନ ଜରିଆରେ ଏହି ଐତିହ୍ୟଗୁଡ଼ିକର ଡିଜିଟାଇଜେସନ୍ କରାଯାଉଛି । ଏହି ଅଭିଯାନ ପାଇଁ ସେ ସମସ୍ତ ନାଗରିକଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସମଗ୍ର ଜ୍ଞାନ ଭାରତମ୍ ଦଳ ତଥା ସଂସ୍କୃତି ମନ୍ତ୍ରଣାଳୟକୁ ଶୁଭେଚ୍ଛା ଜଣାଇଥିଲେ ।

ଏକ ପାଣ୍ଡୁଲିପି ଦେଖିବା ସମୟକୁ ଭ୍ରମଣ ଭଳି ଅନୁଭବ କରେ ବୋଲି ଦର୍ଶାଇ ଶ୍ରୀ ମୋଦୀ ବର୍ତ୍ତମାନର ଏବଂ ଅତୀତର ପରିସ୍ଥିତି ମଧ୍ୟରେ ବ୍ୟାପକ ପାର୍ଥକ୍ୟ ପ୍ରତିଫଳିତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଆଜି, କି-ବୋର୍ଡ ସାହାଯ୍ୟରେ, ଆମେ ଅପସାରଣ ଏବଂ ସଂଶୋଧନ ବିକଳ୍ପଗୁଡ଼ିକର ସୁବିଧା ସହିତ ବ୍ୟାପକ ଭାବେ ଲେଖିବାରେ ସକ୍ଷମ ହୋଇଛୁ ଏବଂ ପ୍ରିଣ୍ଟର ମାଧ୍ୟମରେ ଗୋଟିଏ ପୃଷ୍ଠାର ହଜାର ହଜାର କପି ପ୍ରସ୍ତୁତ କରାଯାଇପାରିବ । ଶହ ଶହ ବର୍ଷ ପୂର୍ବର ବିଶ୍ୱକୁ କଳ୍ପନା କରିବାକୁ ଦର୍ଶକଙ୍କୁ ଅନୁରୋଧ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ସେହି ସମୟରେ ଆଧୁନିକ ଭୌତିକ ସମ୍ବଳ ଉପଲବ୍ଧ ନଥିଲା ଏବଂ ଆମର ପୂର୍ବ ପୁରୁଷମାନଙ୍କୁ କେବଳ ବୌଦ୍ଧିକ ସମ୍ବଳ ଉପରେ ନିର୍ଭର କରିବାକୁ ପଡ଼ିଥିଲା । ପ୍ରତ୍ୟେକ ଚିଠି ଲେଖିବା ସମୟରେ ଆବଶ୍ୟକ ସୂକ୍ଷ୍ମ ଧ୍ୟାନ ଉପରେ ସେ ଆଲୋକପାତ କରିଥିଲେ । ପ୍ରତ୍ୟେକ ଶାସ୍ତ୍ରର ନିର୍ମାଣରେ ଜଡ଼ିତ ଅପାର ପ୍ରୟାସକୁ ରେଖାଙ୍କିତ କରି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ସେହି ସମୟରେ ମଧ୍ୟ ଭାରତର ଲୋକମାନେ ବିଶାଳ ପାଠାଗାର ନିର୍ମାଣ କରିଥିଲେ ଯାହା ଜ୍ଞାନର ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ ହୋଇଥିଲା । ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଭାରତ ପାଖରେ ଏବେ ବି ବିଶ୍ୱର ସର୍ବବୃହି ପାଣ୍ଡୁଲିପି ସଂଗ୍ରହ ରହିଛି ଏବଂ ଭାରତ ପାଖରେ ପାଖାପାଖି ଏକ କୋଟି ପାଣ୍ଡୁଲିପି ରହିଛି ।

ଇତିହାସର ନିଷ୍ଠୁର ଜୁଆରରେ ଲକ୍ଷ ଲକ୍ଷ ପାଣ୍ଡୁଲିପି ନଷ୍ଟ ହୋଇଯାଇଥିବା ଉଲ୍ଲେଖ କରି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ, ବଞ୍ଚିଥିବା ପାଣ୍ଡୁଲିପିଗୁଡ଼ିକ ଜ୍ଞାନ, ବିଜ୍ଞାନ, ପଠନ ଏବଂ ଶିକ୍ଷା ପ୍ରତି ଆମର ପୂର୍ବପୁରୁଷଙ୍କ ଗଭୀର ଉତ୍ସର୍ଗୀକୃତତାର ପ୍ରମାଣ ଭାବରେ ଛିଡ଼ା ହୋଇଛି । ଭୋଜପତ୍ର ଏବଂ ତାଳପତ୍ର ଉପରେ ଲିଖିତ ଶାସ୍ତ୍ରର ଦୁର୍ବଳତା ଏବଂ ତାମ୍ର ଫଳକରେ ଖୋଦିତ ଶବ୍ଦରେ ଧାତବ କ୍ଷୟର ଆଶଙ୍କା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ଯେ ଏହି ଆହ୍ୱାନଗୁଡ଼ିକ ଆମର ପୂର୍ବଜମାନେ ଶବ୍ଦଗୁଡ଼ିକୁ ଦିବ୍ୟ ଭାବରେ ସମ୍ମାନ କରନ୍ତି ଏବଂ ‘ଅକ୍ଷର ବ୍ରହ୍ମ ଭବ’ର ଆବେଗ ସହିତ ସେଗୁଡ଼ିକର ଉପସ୍ଥାପନ କରନ୍ତି ।

# ଆଜି ମଣିପୁର ଗସ୍ତ କରିବେ ମୋଦି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାରି ମଣିପୁର ଗସ୍ତ କରିବେଛ ଏନେଇ ଅଧିକାରୀକ ଭାବରେ ନିଶ୍ଚିତ କରାଯାଇଛି । ମଣିପୁର ମୁଖ୍ୟ ସଚିବ ପୁନିତ କୁମାର ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ନିଶ୍ଚିତ କରିଛନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଶାନ୍ତି, ବିକାଶର ପଥ ପ୍ରଶସ୍ତ କରିବ । ପ୍ରଧାନମନ୍ତ୍ରୀ ଶନିବାର ଦିନ ୧୨:୧୫ରେ ମିଜୋରାମର ରାଜଧାନୀ ଆଇଜଲରୁ ମଣିପୁରର ଚୁଡାଚାନ୍ଦପୁରରେ ପହଞ୍ଚିବେ । ସର୍ବପ୍ରଥମେ ଚୁଡାଚାନ୍ଦପୁରରେ ସେ ବିସ୍ଥାପିତ ଲୋକଙ୍କ ସହିତ ଆଲୋଚନା କରିବେ ଏବଂ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ । ମଣିପୁରରେ ମୈତେଇ ଏବଂ କୁକି ଜନଜାତି ମଧ୍ୟରେ ହୋଇଥିବା ହିଂସା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ସେଠାକୁ ପ୍ରଥମ ଗସ୍ତ ହେବ । ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୧୩ରୁ ୧୫ପର୍ଯ୍ୟନ୍ତ ୨ ଦିନିଆ ଗସ୍ତରେ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ, ଯେଉଁଥିରେ ମିଜୋରାମ, ମଣିପୁର, ଆସାମ, ପଶ୍ଚିମବଙ୍ଗ ଏବଂ ବିହାର ସାମିଲ ରହିଛି । ଏହି ଗସ୍ତ ମିଜୋରାମରୁ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ଆଇଜଲରେ ୯,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ । ପ୍ରଧାନମନ୍ତ୍ରୀ ବୈରାବି-ସାଇରାଙ୍ଗ ନୂତନ ରେଳ ଲାଇନର ଉଦଘାଟନ କରିବେ ।

ଏହା ପରେ ପ୍ରଧାନମନ୍ତ୍ରୀ ମୋଦୀ ମିଜୋରାମରୁ ମଣିପୁର ଯିବେ । ସେପ୍ଟେମ୍ବର ୧୩ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରାୟ ୧୨:୩୦ ସମୟରେ ଚୁରାଚାନ୍ଦପୁରରେ ପହଞ୍ଚି ୭,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ । ଅପରାହ୍ନ ପ୍ରାୟ ୨:୩୦ ସମୟରେ ସେ ଇମ୍ଫାଲରେ ୧୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ ଏବଂ ଏକ ସାଧାରଣ କାର୍ଯ୍ୟକ୍ରମରେ ଉଦବୋଧନ ଦେବେ । ମଣିପୁର ପରେ ପ୍ରଧାନମନ୍ତ୍ରୀ ଆସାମ ଗସ୍ତ କରିବେ । ଆସାମର ଗୌହାଟୀରେ ଭାରତ ରନି ଡକଫର ଭୂପେନ ହଜାରିକାଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନରେ ଯୋଗଦେବେ ।

## ୧୪ରୁ ଆରମ୍ଭ ହେବ ବୈଷ୍ଣୋ ଦେବୀ ଯାତ୍ରା

ଜମ୍ମୁ : ଜମ୍ମୁ କାଶ୍ମୀରରେ ମା ବୈଷ୍ଣୋ ଦେବୀଙ୍କ ପବିତ୍ର ଯାତ୍ରା ଗତ ୧୭ ଦିନ ଧରି ବନ୍ଦ ରହିଥିଲା । କିନ୍ତୁ ଏବେ ଭକ୍ତମାନେ ପୁଣି ଥରେ ମାତାଙ୍କ ଦରବାରରେ ଯୋଗ ଦେଇପାରିବେ । ୧୪ ସେପ୍ଟେମ୍ବରରୁ ପୁଣି ଥରେ ଏହି ଯାତ୍ରା ଆରମ୍ଭ ହେବାକୁ ଯାଉଛି । ଦୀର୍ଘ ସମୟ ଅପେକ୍ଷା ପରେ, ଭକ୍ତମାନଙ୍କ ମଧ୍ୟରେ ଆଶା ରହିଛି ଯେ ସେମାନେ ମାତା ରାଣୀଙ୍କ ଦର୍ଶନ କରିବାର ସୁଯୋଗ ପାଇବେ । ଆଗକୁ ନବରାତ୍ରୀ ଥିବାବେଳେ ଏହି ଖବର ଭକ୍ତଙ୍କ ମଧ୍ୟରେ ଉତ୍ସାହ ଖେଳାଇଦେଇଛି । ଅଗଷ୍ଟ ୨୬ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ତ୍ରିକୁଟ ପାହାଡ଼ରେ ଏକ ବଡ଼ ଭୂସ୍ଖଳନ ହୋଇଥିଲା । ଏହି ଦୁର୍ଘଟଣାରେ ୩୪ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଅନେକ ଆହତ ହୋଇଥିଲେ । ଦୁର୍ଘଟଣାର ଗମ୍ଭୀରତା ଦେଖି ପ୍ରଶାସନ ତୁରନ୍ତ ବୈଷ୍ଣୋ ଦେବୀ ଯାତ୍ରାକୁ ସ୍ଥଗିତ ରଖିଥିଲା । ସେବେଠାରୁ ଏହି ରାସ୍ତା ସମ୍ପୂର୍ଣ୍ଣ ବନ୍ଦଥିଲା ।

## ଓଲଟିଲା ବୋଟ୍: ୧୦ ମୃତ

ପଞ୍ଜାବ: ପାକିସ୍ତାନର ପଞ୍ଜାବ ପ୍ରଦେଶରେ ବନ୍ୟାପାଣିରୁ ଲୋକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ଏକ ଭୟଙ୍କର ଅଘଟଣ ଘଟିଛି । ଉଦ୍ଧାର ଉଦ୍ୟମ ଚାଲିଥିବା ବେଳେ ବୋଟ୍ ଓଲଟିବା ଫଳରେ ୧୦ ଜଣ ବନ୍ୟା ପ୍ରଭାବିତଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ କିଛି ପିଲା ବି ଅଛନ୍ତି ।ତେବେ ମୁଲତାନ, ବାହାଓ୍ୱାଲନଗରରେ ଏହି ଉଦ୍ଧାର ଉଦ୍ୟମ ଚାଲୁଥିବା ବେଳେ ଏପରି ଅଘଟଣ ଘଟିଛି ।

## ଧରାପଡ଼ିଲା ଚାର୍ଲି କିର୍କ ହତ୍ୟାକାରୀ



ୱାଶିଂଟନ : ଆମେରିକାର କଂଜରଭେଟିଭ କର୍ମୀ ତଥା ରାଷ୍ଟ୍ରପତି ଡୋନାଲ ଟ୍ରମ୍ପଙ୍କନିଷ୍ଠ ଚାର୍ଲି କିର୍କଙ୍କ ହତ୍ୟା ମାମଲାରେ ଏକ ବଡ଼ ମୋଡ଼ ଆସିଛି । ଟ୍ରମ୍ପ ଶୁକ୍ରବାର କହିଛନ୍ତି ଯେ ହତ୍ୟା ଅଭିଯୋଗରେ ଜଣେ ସନ୍ଦି କ୍ଙ୍କୁ ଗିରଫ କରାଯାଇଛି । ସେ କହିଛନ୍ତି ଯେ ଅଭିଯୁକ୍ତଙ୍କୁ ଧରାଇବାରେ ତାହାର ଜଣେ ନିକଟତର ବ୍ୟକ୍ତି ପୁଲିସକୁ ସୂଚନା ଦେଇଥିଲା । ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ, ଫ ନ୍ୟୁ ସହିତ କଥାବାର୍ତ୍ତା ସମୟରେ କହିଛନ୍ତି, ମୁଁ ବହୁତ ଆଶାବାଦୀ ଯେ ଆମେ ସଠିକ୍ ଅଭିଯୁକ୍ତକୁ ଧରିଛୁ । ସେ ହେପାଜତରେ ଅଛ । ଆମେ ଭାବୁଛୁ ଆମେ ଯାହାକୁ ଖୋଜୁଥିଲୁ ତାହାକୁ ଧରିଛୁ। ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ, ଫ ୍ୟୁ ନସହିତ କଥାବାର୍ତ୍ତା ସମୟରେ କହିଛନ୍ତି, ମୁଁ ବହୁତ ଆଶାବାଦୀ ଯେ ଆମେ ସଠିକ୍ ଅଭିଯୁକ୍ତକୁ ଧରିଛୁଛ ସେ ହେପାଜତରେ ଅଛି । ଆମେ ଭାବୁଛୁ ଆମେ ଯାହାକୁ ଖୋଜୁଥିଲୁ ତାହାକୁ ଧରିଛୁ । ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ଚାର୍ଲି କିର୍କ ହତ୍ୟା ମାମଲାର ସନ୍ଦି ବ୍ୟକ୍ତିଙ୍କୁ ଟାଇଲର ରବିନସନ ଭାବରେ ଚିହ୍ନଟ କରାଯାଇଛି । ସୂଚନାଯୋଗ୍ୟ ଯେ ଗତ ବୁଧବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ସମୟରେ କିର୍କଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଏହା ପରେ ଏଫବିଆଇ ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରିଥିଲା ଓ ପରେ ପରେ ଅଭିଯୁକ୍ତର ଏକ ଫଟୋ ଜାରି କରାଯାଇଥିଲା ।

# ଗ୍ରୁପ୍-୭ ଉପରେ ଆମେରିକାର ଚାପ

## ୧୦୦% ଶୁଳ୍କ ଲାଗୁ କର



ନୂଆଦିଲ୍ଲୀ: ବୁଧବାର ଭାରତକୁ ବନ୍ଧୁ ବୋଲି କହି ଲଗାଯାଇଥିବା ଶୁଳ୍କ ଉପରେ ଆଲୋଚନା ନେଇ ପ୍ରସ୍ତାବ ଦେବା ପରେ ଏବେ ପୁଣିୟୁଟର୍ଣ୍ଣ ନେଇଛନ୍ତି ଟ୍ରମ୍ପ । ରୁଷରୁ ତେଲ କିଣୁଥିବାରୁ ଭାରତ ଏବଂ ଚୀନ ଉପରେ ୧୦୦% ଶୁଳ୍କ ଲଗାଇବାକୁ ଜି୭ ଦେଶଗୁଡ଼ିକୁ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପ୍ରସ୍ତାବ ଦେଇଛି । ୟୁକ୍ରେନ ସହିତ ଶାନ୍ତି ଆଲୋଚନା ପାଇଁ ମସ୍କୋକୁ ବାଧ କରିବାକୁ ଆମେରିକା ଏଭଳି କରିଥିବା କୁହାଯାଉଛି । ପ୍ରସ୍ତାବିତ ଶୁଳ୍କ ସ୍ତର ୫୦ରୁ ୧୦୦ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଉଛି । ଜି୭ (କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର)ର ଅର୍ଥମନ୍ତ୍ରୀମାନେ ଆଜି ଭିଡିଓ କଲ୍ ମାଧ୍ୟମରେ ଏହି ପ୍ରସ୍ତାବ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଆମେରିକାର ଟ୍ରେଜେରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଚୀନ ଏବଂ ଭାରତ ଋଷରୁ ତୈଳ କିଣି ପୁଟିନଙ୍କ ଯୁଦ୍ଧ ଯନ୍ତ୍ରକୁ ପାଣ୍ଠି ଯୋଗାଉଛନ୍ତି, ଯାହା ନିର୍ଦ୍ଦୋଷ ୟୁକ୍ରେନୀୟ ଲୋକଙ୍କ ମୃତ୍ୟୁସଂଖ୍ୟା ବଢ଼ାଉଛି । ଏହି ସପ୍ତାହ ଆରମ୍ଭରେ, ଆମେ ଆମର ୟୁରୋପୀୟ ସଂଘର ସହଯୋଗୀମାନଙ୍କୁ ସ୍ପଷ୍ଟ କରିଦେଇଛୁ ଯେ, ଯଦି ସେମାନେ ନିଜ ଘର ପଛପଟେ ଚାଲିଥିବା ଯୁଦ୍ଧ ସମାପ୍ତ କରିବା ପାଇଁ ଚାହାନ୍ତି, ତେବେ ସେମାନଙ୍କୁ ଆମ ସହିତ ସାମିଲ ହୋଇ ଅର୍ଥପୂର୍ଣ୍ଣ ଶୁଳ୍କ ଲାଗୁ କରିବାକୁ ହେବ । ଯୁଦ୍ଧ ଶେଷ ହେବା ଦିନ ହିଁ ଲଗାଯାଇଥିବା ଶୁଳ୍କ ପ୍ରତ୍ୟାହାର କରାଯିବ ।

## ନେପାଳ ହିଂସାରେ ଭାରତୀୟ ମହିଳା ମୃତ

ନୂଆଦିଲ୍ଲୀ:ନେପାଳ ହିଂସାରେ ଜଣେ ଭାରତୀୟ ମହିଳାଙ୍କର ମୃତ୍ୟୁ ଘଟିଛି । ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହ ନେପାଳରେ ଥିବା ଲୋକପ୍ରିୟ ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ । ସୋମବାର ନେପାଳରେ ଜେନ୍-ଜିମାନେ ବିରୋଧ ପ୍ରଦର୍ଶନ ଆରମ୍ଭ କରିଥିଲେ ।

ସରକାର ସୋସିଆଲ ମିଡିଆ ବ୍ୟାନ୍ କରିବା ପରେ ରାସ୍ତାକୁ ଓ ।ଇଥିଲେନେପାଳ ଯୁବପିଢି । ମଙ୍ଗଳବାର ଏହି ବିରୋଧ ପ୍ରଦର୍ଶନ ଗମ୍ଭୀର ହୋଇଥିବା ବେଳେ ବିଭିନ୍ନ ନେତାଙ୍କ ସରକାରୀ ବାସଭବନ ଓ ବଡ଼ ବଡ଼ ହୋଟେଲ ଜାଳି ଦେଇଥିଲେ ବିକ୍ଷୋଭକାରୀ, ଯାହାର ଶିକାର ହୋଇଥିଲେ ଗାଜିଆବାଦର ରାଜେଶ ଗୋଲା । ସୂଚନା ମୁତାବକ, ରାମବୀର ସିଂହ ଗୋଲା (୫ ) ଏବଂ ତାଙ୍କ ପନୀ ରାଜେଶ ଗୋଲା ସେପ୍ଟେମ୍ବର ୭ ତାରିଖରେ ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ କାଠମାଣ୍ଡୁ ଯାଇଥିଲେଛ କିନ୍ତୁ ସେପ୍ଟେମ୍ବର ୯ତାରିଖ ରାତିରେ ହିଂସା କ ପ୍ରିଭାଦ ସମୟରେ ସେମାନଙ୍କର ପଞ୍ଚତାରକା ହୋଟେଲରେ ନିଆଁ ଲଗାଇ ଦିଆଯାଇଥିଲା । ଭୟଭୀତ ହୋଇ ରାମବୀର ଝରକାର ପରଦା ବ୍ୟବହାର କରି ତାଙ୍କ ସ୍ତ୍ରୀଙ୍କୁ ତଳକୁ ନେବାକୁ ଚେଷ୍ଟା କରୁଥିଲେ । କିନ୍ତୁ ରାଜେଶଙ୍କ ହାତ ଖସି ଯିବାରୁ ସେ ତଳେ ପଡ଼ିଯାଇଥିଲେ । ଅଧିକ ଉଚ୍ଚରୁ ପଡ଼ିବାରୁ ରାଜେଶ ଗୁରୁତର ଆହତ ହୋଇଥିଲେ ଏବଂ ଅତ୍ୟଧିକ ରକ୍ତ ।ବଯୋଗୁଁ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ।

# ସମ୍ପୂର୍ଣ୍ଣ ବାଣ ନିଷିଦ୍ଧ ସପକ୍ଷରେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଦିଲ୍ଲୀ ଭଳି ସମଗ୍ର ଦେଶରେ ବାଣ ତିଆରି ଓ ଫୁଟାଇବା ବ୍ୟାନ କରିବା ସପକ୍ଷରେ ସୁପ୍ରିମକୋର୍ଟ ମତ ରଖିଛନ୍ତି । ଦେଶର ଅନ୍ୟ ସହରଗୁଡ଼ିକ ସାଂଘାତିକ ପ୍ରଦୂଷଣର ସାମ୍ନା କରୁଥିବା ବେଳେ ବାଣ ବ୍ୟାନ ନିଷ୍ପତ୍ତି କେବଳ ଦିଲ୍ଲୀ-ଏନସିଆରରେ କାହିଁକି ଲାଗୁ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି ।ଦିଲ୍ଲୀ-ଏନସିଆରରେ ବର୍ଷ ତମାମ ବାଣ ତିଆରି ଓ ଫୁଟାଇବା ଉପରେ ରୋକ ଲଗା ଯାଇଥିବାରୁ ଏହା ବିରୋଧରେ ହୋଇଥିବା ଏକାଧିକ ଆବେଦନର ଶୁଣାଣି ସୁପ୍ରିମକୋର୍ଟ କରିଛନ୍ତି । ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇ ମତ ରଖିଛନ୍ତି ଯେ ଯଦି ଏନସିଆରର ଲୋକମାନେ ବିଶୁଦ୍ଧ ବାୟୁ ପାଇଁ ହକଦାର, ତା’ହେଲେ ଅନ୍ୟ ସହରର ଲୋକମାନେ କାହିଁକି ଏହା ପାଇବେ ନାହିଁ? ଯଦି ବାଣ ଉପରେ କୌଣସି ନୀତି ପ୍ରଣୟନ ହେବ, ତା’ହେଲେ ଏହା ସମଗ୍ର ଦେଶରେ ଲାଗୁ ହେବ ।

ଆମେ କେବଳ ଦିଲ୍ଲୀ ପାଇଁ ନୀତି ଆଣିପାରିବୁ ନାହିଁ । ଦିଲ୍ଲୀର ଲୋକମାନେ ଦେଶର ଆଭିଜାତ୍ୟ ସମ୍ପନ୍ନ ନାଗରିକ ହୋଇଥିବାରୁ କେବଳ ସେମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ଅଣାଯାଇ ପାରିବ ନାହିଁ । ଗତ ଶୀତ ଋତୁରେ ମୁଁ ଅମୃତସରରେ ରହିଥିଲି । ସେଠାକାର ପ୍ରଦୂଷଣ ଦିଲ୍ଲୀ ଠାରୁ ବି ଭୟଙ୍କର । ଯଦି ବାଣ ବ୍ୟାନ କରାଯିବ, ତା’ହେଲେ ସମଗ୍ର ଦେଶରେ ଏହା ନିଷେଧ ହେବ ବୋଲି ଜଷ୍ଟିସ ଗବାଇ କହିଛନ୍ତି । ବରିଷ୍ଠ ଆଇନଜୀବୀ ଅପରାଜିତା ସିଂହ ଏହି ଯୁକ୍ତିକୁ ସମର୍ଥନ କରି କହିଛନ୍ତି ଯେ ଆଭିଜାତ୍ୟ ସମ୍ପନ୍ନ ଲୋକମାନେ ନିଜର ଯନି ନିଜେ ନେଇ ପାରିବେ । ପ୍ରଦୂଷଣ ହେବା ମାତ୍ରେ ସେମାନେ ଦିଲ୍ଲୀ ବାହାରକୁ ଚାଲି ଯାଉଛନ୍ତି । ଦେଶବ୍ୟାପୀ ବାଣ ବ୍ୟାନ ପାଇଁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟକୁ ନୋଟିସ କରାଯାଇଛି ।


ଆଗକୁ ଦୀପାବଳି ଆସୁଥିବା ବେଳେ ବାଣ ଉପରେ ସୁପ୍ରିମକୋର୍ଟ ଏପରି ମତ ରଖିଛନ୍ତି । ଦିଲ୍ଲୀ ଓ ଏହାର ଉପକଣ୍ଠ ଅଞ୍ଚଳଗୁଡ଼ିକରେ ଗତ ବର୍ଷ ବାଣ ଫୁଟାଇବା, ବିକ୍ରି କରିବା ଓ ତିଆରି କରିବା ଉପରେ ସଂପୂର୍ଣ୍ଣ ରୋକ ଲାଗିଥିଲା । କେବଳ ଏନସିଆରର କିଛି ସ୍ଥାନରେ ବାଣକୁ ଅନୁମତି ମିଳିଥିଲା । କିନ୍ତୁ ବାଣ ବିକ୍ରି ଉପରେ କଠୋର ନିୟମ ପ୍ରଣୟନ କରାଯାଇଥିଲା ।

୨୦୨୪ ଡିସେମ୍ବର ୧୯ରେ ଦିଲ୍ଲୀ ସରକାର ଗୋଟିଏ ବିଜ୍ଞପ୍ତି ଜାରି କରି ବର୍ଷ ତମାମ ସହରରେ ବାଣ ବ୍ୟାନ କରିଥିଲେ । ସେହିପରି ୨୦୨୫ ଜାନୁଆରୀ ୧୭ରେ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ଓ ହରିୟାଣାର କିଛି ଜିଲ୍ଲାରେ ମଧ୍ୟ ବାଣ ତିଆରି ଓ ଫୁଟାଇବା ଉପରେ ରୋକ ଲଗାଇଥିଲେ ।

### ଆରଏସ୍‌ଏସ୍ ମୁଖ୍ୟଙ୍କ ମନ୍ତବ୍ୟ

# ଭାରତକୁ ସହି ପାରୁନାହାନ୍ତି ଟ୍ରମ୍ପ

ନୂଆଦିଲ୍ଲୀ: ଆରଏସଏସ ମୁଖ୍ୟ ମୋହନ ଭାଗବତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଗାଯାଇଥିବା ଶୁଳ୍କ ବୋମା ଉପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି । ନାଗପୁରରେ ଏକ କାର୍ଯ୍ୟକ୍ରମରେ ମୋହନ ଭାଗବତ ଆମେରିକାର ନାମ ନ ନେଇ କହିଛନ୍ତି ଯେ, ଭାରତ ଉପରେ ଭାରୀ ଶୁଳ୍କ ଲଗାଯାଇଛି । । କାରଣ ଆମ ଦେଶର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଏହା ଦେଖି



ସେମାନେ ଭୟ କରୁଛନ୍ତି । ଆମେ ଆଗକୁ ବଢିଗଲେ ସେମାନଙ୍କର କ’ଣ ହେବ ବୋଲି ଭାବି ଏଭଳି ପଦକ୍ଷେପ ନେଉଛନ୍ତି ।

ଶୁକ୍ରବାର ଦିନ ମୋହନ ଭାଗବତ କହିଛନ୍ତି ଯେ, ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବା ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେବେ । ନାଗପୁରରେ ବ୍ରହ୍ମା କୁମାରୀ ବିଶ୍ୱ ଶାନ୍ତି ସରୋବରର ୭ମ ପ୍ରତିଷ୍ଠା ଦିବସରେ ଭାଷଣ ଦେଇ ଭାଗବତ କହିଛନ୍ତି ଯେ, ମହିଳାମାନଙ୍କ ନେତୃତ୍ୱାଧୀନ ବ୍ରହ୍ମା କୁମାରୀମାନଙ୍କ ପରି, ଆରଏସଏସ ମଧ୍ୟ ଆନ୍ତରିକ ଚେତନା ଜାଗ୍ରତ କରିବା ପାଇଁ କାମ କରେ । ଯେପର୍ଯ୍ୟନ୍ତ ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବେ, ସେପର୍ଯ୍ୟନ୍ତ ସେମାନେ ସମସ୍ୟାର ସମ୍ମୁଖୀନ ହେବେ । ଯଦି ଆମେ କରୁଣା ଦେଖାଇବା ଏବଂ ଭୟକୁ ଦୂର କରିବା ତେବେ ଆମର କୌଣସି ଶତ୍ରୁ ରହିବେ ନାହିଁ । ସେ ଆହୁରି କହିଛନ୍ତି, ବିଶ୍ୱରେ ଲୋକମାନେ ଭୟ କରୁଛନ୍ତି ଯେ, ଯଦି ଭାରତ ଆଗକୁ ବଢିଯାଏ ତେବେ ସେମାନଙ୍କର ସ୍ଥାନ ହ୍ରାସ ପାଇବ ।

## ୬୦ ନେପାଳୀ କଏଦୀ ଭାରତ ସୀମାରେ ଅଟକ



ନୂଆଦିଲ୍ଲୀ: ଭାରତ-ନେପାଳ ସୀମାକୁ ଜଗି ରହିଥିବା ସଶସ୍ତ୍ର ସୀମା ବଳ ଅନ୍ତର୍ଜାତୀୟ ସୀମାର ବିଭିନ୍ନ ସ୍ଥାନରୁ ପ୍ରାୟ ୬୦ ଜଣଙ୍କୁ ଧରିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ନେପାଳୀ, ଯେଉଁମାନେ ନିଜ ଦେଶରେ ଅଶାନ୍ତି ସମୟରେ ଜେଲ୍ ଭାଙ୍ଗି ପଳାୟନ କରିଥିବା ସନ୍ଦେହ କରାଯାଉଛି । ଗତ ଦୁଇଦିନ ମଧ୍ୟରେ ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ସ୍ଥାନରୁ ସଶସ୍ତ୍ର ସୀମା ବଳ ଯବାନମାନେ ସେମାନଙ୍କୁ ଧରିଛନ୍ତି । ସେମାନଙ୍କୁ ସମ୍ପୃକ୍ତ ରାଜ୍ୟ ପୁଲିସ ବାହିନୀକୁ ହସ୍ତାନ୍ତର କରାଯାଇ ପଚରାଉଚରା କରାଯାଉଛି । ଗିରଫ ହୋଇଥିବା ଲୋକଙ୍କ ମଧ୍ୟରୁ ଦୁଇ କିମ୍ବା ତିନି ଜଣ ଭାରତୀୟ ବଂଶୋଦ୍ଭବ ବୋଲି ଦାବି କରନ୍ତି । ଗୃହ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏସ୍ଏସ୍ବି ଭାରତର ପୂର୍ବ ପାର୍ଶ୍ୱରେ ୧,୭୫୧ କିଲୋମିଟର ଲମ୍ବା ବାଡ଼ବିହୀନ ଭାରତ-ନେପାଳ ସୀମାକୁ ଜଗିଥାଏ । ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଓ ସିକିମ୍ରେ ପ୍ରାୟ ୫୦ ବାଟାଲିୟନ ମୁତୟନ କରାଯାଇଛି । ନେପାଳରେ ବିକ୍ଷୋଭ ପରେ ଭାରତ ସୀମାନ୍ତ ଅଞ୍ଚଳରେ କଡ଼ା ସତର୍କତା ଅବଲମ୍ବନ କରାଯାଇଛି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସଶସ୍ତ୍ର ସୀମା ବଳ ଏହାର ନେପାଳୀ ପ୍ରତିପକ୍ଷ ଏପିଏଫ୍ ସହିତ ଯୋଗାଯୋଗରେ ଅଛି ।ବୈଧ ପରିଚୟପତ୍ର ଥିବା ଦୁଇ ଦେଶର ପ୍ରକୃତ ନାଗରିକଙ୍କୁ ସୀମା ପାର ହେବାକୁ ଅନୁମତି ଦିଆଯାଉଛି ବୋଲି ସେ କହିଛନ୍ତି ।

# ୩୦ ଲିଟର ମାଆ କ୍ଷୀର ଦାନ କଲେ ଜ୍ୱାଳା



ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି) : ଭାରତର ଜଣାଶୁଣା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଳା ଗୁଟ୍ଟା ଭିନ୍ନ ଏକ ପ୍ରୟାସ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ବେସାହାରା ପିଲାଙ୍କ ପାଇଁ ମାଆ ସାଜିଛନ୍ତି। ପ୍ରକୃତରେ ସେ ଯାହା କରିଛନ୍ତି ଏବଂ କରୁଛନ୍ତି ତାହା ପ୍ରଶଂସନୀୟ। ଜ୍ୱାଳା ଏବେ ମାଆ ହୋଇଛନ୍ତି। ସେ ପ୍ରତିଦିନ ସରକାରୀ ହସ୍ପିଟାଲକୁ ୬୦୦ ମିଲି କ୍ଷୀର ଦାନ କରୁଛନ୍ତି। ବ୍ୟାଡ୍‌ମିଣ୍ଟନ କୋର୍ଟ୍‌ରେ ଦେଶ ପାଇଁ ଅନେକ ପଦକ ଜିତିଥିବା ଜ୍ୱାଳା ଏବେ ଛୋଟ ନୀରିହ ପିଲାଙ୍କ ଜୀବନ ବଞ୍ଚାଉଛନ୍ତି। ଯେଉଁ ନବଜାତ ଶିଶୁମାନଙ୍କର ନାହାନ୍ତି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଜ୍ୱାଳା ଆଗକୁ ଆସିଛନ୍ତି। ରିପୋର୍ଟ ଅନୁସାରେ ସେ ଏପର୍ଯ୍ୟନ୍ତ ୩୦ ଲିଟର କ୍ଷୀର ଦାନ କଲେଣି। ଗତ ୪ ମାସ ଧରି ଜ୍ୱାଳା ଏଭଳି ଦାନ କରିଆସୁଛନ୍ତି। ଗତ ଏପ୍ରିଲ ୨୨, ୨୦୨୧ରେ ଅଭିନେତା ବିଷ୍ଣୁ ବିନୋଦଙ୍କୁ ବିବାହ କରିଥିଲେ ଜ୍ୱାଳା। ୪ବର୍ଷ ପରେ ସେ ମାଆ ହୋଇଛନ୍ତି। ଜ୍ୱାଳା ତାଙ୍କ ଶିଶୁ କନ୍ୟାକୁ କ୍ଷୀର ଦେବାପରେ ବଳକା କ୍ଷୀରକୁ ଦାନ କରନ୍ତି। ଭାରତରେ ପ୍ରଥମ ଥର ପାଇଁ ଜଣେ ଖେଳାଳି ଏପରି ଏକ ପଦକ୍ଷେପ ନେଇଛନ୍ତି। ଯାହା ପ୍ରକୃତରେ ପ୍ରେରଣାଦାୟକ। ମାଆ କ୍ଷୀର ପିଲାଙ୍କ ପାଇଁ ନିହାତି ଆବଶ୍ୟକ। ମାଆ କ୍ଷୀରରେ ସମସ୍ତ ପୋଷକ ତତ୍ତ୍ୱ ରହିଥାଏ। ଏହା ପିଲାମାନଙ୍କ ମଧ୍ୟରେ ଆଲର୍ଜି, ଆଜ୍ମା ଏବଂ ମେଦ ବହୁଳତାର ଆଶଙ୍କାକୁ ହ୍ରାସ କରେ।

ଜ୍ୱାଳା ତାଙ୍କ ବ୍ୟାଡ୍‌ମିଣ୍ଟନ କ୍ୟାରିୟରରେ ଏକାଧିକ ସଫଳତା ହାସଲ କରିଛନ୍ତି। ସେ ୨୦୧୦ ଓ ୨୦୧୪ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହିଳା ଡବଲ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ଅଶ୍ୱିନୀ ପୋନାପ୍ପାଙ୍କ ସହିତ ଅନେକ ମ୍ୟାଚ୍ ଜିତିଛନ୍ତି। ଏହି ଯୋଡ଼ି ବିଶ୍ୱ ମାନ୍ୟତାର ୧୦ ନମ୍ବର ର୍‍ୟାଙ୍କରେ ରହିଥିଲା। କେବଳ ଏତିକି ନୁହେଁ, ୨୦୧୧ରେ ବିଡବ୍ଲୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ଜ୍ୱାଳା ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୪ରେ ଥମାସ ଓ ଉବେର କପ୍‌ରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଏସିଆ କପ୍ : ପାକିସ୍ତାନର ସହଜ ବିଜୟ



ଦୁବାଇ, ୧୨।୯ (ଏଜେନ୍ସି): ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଏସିଆ କପର ଏକ ମ୍ୟାଚରେ ଓମାନ ଓ ପାକିସ୍ତାନ ଭେଟାଭେଟି ହୋଇଛନ୍ତି । ଏହି ମ୍ୟାଚରେ ଓମାନ ଆଗରେ ୧୬୧ ରନର ବିଜୟ ଲକ୍ଷ୍ୟ ରଖିଛି ପାକିସ୍ତାନ । ମ୍ୟାଚରେ ପାକିସ୍ତାନ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୦ ରନ କରିଥିଲା । ଜବାବରେ ଓମାନ ବିଜୟ ଲକ୍ଷ୍ୟକୁ ପିଛା କରି ୧୬.୪ ଓଭରରେ ୬୭ ରନ କରି ଅଲଆଉଟ ହୋଇଥିଲା। ତେଣୁ ପାକିସ୍ତାନ ୯୩ ରନ ବ୍ୟବଧାନରେ ବିଜୟୀ ହୋଇ ଏସିଆ କପ ଅଭିଯାନ ଆରମ୍ଭ କରିଛି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ପାକିସ୍ତାନ ନିଷ୍ପତ୍ତି ଦେଇଥିଲା । ଦଳ ପକ୍ଷରୁ ମହମ୍ମଦ ହ୍ୟାରିସ ୬୬ ରନ କରିଥିବାବେଳେ ସାହିବଜାଦା ଫରହାନ ୨୯ ରନ ଓ ଫକର ଜମାନ ୨୩ ରନ କରିଥିଲେ । ସେହିପରି ମହମ୍ମଦ ନଓ୍ୱାଜ ୧୯ ରନକରିଥିଲେ । ଓମାନ ପକ୍ଷରୁ ଶାହ ଫୈଜଲ ଓ ଆମିର କଲିମ ୩ଟି ଲେଖାଏଁ ୱିକେଟ ନେଇଥିଲେ । ମହମ୍ମଦ ନଦୀମ ଗୋଟିଏ ୱିକେଟ ନେଇଥିଲେ । ଏସିଆ କପରେ ଶନିବାର ବାଂଲାଦେଶ ଶ୍ରୀଲଙ୍କାକୁ ଭେଟିବ । ସେହିପରି ରବିବାର ଏସିଆ କପର ସବୁଠାରୁ ହାଇ ପ୍ରୋଫାଇଲ ମ୍ୟାଚ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ ।

୧୬୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଓମାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ୧୬.୪ ଓଭରରେ ୬୭ ରନ କରି ଅଲଆଉଟ ହୋଇଛି। ଓପନର ଅମିର କଲାମ୍ ୧୩ରନ, ଅଧିନାୟକ ଜୀତେନ୍ଦର ସିଂ ୧ରନ୍, ମହମ୍ମଦ ମିର୍ଜା ୨୭ରନ୍, ମହମ୍ମଦ ନଦୀମ ୩ରନ, ସୁଫିଆନ୍ ୧ରନ୍, ବିନାୟକ ସୁକଲା ୨ରନ୍ କରିଥିଲେ । ବୋଲିଂରେ ପାକିସ୍ତାନର ସଇମ ଆୟୁବ୍, ସୋଫିଆନ ମୋକିମ ଓ ହହିମ ଅସ୍ରଫ୍ ପ୍ରତ୍ୟେକ ୨ଟି କରି ୱିକେଟ ସଫଳତା ହାସଲ କରିଥିଲେ।

# ଭାରତ-ପାକ୍ ମଧ୍ୟରେ କାହାର ପଲା ଭାରୀ ?



ଦୁବାଇ, ୧୨।୯ (ଏଜେନ୍ସି) : ଆଉ ଗୋଟିଏ ଦିନର ବ୍ୟବଧାନ ପରେ ଏସିଆ କପର ମହାଲଢ଼େଇ ଭାରତ ଓ ପାକିସ୍ତାନ ମଧ୍ୟରେ ହେବ। ସମସ୍ତ କ୍ରିକେଟପ୍ରେମୀଙ୍କ ନଜର ଏହି ମ୍ୟାଚ୍ ଉପରେ ରହିଛି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ କାହାର ପଲା ଭାରୀ ରହିବ ? ଭାରତ ଓ ପାକିସ୍ତାନ ମଧ୍ୟରେ ୧୩ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଭାରତ ୯ ଥର ଓ ପାକିସ୍ତାନ ୩ ଥର ବିଜୟ ହାସଲ କରିଛନ୍ତି। ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ। ପାକିସ୍ତାନ ଏସିଆ କପ ୨୦୨୨ରେ ଭାରତକୁ ପରାଜିତ କରିଥିଲା। ଏହି ମ୍ୟାଚ୍‌ରେ ପାକିସ୍ତାନ ଜିତିଥିବାବେଳେ ପରେ ଭାରତ ଦୁଇଟି ମ୍ୟାଚ୍‌ରେ ବିଜୟଲାଭ କରିଥିଲା। ଏସିଆ କପ୍‌ରେ ଉଭୟ ଦେଶ ମଧ୍ୟରେ ୧୫ଟି ମ୍ୟାଚ୍ ଖେଳାଯାଇଛି। ପାକିସ୍ତାନ ୫ଟି ଓ ଭାରତ ୮ଟି ମ୍ୟାଚ୍ ଜିତିଥିବାବେଳେ ଦୁଇଟି ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ।

ଅନ୍ତର୍ଜାତୀୟ ଟି-୨୦ରେ ଭାରତ ଶୀର୍ଷ ସ୍ଥାନରେ ରହିଛି। ବିଶ୍ୱର ଶ୍ରେଷ୍ଠ ଦୁଇ ବ୍ୟାଟର ଅଭିଷେକ ଶର୍ମା ଓ ତିଲକ ବର୍ମା ଏସିଆ କପ ଖେଳୁଛନ୍ତି। ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମରାଙ୍କ ପରି ଖେଳାଳି ଦଳରେ ରହିଛନ୍ତି।

ଏସିଆ କପ ପୂର୍ବରୁ ପାକିସ୍ତାନ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଆଫଗାନିସ୍ତାନକୁ ହରାଇ ଟାଇଟଲ ହାସଲ କରିଥିଲା। ଦଳ ଏବେ ଭଲ ଫର୍ମରେ ଥିବାରୁ ଭାରତ ସହ କଡ଼ା ମୁକାବିଲା ହେବ ବୋଲି ଆଶା କରାଯାଉଛି। ଦୁବାଇରେ ପାକିସ୍ତାନର ପ୍ରଦର୍ଶନ ଭଲ ନାହିଁ। ପାକିସ୍ତାନ ଏଠାରେ ୫ଟି ମ୍ୟାଚ୍ ଖେଳିଥିବାବେଳେ ୪ଟି ମ୍ୟାଚ୍ ହାରିଛି। ଭାରତ ବିପକ୍ଷରେ ଦଳ କିପରି ପ୍ରଦର୍ଶନ କରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଖେଳାଳିଙ୍କ ଘର ଜଳାଇବାକୁ ଧମକ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି) : ଭାରତ ବିପକ୍ଷରେ ବିବାଦୀୟ ବୟାନ ଦେବାକୁ କେବେ ବି ସୁଯୋଗ ହାତଛଡ଼ା କରନ୍ତି ନାହିଁ ସହିଦ ଆଫ୍ରିଦି। ପୁଣି ଥରେ ଏସିଆ କପ୍ ଭାରତ-ପାକିସ୍ତାନ ଲଢ଼େଇ ହେବାକୁ ଥିବାବେଳେ ଆଫ୍ରିଦିଙ୍କ ବିବାଦୀୟ ବୟାନ ସାମ୍ନାକୁ ଆସିଛି। ଏହା ସୋସିଆଲ ମିଡିଆରେ ଖୁବଜୋର୍‌ରେ ଭାଇରାଲ ହେଉଛି। ଏହି ଭିଡିଓରେ ଭାରତୀୟ ଖେଳାଳିଙ୍କ ଘର ଜଳାଇବା ପାଇଁ ଧମକ ଦିଆଯାଇଛି। ଆଫ୍ରିଦି ସିଧାସଳଖ ଭାରତୀୟ ଖେଳାଳିଙ୍କୁ ଟାର୍ଗେଟ କରିଛନ୍ତି। ପହଲଗାମ ଆକ୍ରମଣରେ ପାକିସ୍ତାନ ଜଡ଼ିତ ଥିବାରୁ ଇଣ୍ଡୋ ପାକ୍ ମ୍ୟାଚ୍ ବର୍ଜନ କରିବାକୁ ଦାବି ହେଉଥିଲା। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀ ୨୬ ଜଣ ଭାରତୀୟଙ୍କୁ ହତ୍ୟା କରିଥିଲେ। ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ କିଛିଦିନ ବାକିଥିବାବେଳେ ପୁଣିଥରେ ବିବାଦୀୟ ବୟାନ ଦେଇଛନ୍ତି ଆଫ୍ରିଦି। ପାକିସ୍ତାନର ଏକ ଚ୍ୟାନେଲ୍‌ରେ ଆଫ୍ରିଦି ଦେଇଥିବା ମନ୍ତବ୍ୟର ଭିଡିଓ କ୍ଲିପ୍ ଭାଇରାଲ ହୋଇଛି।

ଏଥିରେ ସେ କହିଛନ୍ତି ଯେ ଭାରତରେ ଖେଳାଳିମାନଙ୍କ ଘର ଜଳାଇ ଦେବାକୁ ଧମକ ମିଳୁଛି। କିଛି ଖେଳାଳି ଜନ୍ମରୁ ନିଜକୁ ଭାରତୀୟ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି। ତେବେ ଏସିଆ କପରେ ମଧ୍ୟ ସେ କମେଣ୍ଟ୍ରି କରୁଛନ୍ତି। ପରୋକ୍ଷରେ ଇର୍‌ଫାନ୍ ପଠାନଙ୍କୁ ଟାର୍ଗେଟ୍ କରିଛନ୍ତି ଆଫ୍ରିଦି। ସେପ୍ଟେମ୍ବର ୧୪ରେ ହେବାକୁ ଥିବା ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ କୌଣସି କ୍ରେଜ୍ ଦେଖିବାକୁ ମିଳୁନାହିଁ। ଦୁବାଇ ଷ୍ଟାଡିୟମର ସମସ୍ତ ଟିକେଟ ଉପଲବ୍ଧ ରହିଛି। କିନ୍ତୁ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫି ପାଇଁ ହୋଇଥିବା ମ୍ୟାଚ୍‌ର ଟିକେଟ କିଛି ଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଇଥିଲା। ସେଭଳି କୌଣସି ପ୍ରଭାବ ଏସିଆ କପରେ ଦେଖିବାକୁ ମିଳିନାହିଁ।

# ମା' ତାରିଣୀ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ : ତ୍ରିଶୂଳ ଏକ୍ସଆଇ ଠାକୁରାଣୀ ଚାମ୍ପିଅନ




କେନ୍ଦୁଝର, ୧୨।୯ (ସବ୍ୟୁ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କରଞ୍ଜିଆପଡା ଠାରେ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଶୁକ୍ରବାର ଦିନ କେନ୍ଦୁଝର ଗସ୍ତ ଅବସରରେ ପ୍ରଥମେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସହିତ ଆଶୀର୍ବାଦ ନେଇ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପନୀ ଖେଳରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଜନ୍ମମାଟିରେ ଆସିବାର ସୁଯୋଗ ପାଇ ଖୁସି ପ୍ରକଟ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଏହି ଉଦଯାପନୀ ଖେଳରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହାନ୍ତ ଏବଂ ମା' ତାରିଣୀ କ୍ଲବ ର ସଭାପତି ବଳଭଦ୍ର ମହାନ୍ତ ମଞ୍ଚାସିନ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ବିଜୟୀ ଦଳ ତ୍ରିଶୂଳ ଏକ୍ସଆଇ ଠାକୁରାଣୀକୁ ଏକ ଲକ୍ଷ ପଚାଶ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ ଉପମୁଖ୍ୟମନ୍ତ୍ରୀ । ସେହିଭଳି ରନର୍ସଅପ ଦଳ ବିଜୟ ଇଲେଭେନ ଝାରଖଣ୍ଡକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୪୮ଟି ଦଳ ଏହି ଖେଳରେ ଭାଗ ନେଇଥିଲେ । ମା' ତାରିଣୀ କ୍ଲବର ସମ୍ପାଦକ କେଶବଚନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ରମେଶଚନ୍ଦ୍ର ମହାନ୍ତ, ସଦସ୍ୟ ରବିନାରାୟଣ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ନରହରି ମହାନ୍ତ, ନିରାକାର ମହାନ୍ତ, ହେମନ୍ତ ମହାନ୍ତ, ସୁନୀଲ ରାଉତ ତଥା କ୍ଲବ ସମସ୍ତ ସଦସ୍ୟମାନେ ପାଞ୍ଚଦିନ ଧରି ପରିଚାଳନା କରିବା ସହିତ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିଥିଲେ ।

# ବିଶ୍ୱକପ ପରିଚାଳନା କରିବେ ମହିଳା ଅମ୍ପାୟାର




ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି) : ମହିଳା ଦିନିକିଆ ବିଶ୍ୱକପ ପାଇଁ ଆଇସିସି ପକ୍ଷରୁ ଅମ୍ପାୟାର ତାଲିକା ଘୋଷଣା କରାଯାଇଛି। ଏଥର ମହିଳା ଦିନିକିଆ ବିଶ୍ୱକପରେ କେବଳ ମହିଳା ଅମ୍ପାୟାର (ଅଫିସିଆଲ) ହିଁ ମ୍ୟାଚ୍ ପରିଚାଳନା କରିବେ। ପ୍ରଥମ ଥର ପାଇଁ ବିଶ୍ୱକପରେ ଏଭଳି ହେବାକୁ ଯାଉଛି। ଅର୍ଥାତ ମହିଳା ଅଫିସିଆଲ ଅମ୍ପାୟାର ଦାୟିତ୍ୱ ତୁଲାଇବେ। ଏହି ନିଷ୍ପତ୍ତି ଲିଙ୍ଗଗତ ସମାନତା ଦିଗରେ ବଡ଼ ପଦକ୍ଷେପ ହେବ। ଭାରତ ଓ ଶ୍ରୀଲଙ୍କାରେ ବିଶ୍ୱକପ ଆୟୋଜନ ହେବ। ପ୍ରଥମ ମ୍ୟାଚ୍ ଗୌହାଟୀରେ ଖେଳାଯିବ। ପୂର୍ବରୁ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ମହିଳା ଟି-୨୦ ବିଶ୍ୱକପର ଶେଷ ଦୁଇଟି ସଂସ୍କରଣରେ ମଧ୍ୟ ମହିଳା ଅଫିସିଆଲ ମ୍ୟାଚ୍ ପରିଚାଳନା କରିଥିଲେ। ଦିନିକିଆ ବିଶ୍ୱକପ ପାଇଁ ଘୋଷିତ ମ୍ୟାଚ୍ ଅଫିସିଆଲ ତାଲିକାରେ ୪ ଜଣ ରେଫରୀ ଓ ୧୪ ଜଣ ଅମ୍ପାୟାର ସ୍ଥାନ ପାଇଛନ୍ତି। ଭାରତର ଜିଏସ୍ ଲକ୍ଷ୍ମୀଙ୍କ ସମେତ ଟ୍ରୁଡି ଆଣ୍ଡରସନ, ସାନ୍ଦ୍ରେ ଫ୍ରିଜ ଓ ମିଚେଲ ପେରେୟା ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇବେ। ସେହିପରି ଲୌରେନ ଏଜେନ ବାଗ, କିମ୍ କଟନ, ସାଥିରା ଜାକିର ଜେସି, ଜାନି ଏନ୍, କ୍ଲାଇରେ ପୋଲୋସକ୍, ସୁଇ ରେଡ୍‌ଫର୍ଣ୍ଣ, ଗାୟତ୍ରୀ ଭେନୁଗୋପାଳନ, ଜାକ୍‌ଲିନ ୱିଲିୟମ୍ସ,ଯେଲୋଇସ ସେରିଡାନ, ବ୍ରିନ୍ଦା ରାଠୀ, ନିମାଲି ପେରେରା, କେଇରିନ କ୍ଲାଷ୍ଟର, ସାରା ଦାମ୍ବନଭାନା ଓ କାଣ୍ଡାସି ଲାବୋର୍ଟି। ଏଥର ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ବିଶ୍ୱକପ ଆୟୋଜନ କରିବେ। ଆଗାମୀ ୩୦ ତାରିଖରୁ ବିଶ୍ୱକପ ଆରମ୍ଭ ହୋଇ ନଭେମ୍ବର ୨ ତାରିଖରେ ଶେଷ ହେବ।

# ରୁଟ୍ ଶତକ ନମାରିଲେ ପୋଷାକ ଓହ୍ଲାଇବେ ହେଡେନ୍

ମେଲ୍‌ବୋର୍ଣ୍ଣ, ୧୨।୯ (ଏଜେନ୍ସି) : ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ନଭେମ୍ବରରୁ ଆସେସ୍ ଶୃଙ୍ଖଳା ଆରମ୍ଭ ହେବ। ଏବେଠାରୁ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହି ଶୃଙ୍ଖଳା ପୂର୍ବରୁ ଅଷ୍ଟ୍ରେଲିଆର ମହାନ ବ୍ୟାଟର ମାଥ୍ୟୁ ହେଡେନ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଶୃଙ୍ଖଳାରେ ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ଯଦି ଶତକ ନମାରିବେ ତେବେ ସେ ବିନା ପୋଷାକରେ ମେଲ୍‌ବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଦୌଡ଼ିବେ। ତାଙ୍କର ଏହି ବୟାନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ହେଡେନ୍‌ଙ୍କ ଏଭଳି କହିବା ପଛରେ ମଧ୍ୟ ଯଥେଷ୍ଟ କାରଣ ରହିଛି। ରୁଟ୍ ଏବେ କ୍ୟାରିୟରର ସର୍ବଶ୍ରେଷ୍ଠ ଫର୍ମରେ ଅଛନ୍ତି। ୨୦୨୧ ପରଠାରୁ ସେ ୬୧ ଟେଷ୍ଟରେ ୫୬ରୁ ଉର୍ଦ୍ଧ୍ୱ ଆଭରେଜ୍‌ରେ ୫,୭୨୦ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ୨୨ଟି ଶତକ ଓ ୧୭ଟି ଅର୍ଦ୍ଧଶତକ ରହିଛି। ରୁଟ୍ ଅଷ୍ଟ୍ରେଲିଆରେ ୧୪ଟି ଟେଷ୍ଟ ଖେଳି ୩୫.୬୮ ହାରରେ ୮୯୨ ରନ କରିଛନ୍ତି। ସେ ୯ଟି ଅର୍ଦ୍ଧଶତକ ମାରିଥିବାବେଳେ ଶତକ ହାସଲ କରିପାରି ନାହାନ୍ତି। ରୁଟ୍ ଇଂଲଣ୍ଡ ମାଟିରେ ୨୪ଟି ଶତକ ମାରିଥିବାବେଳେ ଭାରତ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାରେ ୩ଟି ଲେଖାଏଁ ଶତକ, ୱେଷ୍ଟଇଣ୍ଡିଜରେ ୪ଟି, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକାରେ ଗୋଟିଏ ଲେଖାଏଁ ଶତକ ମାରିଛନ୍ତି। ଅଷ୍ଟ୍ରେଲିଆ, ବାଂଲାଦେଶ ଓ ୟୁଏଇରେ ସେ ଶତକ ମାରିପାରି ନାହାନ୍ତି।

# ଭାରତୀୟ ଖେଳାଳିଙ୍କ ବ୍ରୋଙ୍କୋ ଟେଷ୍ଟ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି) : ଭାରତର ଷ୍ଟ୍ରେନ୍ଥ ଓ କଣ୍ଡିସନିଂ କୋଚ୍ ଆଡ୍ରିଆନ ଲେ ରୁକ୍ସ ଖେଳାଳିଙ୍କ ବ୍ରୋଙ୍କୋ ଟେଷ୍ଟ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂଙ୍କ ପରି ଖେଳାଳି ଏହି ଟେଷ୍ଟର ସମ୍ମୁଖୀନ ହୋଇଛନ୍ତି। ଏହି ଟେଷ୍ଟ ପରେ ସଞ୍ଜୁ ସାମ୍‌ସନ୍ ହାଲିଆ ହୋଇପଡ଼ିଥିଲେ। ରଗ୍‌ବୀରେ ବ୍ରୋଙ୍କୋ ଟେଷ୍ଟ ହୋଇଥାଏ। ଏହି ଟେଷ୍ଟରେ ୨୦, ୪୦ ଓ ୬୦ ମିଟର ସଟଲ୍ ରହିଛି। ଖେଳାଳିମାନେ ବିନା ବିଶ୍ରାମରେ ୧୨୦୦ ମିଟର ଦୂରକୁ ଦୌଡ଼ିଥାନ୍ତି। ଏହା ପୂର୍ବରୁ ୨୦୧୭ରେ ଖେଳାଳିଙ୍କ ଫିଟ୍‌ନେସ୍ ଲାଗି ୟୋ ୟୋ ଟେଷ୍ଟ ଲାଗୁ ହୋଇଥିଲା। ବ୍ରୋଙ୍କୋ ଟେଷ୍ଟକୁ ନେଇ ପୁରୁଣା ଖେଳାଳି ପ୍ରଶ୍ନ ଉଠାଇଛନ୍ତି। ଏହି ଟେଷ୍ଟ ମାଧ୍ୟମରେ ଖେଳାଳିଙ୍କ ଫିଟ୍‌ନେସ୍ ସ୍ତରରେ ଉନ୍ନତି ଅଣାଯାଇ ପାରିବ ବୋଲି ରୁକ୍ସ କହିଛନ୍ତି।

# ରୋହିତଙ୍କ ବୟାନକୁ ନେଇ ହଇଚଇ



ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି) : ଏସିଆ କପ ଚାଲିଥିବାବେଳେ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ନେଇ ଦର୍ଶକ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଦିନିକିଆ ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି ଚାମ୍ପିଅନ୍ସ ଟ୍ରଫିରେ ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ।

ବହୁଦିନରୁ ଦିନିକିଆ ଫର୍ମାଟରୁ ରୋହିତଙ୍କ ଅବସର ବିଷୟରେ ଆଲୋଚନା ହେଉଥିବାବେଳେ ରୋହିତ ନିଜେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଏହି ଭିଡିଓ ପୋଷ୍ଟ କରି ରୋହିତ ଲେଖିଛନ୍ତି, ମୁଁ ପୁଣି ଆସୁଛି। ପ୍ରକୃତରେ ବହୁତ ଭଲ ଲାଗୁଛି। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବ। ତେଣୁ ରୋହିତ ନେଟ୍ସରେ ଅଭ୍ୟାସ କରୁଥିବା ସମୟର ଏହି ଭିଡିଓ ପୋଷ୍ଟ କରିଛନ୍ତି। ଭାରତୀୟ ଦଳ ଅକ୍ଟୋବର ୧୯ରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ। ରୋହିତ ଶର୍ମା ୨୦୨୪ ଟି-୨୦ ବିଶ୍ୱକପ ଜିତିବା ପରେ ଟି-୨୦ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ପୁଣି ଆଇପିଏଲ୍ ସମୟରେ ସେ ଟେଷ୍ଟରୁ ଅବସର ଘୋଷଣା କରିଥିଲେ। ରୋହିତ ପ୍ରତ୍ୟକ୍ଷ ଭାବେ ସମସ୍ତଙ୍କୁ ସୂଚନା ଦେଇଛନ୍ତି ଯେ ତାଙ୍କଠାରେ ଆହୁରି ଅନେକ ଖେଳି ବାକିଅଛି। ସେ ପୁଣି ଦିନିକିଆ ଫର୍ମାଟ୍‌କୁ ଫେରିବାକୁ ଯାଉଛନ୍ତି।

# ରାଜ୍ୟ ପୋଲିସ ହ୍ୟାଣ୍ଡବଲ, କବାଡି ପ୍ରତିଯୋଗିତା: ଫାଇନାଲରେ କେନ୍ଦୁଝର

କେନ୍ଦୁଝର, ୧୨।୯ (ସବ୍ୟୁ): ଶୁକ୍ରବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଫ୍ଲଡ଼ ଲାଇଟ ଏବଂ ସିନ୍ଥେଟିକ ଗ୍ରାଉଣ୍ଡରେ କେନ୍ଦୁଝର ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୬୮ତମ ରାଜ୍ୟ ପୋଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ପଞ୍ଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର କୋର୍ଟରେ ସିନ୍ଥେଟିକ ମ୍ୟାଟରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ନକ୍‌ଆଉଟ ରାଉଣ୍ଡ ପ୍ରଥମ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ଗତବର୍ଷର ରନର୍ସ ଅପ ଓଏସଏପି ଷଷ୍ଠ ବାଟାଲିୟନ, କଟକ ୪୦ ପଏଣ୍ଟ ହାସଲ କରିଥିବା ବେଳେ ରାଉରକେଲା ୮ ପଏଣ୍ଟ ହାସଲ କରିଥିଲା ଏବଂ ଓଏସଏପି କଟକ ସେମି ଫାଇନାଲ ପ୍ରବେଶ କରିଥିଲା । ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଏସଏପି ଚତୁର୍ଥ ବାଟାଲିୟନ ରାଉରକେଲା ୪୨ ପଏଣ୍ଟ ହାସଲ କରିଥିବା ବେଳେ ଦ୍ୱିତୀୟ ଆଇଆର ବାଟାଲିୟନ ରାୟଗଡା ୨୦ ପଏଣ୍ଟ ହାସଲ କରିଥିଲା ଏବଂ ଚତୁର୍ଥ ବାଟାଲିୟନ ରାଉରକେଲା ୨୦ ପଏଣ୍ଟରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା ।

ତୃତୀୟ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ଜିଲ୍ଲା ୩୩ ପଏଣ୍ଟ ହାସଲ କରିଥିବା ବେଳେ ତୃତୀୟ ଆଇଆର ବାଟାଲିୟନ, କଳିଙ୍ଗ ନଗର ୧୦ ପଏଣ୍ଟ ହାସଲ କରିଥିଲା ଏବଂ ସୁନ୍ଦରଗଡ଼ ଜିଲ୍ଲା ୧୦ ପଏଣ୍ଟରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଅନ୍ତିମ କ୍ୱାର୍ଟର ଫାଇନାଲରେ ଗଜପତି ଜିଲ୍ଲା ୪୬ ପଏଣ୍ଟ ହାସଲ କରିଥିବା ବେଳେ ଓଏସଏପି ତୃତୀୟ ବାଟାଲିୟନ, କୋରାପୁଟ ୪୨ ପଏଣ୍ଟ ହାସଲ କରିଥିଲା ଏବଂ ସେମି ଫାଇନାଲରେ ପ୍ରବେଶ କରିଥିଲା ।

ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର କୋର୍ଟରେ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ନକଆଉଟ ପଦ୍ଧତିରେ ଅନୁଷ୍ଠିତ ପ୍ରଥମ ସେମିରେ ହ୍ୟାଣ୍ଡବଲର ଏନ୍ତୁଡ଼ିଶାଳ କୁହାଯାଉଥିବା କେନ୍ଦୁଝର ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ବିପକ୍ଷରେ ୨୭-୧୫ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଏହି ପ୍ରତିଯୋଗିତାର ମଧ୍ୟାନ୍ତରରେ ଖେଳାଳିମାନଙ୍କ ସହ ଅତିଥି ଭାବେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଏବଂ କେନ୍ଦୁଝର ଏସପି ନିତିନ କୁଶଲକରଙ୍କ ସହ ପରିଚିତ କରାଇ ଦିଆଯାଇଥିଲା। ଏହି ଚାମ୍ପିଅନସିପ୍ କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି